ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ

Approved by DAVP Govt. of India

# ନିଷ୍କର୍ଷ NISHKARSHA

RNI REGD. No. : ODIODI/2020/78909

QR Code Scan for Play NTv(24X7) Channel on Your Mobile Phone

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in

NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 04 ♦ CUTTACK ♦ WEEKLY ♦ 26 JANUARY TO 01 FEBRUARY 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୬ ♦ ସଂଖ୍ୟା -୦୪ ♦ କଟକ ♦ ସାପ୍ତାହିକ ♦ ୨୬ଜାନୁଆରୀ ରୁ ୦୧ ଫେବ୍ରୁଆରୀ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


# ଦେଶ ଓ ରାଜ୍ୟ ପାଳିଲା ପରାକ୍ରମ ଦିବସ

**ନୂଆଦିଲ୍ଲୀ/କଟକ(ଏନ୍.ଏମ୍.):** ଭାରତର ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍ ଆଜି କଟକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମସ୍ଥାନ ସଂଗ୍ରହାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜିତ ପରାକ୍ରମ ଦିବସ ସମାରୋହରେ ଯୋଗ ଦେଇଛନ୍ତି। ସମାବେଶକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ନେତାଜୀଙ୍କୁ ଭାରତର ଜଣେ ମହାନ ସୁପୁତ୍ର ଭାବରେ ବର୍ଣ୍ଣନା କରିବା ସହିତ ତାଙ୍କ ପ୍ରତି ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନେତାଜୀଙ୍କ ଜନ୍ମସ୍ଥାନକୁ ତାଙ୍କର ଗସ୍ତକୁ ସେ ଗଭୀର ଭାବରେ ପ୍ରେରଣାଦାୟକ ବୋଲି କହିଥିଲେ। ସେ କହିଥିଲେ ଯେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କେବଳ ଭାରତର ସ୍ୱାଧୀନତା ପାଇଁ ଲଢ଼ି ନଥିଲେ ବରଂ ସ୍ୱାଧୀନତା ପରେ ଦେଶର ଶାସନ ପାଇଁ ତାଙ୍କର ଏକ ସ୍ପଷ୍ଟ ଦୃଷ୍ଟିକୋଣ ଥିଲା। ନେତାଜୀ ଭାରତକୁ ଏକ ମଜବୁତ, ଶକ୍ତିଶାଳୀ ଏବଂ ଦାରିଦ୍ର୍ୟମୁକ୍ତ ରାଷ୍ଟ୍ର ଭାବେ ନିର୍ମାଣ କରିବାକୁ ପରିକଳ୍ପନା କରିଥିଲେ। ଆଜାଦ ହିନ୍ଦ ଫୌଜର ପରିକ୍ରମା ସଙ୍ଗୀତ 'କଦମ କଦମ୍ ବଢ଼ାଏ ଯା'ର ଉତ୍ସାହ ଉଦ୍ରେକକାରୀ ସ୍ୱରକୁ ସ୍ମୃତିଚାରଣ କରି ଉପରାଷ୍ଟ୍ରପତି କହିଥିଲେ, ମଜବୁତ ଏବଂ ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି ନେତାଜୀଙ୍କର ଦୂରଦୃଷ୍ଟି ଦେଶକୁ ଲଗାତାର ପ୍ରେରଣା ଦେଇ



ନେତାଜୀ ସୁବାଷ ଚନ୍ଦ୍ର ବୋଷ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାନାୟକ : ଉପରାଷ୍ଟ୍ରପତି
ନେତାଜୀଙ୍କ ପରାକ୍ରମ, ସୌର୍ଯ୍ୟ ଆମକୁ ପ୍ରେରଣା ଦିଏ : ପ୍ରଧାନମନ୍ତ୍ରୀ
ଶତାବ୍ଦୀର ମହାନାୟକ ଭାବେ ଦେଶର ଦଶା ଓ ଦିଶା ବଦଳାଇଥିଲେ ନେତାଜୀ : ମୁଖ୍ୟମନ୍ତ୍ରୀ
ଶ୍ରଦ୍ଧାଞ୍ଜଳି ଜଣାଇଲେ ବିରୋଧୀ ଦଳ ନେତା ନବୀନ

ଆସୁଛି। ନେତାଜୀଙ୍କ ସାହସ, ଏକତା ଏବଂ ମାତୃଭୂମି ପ୍ରତି ସର୍ବୋଚ୍ଚ ସମର୍ପଣର ଆଦର୍ଶରୁ ପ୍ରେରଣା ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବା ପାଇଁ ସାମୂହିକ ଭାବରେ ପ୍ରତିଜ୍ଞା କରିବାକୁ ସେ ନାଗରିକମାନଙ୍କୁ ଆହ୍ୱାନ କରିଥିଲେ।

ଉପରାଷ୍ଟ୍ରପତି କହିଥିଲେ, ଭାରତର ସଭ୍ୟତାଗତ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଠାରେ ଇତିହାସ, ଆଧ୍ୟାତ୍ମିକତା ଏବଂ ସଂସ୍କୃତି ଏକତ୍ରିତ ହୋଇଛି। ଜନଜାତି କଲ୍ୟାଣ, ଆଦିବାସୀ ସମ୍ପ୍ରଦାୟର ଜୀବନଧାରଣ ମାନ ଉନ୍ନତ କରିବା ପାଇଁ ଲକ୍ଷ୍ୟବଦ୍ଧ ପ୍ରୟାସ ଏବଂ ନିରନ୍ତର ଭିତ୍ତିଭୂମି ବିକାଶ ଲାଗି ସେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ରାଜ୍ୟର ପ୍ରଗତିକୁ ନେଇ ବିଶ୍ୱାସ ପ୍ରକଟ କରି ସେ କହିଥିଲେ, ନିରନ୍ତର ସୁଶାସନ ସହିତ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେବ।

ଏହି କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରେକର୍ଡ ହୋଇଥିବା ଭାଷଣ ପ୍ରସାରଣ କରାଯାଇଥିଲା। ଉପରାଷ୍ଟ୍ରପତି କହିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନେତାଜୀଙ୍କୁ ଯଥାର୍ଥ ସମ୍ମାନ ପ୍ରଦାନ କରିଛନ୍ତି। ୨୦୨୧ ମସିହାରୁ ନେତାଜୀଙ୍କ ଜନ୍ମବାର୍ଷିକୀକୁ ପରାକ୍ରମ ଦିବସ ଭାବରେ ପାଳନ କରାଯାଉଛି ଏବଂ ରସ୍ ଦ୍ୱୀପକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ ଭାବରେ ନାମିତ କରାଯାଇଛି। ସେ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ନିର୍ଣ୍ଣାୟକ ନେତୃତ୍ୱ, ନିର୍ଭୀକ ଦୃଷ୍ଟିକୋଣ ଏବଂ ଜାତୀୟ ସୁରକ୍ଷା ଓ ସ୍ୱାବଲମ୍ବନ ପ୍ରତି ଅଟଳ ପ୍ରତିବଦ୍ଧତା ପ୍ରକୃତରେ ତାଙ୍କର ପରାକ୍ରମ ଭାବନାକୁ ପ୍ରତିଫଳିତ କରେ। ସେ ଆହୁରି ମଧ କହିଥିଲେ, ପରାକ୍ରମ ଦିବସ କେବଳ ନେତାଜୀଙ୍କ ବୀରତ୍ୱକୁ ମନେ ପକାଇବାର ଏକ ଅବସର ନୁହେଁ। ବରଂ ପ୍ରତ୍ୟେକ ଭାରତୀୟଙ୍କୁ ଦେଶ ସେବାରେ ସାହସିକ ଭାବରେ କାର୍ଯ୍ୟ କରିବା ପାଇଁ ଏକ ଆହ୍ୱାନ। ନେତାଜୀଙ୍କ ଜୀବନ କାହାଣୀ ତାଙ୍କ ମନରେ ପ୍ରଥମେ ଦେଶପ୍ରେମର ଉତ୍ସାହ ଭରିଥିଲା, ଯାହା ଜନସେବା ଏବଂ ଜାତୀୟ କର୍ତ୍ତବ୍ୟ ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ପ୍ରେରଣା ଦେଇଥିଲା ବୋଲି ସେ କହିଥିଲେ। ଏହି ସ୍ମାରକୀ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ, ଉପରାଷ୍ଟ୍ରପତି ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଉପରେ ଏକ ପ୍ରଦର୍ଶନୀ, ଆଜାଦ ହିନ୍ଦ ଫୌଜ ଉପରେ ଡାକ ଟିକଟ ଗ୍ୟାଲେରି ଏବଂ ନେତାଜୀ ସଂସ୍କୃତି ଭବନର ଉଦଘାଟନ କରିଥିଲେ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସହାୟତାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଅନୁକୂଳ ହେଲା ରଥକାଠ : ଘୋଷଯାତ୍ରା ପାଇଁ ପ୍ରକ୍ରିୟା ଆରମ୍ଭ



**ପୁରୀ (ଏନ୍.ଏମ୍.):** ବ୍ରହ୍ମାଣ୍ଡ ନାୟକଙ୍କ ଘୋଷଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ପବିତ୍ର ଶ୍ରୀପଞ୍ଚମୀ ଅବସରରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳାରେ ତିନିଟି କାଠକୁ ବିଧି ମୁତାବକ ପୂଜା କରାଯାଇଛି। ରାଜନଅର ପକ୍ଷରୁ ଗଜପତିଙ୍କ ପ୍ରତିନିଧି ଭାବେ ଦେବୀପ୍ରସାଦ ରାଜଗୁରୁ ଓ ସୋତ୍ରୀୟ ବ୍ରାହ୍ମଣମାନଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା। ପଞ୍ଚାମୃତ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ ଓ ମହାପ୍ରସାଦ ଅର୍ପଣ କରାଯାଇଥିଲା। ରଥ ନିର୍ମାଣ ସୃଜନୀ କାର୍ଯ୍ୟ ହୋଇଥିବାରୁ ମା' ବାଗଦେବୀଙ୍କୁ ଆବାହନ କରାଯାଇଥିଲା। ଏଥିସହ ବରୁଣ ପୂଜା ଏବଂ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରି ତାଙ୍କ ଯାତ୍ରା ନିର୍ବିଘ୍ନରେ ହେବା ପାଇଁ ପ୍ରାର୍ଥନା କରାଯାଇଥିଲା। ପୂଜା, ଆଳତି ସହ ପୁଷ୍ପାଞ୍ଜଳି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍ପି ପ୍ରତୀକ ସିଂହ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ଓ ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୂଜା ବିଧି ସମ୍ପନ୍ନ ହୋଇଥିଲା। ରଥଯାତ୍ରା ନିର୍ବିଘ୍ନରେ ସମ୍ପନ୍ନ ହେବା ନେଇ ପ୍ରଶାସକ, ସେବାୟତମାନେ ପ୍ରାର୍ଥନା କରିଥିଲେ। ରଥ ସଂହିତା ଅନୁଯାୟୀ, ତିନି ରଥ ନିର୍ମାଣ ପାଇଁ ୪୨୬ ଖଣ୍ଡ ଧଉରା, ୩୬୪ ଖଣ୍ଡ ଅସନ, ୭୨ ଖଣ୍ଡ ଫାଶି ଓ ୩ ଖଣ୍ଡ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ୯୨୮ ଜଣ କର୍ମଚାରୀଙ୍କୁ ସାହସିକତା ଏବଂ ସେବା ପଦକ

**ନୂଆଦିଲ୍ଲୀ(ଏଜେନ୍ସି):** ଓଡ଼ିଶାର ମୋଟ୍ ୪ ଜଣଙ୍କୁ ସାହସିକତା ପଦକ, ଦୁଇ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଏବଂ ୧୧ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି। ପ୍ରଶଂସନୀୟ ସେବା ପାଇଁ ଓଡ଼ିଶା ପୁଲିସ ଆଇଜି ଡକ୍ଟର ସାର୍ଥକ ଷଡ଼ଙ୍ଗୀ, କମାଣ୍ଡାଣ୍ଟ ଶ୍ରୀପ୍ରସାଦ ତମାଙ୍ଗ, ଅତିରିକ୍ତ ଏସପି ଶୁଭନାରାୟଣ ମୁଦୁଲି, ଡିଏସପି ପ୍ରଦୀପ କୁମାର ଆଇନ୍ଦ, ଡିଏସପି ପ୍ରଣୀତା କୁମାରୀ ରାୟ, କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତି, ଇନ୍ସପେକ୍ଟର ଅରୁଣ କୁମାର ନାୟକ, ମହମ୍ମଦ ହଫିଜ୍, ହାବିଲଦାର ଲତା ନାୟକ, ଏଏସଆଇ ନିଗମାନନ୍ଦନ ମହାପାତ୍ର, ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ ମୁଦୁଲି।

ଏମାନଙ୍କ ବ୍ୟତୀତ ବିଶିଷ୍ଟ ସେବା ପାଇଁ ଏଡିଜି ପ୍ରତୀକ ମହାନ୍ତି, ଡିସିପି ପ୍ରମୁଖ କୁମାର ସିଂ ପଦକ ପାଇବାକୁ ମନୋନିତ ହୋଇଛନ୍ତି। ସାହସିକତା ପଦକ ପାଇଛନ୍ତି ଓଡ଼ିଶା ପୁଲିସ ଡିଏସପି ଅତୁଲ କୃଷ୍ଣ ଦାସ, ଏଏସଆଇ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, କନଷ୍ଟେବଲ ଥବିର ମାଝୀ ଓ ଘନଶ୍ୟାମ ସାହୁ। ଜୀବନ ଏବଂ ସମ୍ପତ୍ତି ରକ୍ଷା, ଅପରାଧ ନିୟନ୍ତ୍ରଣ କିମ୍ବା ଅପରାଧୀମାନଙ୍କୁ ଧରିବାରେ ଅସାଧାରଣ ସାହସିକତା ଏବଂ ଉଲ୍ଲେଖନୀୟ ସାହସିକତା କାର୍ଯ୍ୟ ପାଇଁ ସାହସିକତା ପଦକ (ଜିଏମ) ପ୍ରଦାନ କରାଯାଏ। ବିପଦର ମୂଲ୍ୟାଙ୍କନ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ବିଚାରକୁ ନେଇ କରାଯାଏ। ୧୨୫ ସାହସିକତା ପୁରସ୍କାର ମଧ୍ୟରୁ ୩୫ ଜଣଙ୍କୁ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ, ୪୫ ଜଣଙ୍କୁ ଜମ୍ମୁ କଶ୍ମୀର କ୍ଷେତ୍ରରୁ, ୫ ଜଣଙ୍କୁ ଉତ୍ତର-ପୂର୍ବରୁ ଏବଂ ୪୦ ଜଣଙ୍କୁ ଅନ୍ୟାନ୍ୟ ଅଞ୍ଚଳରେ କରିଥିବା ସେମାନଙ୍କର ସାହସିକତା କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଛି। ସାହସିକତା ପଦକ (ଜିଏମ): ମୋଟ ୧୨୫ ସାହସିକତା ପଦକ (ଜିଏମ) ମଧ୍ୟରୁ ଯଥାକ୍ରମେ ୧୨୧ ଜଣ ପୁଲିସ କର୍ମଚାରୀ ଏବଂ ୪ ଜଣ ଅଗ୍ନିଶମ ସେବା କର୍ମଚାରୀଙ୍କୁ ସାହସିକତା ପଦକ (ଜିଏମ) ପ୍ରଦାନ କରାଯାଇଛି। ସେବା ପଦକ: ବିଶିଷ୍ଟ ସେବା ଲାଗି ରାଷ୍ଟ୍ରପତିଙ୍କ ପଦକ (ପିଏସଏମ) ବିଶେଷ ଭାବେ ବିଶିଷ୍ଟ ରେକର୍ଡ ପାଇଁ ପ୍ରଦାନ କରାଯାଏ ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ଦ୍ୱାରା ଗୁଣାତ୍ମକ ସେବା ନିମନ୍ତେ ପ୍ରଶଂସନୀୟ ସେବା ପଦକ (ଏମଏସଏମ) ପ୍ରଦାନ କରାଯାଏ। ବିଶିଷ୍ଟ ସେବା ପାଇଁ ମୋଟ ୧୦୧ଟି ରାଷ୍ଟ୍ରପତିଙ୍କ ପଦକ (ପିଏସଏମ) ମଧ୍ୟରୁ, ୮୯ଟି ପୁଲିସ ସେବା ପାଇଁ, ୫ଟି ଅଗ୍ନିଶମ ସେବା, ୩ଟି ବେସାମରିକ ପ୍ରତିରକ୍ଷା ଏବଂ ଗୃହରକ୍ଷୀ ସେବାକୁ ଏବଂ ୪ଟି ସଂସ୍କାରମୂଳକ ସେବା ପାଇଁ ପ୍ରଦାନ କରାଯାଇଛି। ସେହିପରି, ମୋଟ ୭୫୬ ଟି ପ୍ରଶଂସନୀୟ ସେବା (ଏମଏସଏମ) ପଦକ ମଧ୍ୟରୁ, ୬୬୪ଟି ପୁଲିସ ସେବାକୁ, ୩୪ଟି ଅଗ୍ନିଶମ ସେବାକୁ, ୩୩ଟି ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସେବା ଏବଂ ୨୫ଟି ସଂସ୍କାରମୂଳକ ସେବା ପାଇଁ ପ୍ରଦାନ କରାଯାଇଛି।

# ସର୍ବୋଚ୍ଚ ପଦ୍ମ ସମ୍ମାନ ପାଇଁ ଘୋଷଣା

**ନୂଆଦିଲ୍ଲୀ/ଭୁବନେଶ୍ୱର (ଏନ୍.ଏମ୍.):** ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଆଜି ଦେଶର ଅନ୍ୟତମ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମ ପୁରସ୍କାର ଘୋଷଣା କରାଯାଇଛି। ଏହି ପୁରସ୍କାର ପାଇଁ ମନୋନିତ ବିଜେତାମାନଙ୍କୁ ଆସନ୍ତା ମାର୍ଚ୍ଚ/ଅପ୍ରେଲ ମାସରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ କରାଯିବ। ଓଡ଼ିଶାର ୪ ଜଣ ବିଶିଷ୍ଟ ବ୍ୟକ୍ତି ପଦ୍ମଶ୍ରୀ ପୁରସ୍କାର ପାଇବାକୁ ମନୋନିତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲାର ବୟୋଜ୍ୟେଷ୍ଠ ପ୍ରହ୍ଲାଦ ନାଟକ କଳାକାର ସୀମାଞ୍ଚଳ ପାତ୍ର ଏବଂ ସାନ୍ତାଳି ଭାଷାବିତ୍, ଆଦିବାସୀ ସାହିତ୍ୟ ଓ ସଂସ୍କୃତିର ଗବେଷକ ତଥା ସଂରକ୍ଷକ ଚରଣ ହେମ୍ବ୍ରମ୍ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ପାଇବେ। ସେହିପରି ରାଜ୍ୟର ଜଣେ କୁଶଳୀ ବୁଣାକାର ଶରତ କୁମାର ପାତ୍ର ଏବଂ ଜନଜାତି ସାହିତ୍ୟିକ ଓ ଗବେଷକ ମହେନ୍ଦ୍ର କୁମାର ମିଶ୍ର ପଦ୍ମଶ୍ରୀ ପୁରସ୍କାର ପାଇବେ। ସୂଚନାଯୋଗ୍ୟ, ଚରଣ ହେମ୍ବ୍ରମ୍ ଜଣେ ପରିଚିତ ସାନ୍ତାଳି ଲେଖକ ଏବଂ ଶିକ୍ଷା ସଂସ୍କାରକ। ସେ ୧୫ଶହରୁ ଅଧିକ ଇତୁନ୍ ଅସ୍ରା କେନ୍ଦ୍ର ଜରିଆରେ ଆଦିବାସୀ ପରମ୍ପରାକୁ ସୁରକ୍ଷା ଦେଇଛନ୍ତି। ସେ ଆଦିବାସୀ ଯୁବବର୍ଗଙ୍କୁ ସଶକ୍ତ କରିବା ସହିତ ଆଦିବାସୀ ଐତିହ୍ୟର ସଂରକ୍ଷଣ କ୍ଷେତ୍ରରେ ଯୋଗଦାନ ଦେଇଛନ୍ତି। ସେହିପରି ବୟୋଜ୍ୟେଷ୍ଠ କଳାକାର ସୀମାଞ୍ଚଳ ପାତ୍ର ୮୦ ବର୍ଷରୁ ଅଧିକ ସମୟ ଧରି ଦକ୍ଷିଣ ଓଡ଼ିଶାର ପାରମ୍ପରିକ ଲୋକମଞ୍ଚ ପରମ୍ପରା ପ୍ରହ୍ଲାଦ ନାଟକର ପ୍ରଚାରପ୍ରସାର ଏବଂ ସଂରକ୍ଷଣ ଦିଗରେ ନିରନ୍ତର ପ୍ରୟାସ କରି ଆସିଛନ୍ତି। ସେ ନିଜର ବ୍ୟକ୍ତିଗତ ସଞ୍ଚିତ ଅର୍ଥରୁ ସିଂହଭାଗ ଏହି କଳାର ସଂରକ୍ଷଣ ପାଇଁ ବିନିଯୋଗ କରିଛନ୍ତି। ସେହିପରି ବୁଣାକାର ଶରତ କୁମାର ପାତ୍ର ଇକ୍କତ ବୟନ ଶୈଳୀ ଏବଂ ନବସୃଜନ ପାଇଁ ପରିଚିତି ହାସଲ କରିଛନ୍ତି। ସେ ୫୦ରୁ ଅଧିକ ପ୍ରାକୃତିକ ରଙ୍ଗ ଉଦ୍ଭାବନ କରିଛନ୍ତି ଏବଂ ପାରମ୍ପରିକ ପ୍ରାକୃତିକ କପଡ଼ା ରଙ୍ଗ ପ୍ରକ୍ରିୟାର ପୁନରୁଦ୍ଧାର କରିଛନ୍ତି। ସେ ଶତାଧିକ ଅବହେଳିତ ବୁଣାକାରଙ୍କୁ ମଧ୍ୟ ତାଲିମ ଦେଇ ବୟନ ଶିଳ୍ପର ପୁନରୁଦ୍ଧାର ଦିଗରେ ଯୋଗଦାନ ଦେଇଛନ୍ତି। ମହେନ୍ଦ୍ର କୁମାର ମିଶ୍ର ଜଣେ ସାହିତ୍ୟିକ ଓ ଶିକ୍ଷାବିତ୍ ଭାବେ ୨୫ରୁ ଅଧିକ ପୁସ୍ତକ ଏବଂ ୧୦୦ରୁ ଅଧିକ ଗବେଷଣା ସନ୍ଦର୍ଭ ପ୍ରସ୍ତୁତ କରିଛନ୍ତି। ଆଦିବାସୀ ଭାଷା ଓ ସାହିତ୍ୟର ପ୍ରଚାରପ୍ରସାର ଦିଗରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିବା ସହିତ ଏହାକୁ ଆଗାମୀ ପିଢ଼ି ପାଇଁ ସଂରକ୍ଷିତ ରଖିବା ଦିଗରେ କାର୍ଯ୍ୟ କରିଛନ୍ତି। ୨୦୨୬ ବର୍ଷ ପାଇଁ କଳା, ସମାଜ ସେବା, ଲୋକସେବା, ବିଜ୍ଞାନ ଓ ଇଞ୍ଜିନିୟରିଂ, ବାଣିଜ୍ୟ ଓ ଶିଳ୍ପ, ଔଷଧ, ସାହିତ୍ୟ ଓ ଶିକ୍ଷା, କ୍ରୀଡ଼ା, ନାଗରିକ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିବା ମୋଟ୍ ୧୩୧ ଜଣ ବ୍ୟକ୍ତିବିଶେଷଙ୍କୁ ପଦ୍ମ ପୁରସ୍କାର ଦିଆଯିବ। ଏମାନଙ୍କ ମଧ୍ୟରୁ ୫ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯିବ। ପୁରସ୍କାର ବିଜେତାଙ୍କ ମଧ୍ୟରେ ୧୯ ଜଣ ମହିଳା ଏବଂ ୬ ଜଣ ବିଦେଶୀ ଓ ପ୍ରବାସୀ ନାଗରିକ ସାମିଲ ରହିଛନ୍ତି। ସେହିପରି ୧୬ଜଣଙ୍କୁ ମରଣୋତ୍ତର ଭାବେ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରତ୍ୟେକ ବର୍ଷ ସାଧାରଣତନ୍ତ୍ର ଦିବସ ପୂର୍ବରୁ ପଦ୍ମ ପୁରସ୍କାର ଘୋଷଣା କରାଯାଇଥାଏ।




## ରୋଚକ ହେବ ରାଜ୍ୟ ସଭା ନିର୍ବାଚନ

# ସଂଖ୍ୟା ନଥାଇ ପ୍ରାର୍ଥୀ ଦେବାକୁ କଂଗ୍ରେସର ନିଷ୍ପତ୍ତି

**ଭୁବନେଶ୍ୱର(ଏନ୍.ଏମ୍.):** ସଂଖ୍ୟା ନଥାଇ ରାଜ୍ୟସଭା ନିର୍ବାଚନ ଲଢିବାକୁ ଅଣ୍ଟା ଭିଡିଛି କଂଗ୍ରେସ। ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ଏକାକୀ ପ୍ରାର୍ଥୀ ଦେବ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ଘୋଷଣା କରିଛନ୍ତି। ଓଡିଶାର ୪ଟି ଆସନ ଖାଲି ପଡୁଥିବାରୁ ୨ଟି ଆସନରେ ବିଜେପି ଓ ଗୋଟିଏ ଆସନ ବିଜେଡି ହାତେଇବା ନିଶ୍ଚିତ। ରାଜ୍ୟସଭା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ନଥିଲେ ମଧ ଚତୁର୍ଥ ଆସନକୁ ନେଇ ଏବେଠାରୁ ଆରମ୍ଭ ହୋଇଛି ବୟାନବାଜି। ରାଜ୍ୟସଭା ପାଇଁ ସାହସ ଜୁଟାଇଲା ହାତ। ସଂଖ୍ୟା ନଥାଇ ଏକାକୀ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି। ଦଳ ଭିତରୁ ଓ ବାହାରୁ ପ୍ରାର୍ଥୀ କରିବାକୁ କସରତ। ବିଜେଡି କହିଲା, ରାଜ୍ୟସଭା ଅଙ୍କ କେହି ବୁଝିନାହାଁନ୍ତି। ଏପ୍ରିଲ ମାସରେ ଓଡିଶାର ୪ଟି ରାଜ୍ୟସଭା ଆସନ ଖାଲିପଡିବ। ନିର୍ବାଚନ କମିଶନ ରାଜ୍ୟସଭା ନିର୍ବାଚନ ଲାଗି ପ୍ରକ୍ରିୟା ଆରମ୍ଭ କରିବା ପରେ ଉଷ୍ମ ହୋଇଛି ରାଜ୍ୟସଭା ଗଣିତ। ରାଜ୍ୟସଭା ସଂଖ୍ୟା ଗଣିତ କହୁଛି ବିଜେପି ଦୁଇଟି ଆସନ ଓ ବିଜେଡି ଗୋଟିଏ ଆସନ ପାଇବେ। ଚତୁର୍ଥ ଆସନ କାହାର ହେବ ସେ ନେଇ ନାନା ଚର୍ଚ୍ଚା ଓ ଆକଳନ ଚାଲିଛି। ଅଙ୍କ କହୁଛି, ଚତୁର୍ଥ ଆସନ ପାଇଁ ନା ବିଜେଡି ନା ବିଜେପି ପାଖରେ ସଂଖ୍ୟା ବଳ ଅଛି। ଏପରି ସ୍ଥିତିରେ ସଂଖ୍ୟା ନଥାଇ ମଧ ନିର୍ବାଚନ ଲଢିବା ପାଇଁ କଂଗ୍ରେସ ଅଣ୍ଟା ଭିଡିଛି। ପିସିସି ସଭାପତି ଯୁକ୍ତି ବାଢିଛନ୍ତି ହାର ଜିତକୁ ଭୟ ନହିଁ। ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ଏକାକୀ ପ୍ରାର୍ଥୀ ଦେବ। ସଂଖ୍ୟା ଦୃଷ୍ଟିକୋଣରୁ ଆବଶ୍ୟକ ସଂଖ୍ୟା ନଥିବା ସତ୍ତ୍ୱେ ଦଳ ତିନି ଚାରିଜଣଙ୍କ ନାଁ ସ୍ଥିର କରିଛି। ଏନେଇ ଦଳ ହାଇକମାଣ୍ଡଙ୍କ ସହ ଆଲୋଚନା କରିବ ବୋଲି କହିଛନ୍ତି ପିସିସି ସଭାପତି। ଦଳ ଭିତରୁ କିମ୍ବା ବାହାରୁ ବି କାହାକୁ ଜଣଙ୍କୁ ପ୍ରାର୍ଥୀ କରାଯାଇପାରେ ବୋଲି ଭକ୍ତ କହିଛନ୍ତି। ୧୪ ଜଣ ବିଧାୟକଙ୍କ ସହ ବାମଦଳର ଜଣେ ବିଧାୟକ ବଳରେ ଦଳ ନିର୍ବାଚନ ଲଢିବାକୁ ଅଣ୍ଟା ଭିଡିଛି।

ରାଜ୍ୟସଭା ନିର୍ବାଚନ ପାଇଁ ନିର୍ବାଚନ କମିଶନ ପ୍ରକ୍ରିୟା ଆରମ୍ଭ କରିବା ପରେ ରାଜ୍ୟ ରାଜନୀତି ଉଷ୍ମ ହୋଇଛି। ବରିଷ୍ଠ ବିଜେଡି ବିଧାୟକ ଅରୁଣ ସାହୁଙ୍କ ଯୁକ୍ତି ହେଉଛି ରାଜ୍ୟସଭା ବିଜ୍ଞପ୍ତି ପ୍ରକାଶ ପାଇଲେ ବିଜୁ ଜନତା ଦଳ ନିଷ୍ପତ୍ତି ନେବ। ଦଳର ସଭାପତି ନବୀନ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଆତଙ୍କ ଖେଳାଇଛି 'ଆମ ବସ୍'

## ଦୁର୍ଘଟଣାରେ ଲାଗୁନି ଲଗାମ

**ଭୁବନେଶ୍ୱର(ଏନ୍.ଏମ୍.) :** ସାଧାରଣରେ 'ଯମ ବସ୍'ର ଆଖ୍ୟା ପାଇଥିବା 'ଆମ ବସ୍' ପୁଣି ଭିଆଇଛି ଦୁର୍ଘଟଣା। ଭୁବନେଶ୍ୱରରେ ଏକ ବାଇକ୍‌କୁ ପିଟିଥିବା ବେଳେ ପୁରୀରେ ଜଣେ ମହିଳାଙ୍କ ଗୋଡ଼ ଉପରେ ଚଢ଼ିଯାଇଛି। ବାଇକ୍ ଆରୋହୀ ସାମାନ୍ୟ ଆହତ ହୋଇଥିବା ବେଳେ ମହିଳାଙ୍କୁ ଗୁରୁତର ଅବସ୍ଥା ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି।



ସମୟ ଅପରାହ୍ନ ପ୍ରାୟ ୨ଟା। ମାଷ୍ଟରକ୍ୟାଣ୍ଟିନରୁ ରାଜମହଲ ଆଡ଼କୁ ଯାଉଥିଲା ଏକ 'ଆମ ବସ୍'। ୟୁକୋ ବ୍ୟାଙ୍କ ନିକଟରେ ଡାହାଣକୁ ୟୁ ଟର୍ଣ୍ଣ ନେଉଥିବା ଏକ ବାଇକ୍‌କୁ ବସ୍‌ଟି ଦେଇଥିଲା ଧକ୍କା। ଫଳରେ ଛିଟିକି ପଡ଼ିଥିଲେ ବାଇକ୍ ଆରୋହୀ। ସୌଭାଗ୍ୟକୁ ତାଙ୍କ ଜୀବନ ବଞ୍ଚି ଯାଇଛି। ପୁଲିସ ଆସି ଦୁର୍ଘଟଣା ଘଟାଇଥିବା ଆମ ବସଟିକୁ ଘଟଣାସ୍ଥଳରୁ ଛାଡ଼ିଦେବା ପରେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ କିଛି ଲୋକ। ସେହି ରାସ୍ତାଦେଇ ଯାଉଥିବା ୩ଟି 'ଆମ ବସ'କୁ କରିଥିଲେ ଆକ୍ରମଣ। ଯିଏ ଯେମିତି ପାରିଲେ ଭାଙ୍ଗି ଚାଲିଲେ ସେହି ୩ଟି 'ଆମ ବସ୍'କୁ। ଖବର ପାଇ ଦଳବଳ ଧରି ପହଞ୍ଚିଥିଲେ ଭୁବନେଶ୍ୱର ଡିସିପି। ସ୍ଥିତି ନିୟନ୍ତ୍ରଣ ପାଇଁ ମୃଦୁ ଲାଠିଚାଳନା କରାଯାଇଥିଲା। ପ୍ରାୟ ଅଧଘଣ୍ଟାର ଛକାପଞ୍ଝା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଡିସିପି କହିଛନ୍ତି, ଦୁର୍ଘଟଣା ବାହାନାରେ ଅସାମାଜିକ କାର୍ଯ୍ୟ ଭିଆଉଥିବା ବ୍ୟକ୍ତିଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ପୁରୀର ପୁରୀ ନବକଳେବର ରୋଡରେ ଜଣେ ମହିଳାଙ୍କ ଉପରେ ଆମ ବସ୍ ଚଢ଼ିଯିବାରୁ ତାଙ୍କର ଗୋଟିଏ ଗୋଡ଼ର ଜଙ୍ଘଠାରୁ ପାଦ ଯାଏ ଖିନଭିନ୍ ହୋଇଯାଇଛି। ଏହି ଘଟଣା ପରେ ରାଗି ଯାଇଥିଲେ ସ୍ଥାନୀୟ ଲୋକେ। ୱାନ ୱେ ଦାବି କରି ନବକଳେବର ରାସ୍ତାକୁ ଅବରୋଧ କରିଥିଲେ। ସିଟି ଡିଏସପି ଓ କୁମ୍ଭାରପଡ଼ା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପ୍ରାଥମିକ ଚିକିତ୍ସା ପାଇଁ କ୍ରୁଟ୍ ପକ୍ଷରୁ ୫୦ ହଜାର ଟଙ୍କା ଦିଆଯିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା, ଏବଂ ଗମନାଗମନ ବ୍ୟବସ୍ଥା ସଂପର୍କରେ ପ୍ରତିଶ୍ରୁତି ପରେ ହଟିଥିଲା ରାସ୍ତାରୋକ। କ୍ରୁଟ୍ ଦ୍ୱାରା ପରିଚାଳିତ 'ଆମ ବସ୍'କୁ ଟ୍ରାକକୁ ଫେରାଇ ଆଣିବାକୁ ଭୁବନେଶ୍ୱରରେ ବଡ଼ କସରତ କରିବା ସହ ଗ୍ରାଉଣ୍ଡକୁ ଓହ୍ଲାଇଥିଲେ ଖୋଦ୍ ପୁଲିସ ଓ ପରିବହନ କମିଶନର। କେଉଁଠି ବ୍ରେଥ୍ ଆନାଲାଇଜର ଟେଷ୍ଟ ତ ପୁଣି କେଉଁଠି ଏନଫୋର୍ସମେଣ୍ଟ ଟିମ୍ ତନ୍ନ ତନ୍ନ ଯାଞ୍ଚ କରିଥିଲା। ଦୁର୍ଘଟଣା ରୋକିବାକୁ ସ୍କ୍ରିନିଂ ଟେଷ୍ଟ ପାସ୍ କଲେ ହିଁ ଡ୍ରାଇଭରଙ୍କୁ 'ଆମ ବସ୍' ଚଳାଇବାକୁ ଅନୁମତି ଦିଆଯିବ ବୋଲି କହିଥିଲା ପରିବହନ ବିଭାଗ। ଡ୍ରାଇଭର ଏବଂ କର୍ମଚାରୀ ଶପଥ ପାଠ ବି କରିଥିଲେ। ତଥାପି 'ଆମ ବସ୍' ଦୁର୍ଘଟଣାରେ ଲାଗୁନି ଲଗାମ। କେଉଁଠି ରହୁଛି ଭୁଲ୍? ବେପରୁଆ ହେଉଛନ୍ତି କି 'ଆମ ବସ୍' ଚାଳକ ? କ୍ରୁଟର ଢିଲାପଣ ପାଇଁ ଲଗାମଛଡ଼ା ହେଉଛନ୍ତି କି ଆମ ବସ୍ ଡ୍ରାଇଭର ? ସରକାର ଏଯାଏ ଚେତି ନାହାନ୍ତି କି ? ଏମିତି ଅନେକ ପ୍ରଶ୍ନ ଏବେ ଉଠିଛି।

# ସିଡିଏ ଜମି ଜାଲିଆତି ମାମଲା

## ତଦନ୍ତ ନିର୍ଦ୍ଦେଶ ଦେଲେ ନଗର ଉନ୍ନୟନ ମନ୍ତ୍ରୀ




**କଟକ(ଏନ୍.ଏମ୍.) :** ସିଡିଏ ସେକ୍ଟର-୬ରେ ୧୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଜମି କେଳେଙ୍କାରୀରେ ଜାଲିଆତି ମାମଲାରେ ପ୍ରତିକ୍ରିୟା ରଖିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର। ସେ କହିଛନ୍ତି, ଘଟଣାର ତଦନ୍ତ ଲାଗି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିଲା ପରେ ଏନେଇ ପଦକ୍ଷେପ ନିଆଯିବ। ଏଣେ ସିଡିଏ ଭିସି କହିଛନ୍ତି, ନିୟମ ଅନୁସାରେ ଟେଣ୍ଡର ହୋଇଛି।

ସିଡିଏ ସେକ୍ଟର-୬ରେ ୧୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଜମିକୁ ନିର୍ଦ୍ଦିଷ୍ଟ ସଂସ୍ଥାକୁ ସୁହାଇଲା ଭଳି ଟେଣ୍ଡର କରାଇ ନେବା ଯୋଜନାରେ ସର୍ବନିମ୍ନ ସତର୍କତାକୁ ଅଣଦେଖା କରାଯାଇଛି। ସେକ୍ଟର-୬ରେ ଥିବା ଅଢ଼େଇ ଏକର ଜମିର ବିକାଶ କରିବା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

‘ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ଦୁଇଟି ନିୟମ: ବିଫଳତାର ଉଦାସୀନତା କେବେହେଲେ ହୃଦୟକୁ ଯିବା ଅନୁଚିତ; ସଫଳତାର ଅହଂକାର ମସ୍ତିଷ୍କକୁ ଯିବା ଅନୁଚିତ’ - ଡ. ଅବଦୁଲ କଲାମ

ସୋମବାର, ୨୬ଜାନୁଆରୀରୁ ୦୧ ଫେବୃଆରୀ, ୨୦୨୬

ନିଷ୍କର୍ଷ
NISHKARSHA



# ବରୁଣଙ୍କୁ ଟ୍ରୋଲିଂ ଅମୂଳକ ଥିଲା



**ମୁମ୍ବାଇ(ଏଜେନ୍ସି):** ୧୯୭୧ ମସିହାର ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ଏକ ମାସର ବ୍ୟବଧାନରେ ଦୁଇଟି ସିନେମା ମୁକ୍ତିଲାଭ କରିବା ଦର୍ଶାଏ ଯେ ସେହି କ୍ଷଣସ୍ଥାୟୀ ଯୁଦ୍ଧର ପରିଣାମ ଆମ ଜାତୀୟ ଚେତନାରେ କେତେ ଗୁରୁତ୍ୱ ବହନ କରେ। ଶ୍ରୀରାମ ରାଘବନଙ୍କ ‘ଇକ୍କୀସ’ ସିନେମାରେ କେବଳ ଟ୍ୟାଙ୍କ ଲଢ଼େଇର ଅବତାରଣା କରାଯାଇଥିବା ବେଳେ ଅନୁରାଗ ସିଂହଙ୍କ ‘ବର୍ଡର ୨’ ଏକାବେଳେ ଜଳ-ସ୍ଥଳ-ବାୟୁ ଲଢ଼େଇର ବ୍ୟାପକ ଯୁଦ୍ଧକୁ ଗୋଟିଏ କାହାଣୀରେ ଗୁନ୍ଥିବାର ଦୁଃସାହସ କରିଛି। ପୁଣି ଅବଧି ଓ ବିଶାଳତା ଦୃଷ୍ଟିରୁ ଏହା ‘ବର୍ଡର’କୁ ଅତିକ୍ରମ କରିବାକୁ ଚେଷ୍ଟା କରିଛି। ଟ୍ରେଲର୍ ଆସିବା ପରେ ସାମାଜିକ ଗଣମାଧ୍ୟମ ଚର୍ଚ୍ଚାରେ ବରୁଣ ଧୱନଙ୍କୁ ଯେଉଁଭଳି ବିଦ୍ରୂପ କରାଯାଇଥିଲା ତାହା ଏହି ଚଳଚ୍ଚିତ୍ର ନେଇ ଏକ ନକାରାତ୍ମକ ଚିତ୍ର ତୋଳିଥିଲା। ଚଳଚ୍ଚିତ୍ରଟି ଦେଖିବା ପରେ ସ୍ପଷ୍ଟ ହୋଇଗଲା ଯେ ଅଭିନୟ ନେଇ ଯେଉଁସବୁ ସନ୍ଦେହ ଥିଲା ସେଗୁଡ଼ିକ ଅମୂଳକ; ପରିବାର ସହ ଉପଭୋଗ କରିବା ପାଇଁ ଏଥିରେ ଯଥେଷ୍ଟ ଉପାଦାନ ଅଛି। ତେବେ ଦ୍ୱିତୀୟାର୍ଦ୍ଧରେ ଯୁଦ୍ଧର ଦୃଶ୍ୟଗୁଡ଼ିକ ଅପେକ୍ଷା ଯୁଦ୍ଧ ପୂର୍ବବର୍ତ୍ତୀ ପ୍ରଥମାର୍ଦ୍ଧ ଅଧିକ ଉପଭୋଗ୍ୟ। ଜାହାଜ, ଉଡ଼ାଜାହାଜ ଓ ଟ୍ୟାଙ୍କ୍ ଯୁଦ୍ଧର ଲୋମଟାଙ୍କୁରା ଅଭିଜ୍ଞତା ଆଶା ରଖିଥିବା ଦର୍ଶକଙ୍କୁ ଏହାର ଦୁର୍ବଳ ‘ଭିଏଫ୍ଏକ୍ସ’ପ୍ରସୂତ ଦୃଶ୍ୟଗୁଡ଼ିକ ନିରାଶ କରିବା ସୁନିଶ୍ଚିତ। ‘ବର୍ଡର’ର ପରବର୍ତ୍ତୀ ଭାଗ ହୋଇଥିଲେ ହେଁ ‘ବର୍ଡର ୨’ରେ ସମାନ ଯୁଦ୍ଧର ଗୋଟିଏ ପୂରା ଅଲଗା କାହାଣୀ ଦେଖାଯାଇଛି (ଅବଶ୍ୟ ଏଥିରେ ଲୋଙ୍ଗୋୱାଲା ଲଢ଼େଇର ଉଲ୍ଲେଖ ରହିଛି)। ସନୀ ଦେଓଲଙ୍କ ଚରିତ୍ର ମଧ୍ୟ ଏଠାରେ ଅଲଗା। ତେବେ ‘ବର୍ଡର’ର ଆତ୍ମା ଓ ଚରିତ୍ର ଏହି ଚଳଚ୍ଚିତ୍ରରେ ଅକ୍ଷୁଣ୍ଣ ରହିଛି। ଏଥିରେ ସନୀ ଶିଖ ରେଜିମେଣ୍ଟର ଲେଫ୍ଟନାଣ୍ଟ କର୍ଣ୍ଣେଲ ଫତେହ ସିଂହ କଲେର (ଅସଲ ଜୀବନର ବ୍ରିଗେଡିଅର୍ ହରଦେବ ସିଂହ କଲେର) ଭୂମିକାରେ ଅଭିନୟ କରିଛନ୍ତି। ସେନାବାହିନୀକୁ ଉଦ୍ବୋଧନ ଦେବା ବେଳେ ତାଙ୍କର ଚିରାଚରିତ ଗର୍ଜନ ଦର୍ଶକ ମନରେ ମଧ୍ୟ ଉର୍ଜା ଭରିଦେଇଥାଏ। କୌଣସି ଅଭିନେତ୍ରୀଙ୍କୁ ଦକ୍ଷତା ପ୍ରଦର୍ଶନର ବିଶେଷ ଅବସର ମିଳି ନଥିଲେ ହେଁ ଲେଫ୍ଟନାଣ୍ଟ କର୍ଣ୍ଣେଲ କଲେରଙ୍କ ପତ୍ନୀ ଭୂମିକାରେ ମୋନା ସିଂହ ପ୍ରଭାବଶାଳୀ ଅଭିନୟ କରିଛନ୍ତି। ପ୍ରଥମାର୍ଦ୍ଧରେ ଦେଖିବାକୁ ମିଳୁଛି ମେଜର ହୋଶିୟାର ସିଂହ ଦହିୟା (ବରୁଣ ଧୱନ), ଫ୍ଲାଇଂ ଅଫିସର ନିର୍ମଳ ଜିତ ସିଂହ ଶେଖୋଁ (ଦିଲଜୀତ ଦୋସାଂଝ) ଓ ଲେଫ୍ଟନାଣ୍ଟ କମାଣ୍ଡର ଏମ୍. ଏସ୍. ରାୱତ (ଅହାନ ଶେଟ୍ଟୀ) ଟ୍ରେନିଂ କାଳରେ କିପରି ଘନିଷ୍ଠ ବନ୍ଧୁ ପାଲଟୁଛନ୍ତି। ଲେଫ୍ଟନାଣ୍ଟ କର୍ଣ୍ଣେଲ କଲେର ଏମାନଙ୍କ ପ୍ରଶିକ୍ଷକ ଭାବେ ସେନାର ଅନୁଶାସନ ସହ ଅବଗତ କରାଉଛନ୍ତି। ତିନି ବନ୍ଧୁଙ୍କ ପାରିବାରିକ ବନ୍ଧନର କାହାଣୀ ଏକ ଦୃଢ଼ ଆବେଗିକ ମୂଳଦୁଆ ସ୍ଥାପନ କରୁଛି। ଫ୍ଲାଇଂ ଅଫିସର ନିର୍ମଳଙ୍କ ବିବାହ ଦିନ ଖବର ଆସୁଛି ଯେ ସେନାବାହିନୀର ସମସ୍ତଙ୍କ ଛୁଟି ବାତିଲ ହୋଇଯାଇଛି। ଏହା ପରେ ସମସ୍ତେ ନିଜନିଜ ପରିବାରକୁ ବିଦାୟ ଜଣାଇ ଯୁଦ୍ଧଭୂମି ଅଭିମୁଖେ ଯାଉଛନ୍ତି। ଭାରତର ଏହି ବୀରପୁତ୍ରମାନଙ୍କ ବନ୍ଧୁତା, ତ୍ୟାଗ, ଦେଶପ୍ରେମର ପରାକାଷ୍ଠାକୁ ଚଳଚ୍ଚିତ୍ରର ଦ୍ୱିତୀୟାର୍ଦ୍ଧରେ ମୁଖ୍ୟତଃ ବାହାସ୍ଫୋଟରଞ୍ଜିତ ସଂଳାପ ଜରିଆରେ ଅଭିବ୍ୟକ୍ତ କରିବାକୁ ଚେଷ୍ଟା କରାଯାଇଛି, ଯାହା ସେମାନଙ୍କ ବଳିଦାନ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମନେ ହେଲା ନାହିଁ। ଏ ଦୃଷ୍ଟିରୁ ‘ଇକ୍କୀସ’ ଚଳଚ୍ଚିତ୍ର ଅଧିକ ପ୍ରଶଂସନୀୟ। ଏହି ଚଳଚ୍ଚିତ୍ରର ଅଧିକାଂଶ ଗୀତ ପୁରୁଣା ଚଳଚ୍ଚିତ୍ରରୁ ଉଠାଇଆଣି ରିମେକ୍ କରାଯାଇଛି; ୨୮ ବର୍ଷ ପରେ କେବଳ ଚିତ୍ର ନିର୍ମାଣର ବୈଷୟିକ ଅଗ୍ରଗତି ଏଥିରେ ସବୁଠାରୁ ପ୍ରାଞ୍ଜଳ ଭାବେ ପ୍ରଦର୍ଶିତ ହୋଇଛି। ଏହା ସତ୍ତ୍ୱେ କିଛି ଯୁଦ୍ଧ ଦୃଶ୍ୟ ଏତେ କୃତ୍ରିମ ଲାଗିଲା ଯେ ସେଗୁଡ଼ିକୁ ଦେଖିବା ବେଳେ ମନରେ ରୋମାଞ୍ଚର ଭାବନା ଉଦ୍ରେକ ହେଲା ନାହିଁ। ତିନି ଘଣ୍ଟା ସତର ମିନିଟର ଅବଧିକୁ ନିଶ୍ଚିତ ଭାବେ ତିନି ଘଣ୍ଟା ମଧ୍ୟରେ ସୀମିତ ରଖାଯାଇପାରନ୍ତା।

# ଛବିଶିର ଝଲକ: ଛବି ଅପେକ୍ଷାରେ ନିର୍ଦ୍ଦେଶକ



**ଭୁବନେଶ୍ୱର(ଏନ୍.ଏମ୍.):** ଓଲିଉଡ୍ର ସବୁଠାରୁ ବ୍ୟସ୍ତ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଙ୍କର ୨୦୨୬ରେ ‘ଗଣ୍ଡ ଭେ ?ରବ’, ‘ମଙ୍ଗଳପୁର ଡାଏରି’, ‘ରାମରାଜ୍ୟ’ ଓ ‘ମନ୍ତ୍ର’ ଆଦି ୪ଟି ଓଡ଼ିଆ ଛବି ରିଲିଜ୍ ହେବ। ଏହାଛଡ଼ା ତାଙ୍କର ଅନ୍ୟ ଏକ ଓଡ଼ିଆ ଛବି ‘ନାୟିକା’ ବି ବଡ଼ ପରଦାକୁ ଆସିବାର ସମ୍ଭାବନା ରହିଛି। ଠିକ୍ ସେହିପରି ନିର୍ଦ୍ଦେଶକ ଦିଲୀପ ପଣ୍ଡାଙ୍କ ‘ମୁଁ ତୁମକୁ ଭଲ ପାଏ’ ଏବଂ ‘ଆଶିକ୍ ଦିୱାନା’ ମୁକ୍ତିଲାଭ କରିପାରେ। ରମେଶ ରାଉତଙ୍କ ‘ମୁନ୍ନା ଭାଇ ବିବିଏସ୍ୱାର୍’ ଓ ‘କାନତରାଟି’ ଏ ବର୍ଷ ପ୍ରେକ୍ଷାଳୟକୁ ଆସିପାରେ। ତା’ଛଡ଼ା ତାଙ୍କର ନିର୍ମାଣାଧୀନ ଥିବା ଆଉ ଏକ ଓଡ଼ିଆ ଛବି ବି ଛବିଶରେ ମୁକ୍ତିଲାଭ କରିପାରେ। ୨୦୨୬ ଉପରେ ବେଶ୍ କେତେଜଣ ନିର୍ଦ୍ଦେଶକଙ୍କ ନଜର ରହିଛି। କାରଣ ସେମାନଙ୍କ ନିର୍ଦ୍ଦେଶିତ ଏକାଧିକ ଓଡ଼ିଆ ଛବି ଏ ବର୍ଷ ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି।

ନିରଞ୍ଜନ ବେହେରାଙ୍କ ‘ଲାଇନବାଲା’ ଓ ‘ବଦମାସିଆ ପ୍ରେମ’ ମଧ୍ୟ ମୁକ୍ତି ପ୍ରତୀକ୍ଷାରେ ରହିଛି। ତେଣେ ହିମାଂଶୁ ପରିଜାଙ୍କ ‘ପବିତ୍ର ବନ୍ଧନ’ ଓ ‘ନିଜଠୁ ଲାଗୁ ନିଜର’ ବି ପରଦାକୁ ଆସିପାରେ। ନିର୍ଦ୍ଦେଶକ ଆନନ୍ଦ କୁମାରଙ୍କ ‘ଅପେକ୍ଷା’, ‘ଲଙ୍କାଗଡ଼’ ଓ ‘ଏମିତି ପ୍ରେମ’ ଏ ବର୍ଷ ଦର୍ଶକଙ୍କ ସାମ୍ନାକୁ ଆସିବା ଥୟ। ଠିକ୍ ସେହିପରି ଚର୍ଚ୍ଚିତ ନିର୍ଦ୍ଦେଶକ ଯୋଡ଼ି ଶିଶିର ସାହୁ ଓ ପିନାକୀ ସିଂହଙ୍କର ‘ରକ୍ତ ଗୋଲାପ’ ଓ ‘ମୁରବି’ ରିଲିଜ୍ ଅପେକ୍ଷାରେ ରହିଛି। ସୁଧାକର ବସନ୍ତଙ୍କ ‘ହିଟଲର୍’, ‘ଶାହାଜାହାନ୍’, ‘ଓଁ ପ୍ରଜାପତୟେ ନମଃ’ ଆଦି ବି ଏହି ତାଲିକାରେ ଅଛି। ଏଣେ ନିର୍ଦ୍ଦେଶକ ବବି ଇସଲାମ୍ଙ୍କ ‘ଅପସରା’, ‘ବବି ଆଉ ବେବି’ ଓ ‘ମାୟା ମରିଚିକା’ ୨୦୨୬ରେ ପରଦାକୁ ଆସିବ ବୋଲି ଆଶା କରାଯାଉଛି। ସେହିପରି ସଂଗ୍ରାମ ମହାନ୍ତିଙ୍କ ‘ଲାଇଫ୍ ପାର୍ଟନର୍’ ଓ ‘ଅଭିଯାନ ଦି ମିସନ୍’ ବି ଏ ବର୍ଷ ମୁକ୍ତିଲାଭ କରିବ। ଏଣେ ରାଜୀବ ମହାନ୍ତିଙ୍କ ‘ଲକ୍ଷ୍ୟ’ ଓ ‘ମହାନାୟକ’ ବି ମୁକ୍ତିଲାଭ କରିବା ସମ୍ଭାବନା ରହିଛି। ତେଣେ ରାକେଶ ସାମଲଙ୍କ ନିର୍ଦ୍ଦେଶିତ ‘ଏ କେମିତି ବନ୍ଧନ’ ଓ ‘ସମ୍ଭବ’ ବି ରିଲିଜ୍ ଅପେକ୍ଷାରେ ଅଛି। ସନ୍ତୋଷ ବିଶ୍ୱାଳଙ୍କ ‘ଲାଡଗ୍ଲା’ ଏବଂ ମୁରଲୀ’ ବି ଏ ବର୍ଷ ଆସିପାରେ।

# ପ୍ରଥମ ସ୍ୱାମୀଙ୍କ ବିବାହ ବାର୍ଷିକୀ ପୂର୍ବରୁ ଦ୍ୱିତୀୟ ବିବାହ କଲେ ସାମନ୍ଥା



**ଚେନ୍ନାଇ(ଏଜେନ୍ସି):** ଦ୍ୱିତୀୟ ବିବାହ କରିଛନ୍ତି ଦକ୍ଷିଣ ଭାରତର ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ। ଆଜି ସେ(ଝବଜ୍ଞବଭଗ୍ଷବ ଜଙ୍କଗ୍ଷ ଚକ୍ସବଭଷଙ୍କ) ଫିଲ୍ମ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କୁ ବାହା ହୋଇଛନ୍ତି। କୋଏମ୍ବାଟୁରର ଈଶା ଯୋଗ କେନ୍ଦ୍ରରେ ଥିବା ଲିଙ୍ଗା ଭୈରବୀ ଦେବୀଙ୍କ ସାମ୍ନାରେ ଉଭୟ ପରସ୍ପର ହାତ ଧରିଛନ୍ତି। ଭୂତ ଶୁଦ୍ଧି ବିବାହ ଉତ୍ସବ ଜରିଆରେ ସାମନ୍ଥା ଓ ରାଜ ପରସ୍ପରର ଜୀବନ ସାଥୀ ବନିଛନ୍ତି। ସୋମବାର ସକାଳେ ଏହି ବାହାଘରରେ କେବଳ ହାତ ଗଣତି ଲୋକ ଉପସ୍ଥିତ ରହିଥିଲେ। ସାମନ୍ଥା ପୂର୍ବରୁ ଅଭିନେତା ନାଗା ଚୈତନ୍ୟଙ୍କୁ ବିବାହ କରିଥିଲେ।

୨୦୧୭ରେ ସେ ନାଗାଙ୍କୁ ଜୀବନ ସାଥୀ ରୂପେ ବାଛିଥିଲେ। କିନ୍ତୁ ୨୦୨୧ରେ ସେମାନଙ୍କ ଛାଡ଼ପତ୍ର ହୋଇଯାଇଥିଲା। ୨୦୨୧ରୁ ଉଭୟ ଅଲଗା ହୋଇଯାଇଥିବା ବେଳେ ଦ୍ୱିତୀୟ ବିବାହ କରି ନଥିଲେ। କିନ୍ତୁ ଗତବର୍ଷ ପ୍ରଥମେ ନାଗା ଦୀର୍ଘ ଦିନର ପ୍ରେମିକା ସୋଭିତାଙ୍କୁ ବିବାହ କରିଥିଲେ।

୨୦୨୪ ଡିସେମ୍ବର ୪ରେ ଉଭୟଙ୍କ ବିବାହ ହାଇଦ୍ରାବାଦର ଅନ୍ନପୂର୍ଣ୍ଣା ଷ୍ଟୁଡିଓରେ ହୋଇଥିଲା। ନାଗା ଓ ସୋଭିତାଙ୍କ ପ୍ରଥମ ବିବାହ ବାର୍ଷିକୀର ୪ ଦିନ ପୂର୍ବରୁ ସାମନ୍ଥା ଦ୍ୱିତୀୟ ବିବାହ କରିଛନ୍ତି। ଏବେ ରାଜ ତାଙ୍କ ଜୀବନ ସାଥୀ ବନି ଯାଇଛନ୍ତି। ସୋମବାର ସାମନ୍ଥା ବିବାହ ବେଳର କିଛି ସ୍ମରଣୀୟ ଫଟୋକୁ ସୋଶାଲ ମିଡିଆରେ ପୋଷ୍ଟ କରି ପୂରା ଦେଶକୁ ଏହି ଖବର ଦେଇଛନ୍ତି। ବିବାହ କାର୍ଯ୍ୟକ୍ରମରେ କେବଳ ଉଭୟ ପରିବାରର କିଛି ହାତ ଗଣତି ଲୋକ ଓ ବନ୍ଧୁ ସାମିଲ ହୋଇଥିଲେ। ସମୟ ଖର୍ଚ୍ଚ ହେଉ ନଥିବା ଯୋଗିକ ପରମ୍ପରାର ଭୂତ ଶୁଦ୍ଧି ବିବାହ ଦ୍ୱାରା ସାମନ୍ଥା ଓ ରାଜ ସ୍ୱାମୀ ସ୍ତ୍ରୀ ବନିଛନ୍ତି।

ଲିଙ୍ଗ ଭୈରବୀ କିମ୍ବା ନିର୍ଦ୍ଦିଷ୍ଟ ସ୍ଥାନରେ କରାଯାଉଥିବା ଭୂତ ଶୁଦ୍ଧି ବିବାହ ଜରିଆରେ ଦମ୍ପତି ଓ ସେମାନଙ୍କ ମିଳନ ମଧ୍ୟରେ ୫ଟି ତତ୍ତ୍ୱକୁ ଶୁଦ୍ଧି କରିଥାଏ। ଏଥିସହ ସେମାନଙ୍କ ଜୀବନ ଯାତ୍ରାରେ ସାମଞ୍ଜସ୍ୟ, ସମୃଦ୍ଧି ଓ ଆଧ୍ୟାତ୍ମିକ ସଂରକ୍ଷଣ ପାଇଁ ଦେବୀଙ୍କ କୃପାର ଆହ୍ୱାନ କରାଯାଏ। ଦେବୀଙ୍କ ସାମ୍ନାରେ ସାମନ୍ଥା ଓ ରାଜ ପରସ୍ପରକୁ ପ୍ରଥମେ ମୁଦି ପିନ୍ଧାଇଥିଲେ। ଏହାପରେ ସେମାନେ ପରସ୍ପରର ହାତ ଧରି କ୍ୟାମେରା ସାମ୍ନାରେ ଫଟୋ ପୋଜ ଦେଇଛନ୍ତି। ଏହି ଫଟୋକୁ ଶେୟାର କରି ସାମନ୍ଥା ବାହାଘର ୧.୧୨.୨୦୨୫ରେ ହୋଇଥିବା କହିଛନ୍ତି।

ଚଳିତ ବର୍ଷ ଫେବୃଆରୀ ୧ରେ ସାମନ୍ଥା ବିଶ୍ୱ ପିକେଲବଲ ଲିଗ ମ୍ୟାଚ୍ର କିଛି ଫଟୋକୁ ସୋଶାଲ ମିଡିଆରେ ପୋଷ୍ଟ କରିଥିଲେ। ସାମନ୍ଥା ଚେନ୍ନାଇ ସୁପର ଚାମ୍ପ ପିକେଲବଲ ଟିମର ମାଲିକ। ସେ ଏମିତି କିଛି ଫଟୋ ପୋଷ୍ଟ କରିଥିଲେ, ଯାହା ରାଜଙ୍କ ସହ ସେ ପ୍ରେମ ସମ୍ପର୍କରେ ରହିଥିବା ଚର୍ଚ୍ଚାକୁ ବଳ ଦେଇଥିଲା। ସାମନ୍ଥାଙ୍କ ଏକାଧିକ ପୋଷ୍ଟରେ ରାଜଙ୍କୁ ଦେଖିବାକୁ ମିଳୁଥିବାରୁ ଦୁଇ ଜଣଙ୍କ ମଧ୍ୟରେ କିଛି ରହିଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। Citadel ସିନେମା ବ୍ୟତୀତ ସାମନ୍ଥା ଓ ରାଜ ଏକାଠି ଆମଜନ ପ୍ରାଇମ ଅର୍ଜିନାଲର ଦ ଫ୍ୟାମିଲ ମ୍ୟାନ ୨ରେ ମଧ୍ୟ ଏକାଠି କାମ କରିଛନ୍ତି। ଏବେ ଉଭୟ ପରସ୍ପରର ଜୀବନ ସାଥୀ ବନିଛନ୍ତି।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ସ୍ୱାସ୍ଥ୍ୟ ଉପାଦେୟ ଗେଣ୍ଡା

ଗେଣ୍ଡା ମାଂସ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପାଦେୟ। ସାଧାରଣତଃ ବନବାସୀମାନେ ବିଲବାଡ଼ିରୁ ‘ଗେଣ୍ଡା’ ଧରିଆଣି ସେଥିରେ ସ୍ୱାଦିଷ୍ଟ ତରକାରି ତିଆରିକରି ଖାଉଥିବାର ଆମେ ଜାଣୁ। ଆଜି ସେହି ବ୍ୟଞ୍ଜନ ୟୁରୋପର ବିଭିନ୍ନ ଦେଶରେ ଖୁବ୍ ଆଦର ଲାଭକରିଛି। ଗେଣ୍ଡାରେ ପ୍ରଚୁର ପରିମାଣରେ ପ୍ରାଣୀଜ ପ୍ରୋଟିନ୍ ସହିତ ଲୌହସାର, ଖାଦ୍ୟସାର(ଭିଟାମିନ୍ ଏ, ଇ, ବି୧୨), ଖଣିଜ ପଦାର୍ଥ(କ୍ୟାଲ୍ସିଅମ୍, ପଟାସିଅମ୍, ମ୍ୟାଗ୍ନେସିଅମ୍, ଫସ୍ଫରସ୍) ଥାଏ। ମଣିଷ ସ୍ୱାସ୍ଥ୍ୟ ପାଇଁ ଅତୀବ ଆବଶ୍ୟକ ଆମିନୋ ଏସିଡ୍, ଓମେଗା-୩ ଫ୍ୟାଟି ଏସିଡ୍ ରହିଥିବା ଯୋଗୁଁ ହୃଦ୍ରୋଗୀଙ୍କ ପାଇଁ ଗେଣ୍ଡା ମାଂସ ଏକପ୍ରକାର ମହୌଷଧି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଗେଣ୍ଡା ମାଂସ ନିୟମିତ ସେବନ କରୁଥିବା ବ୍ୟକ୍ତିଙ୍କୁ ବହୁମୂତ୍ର, କର୍କଟ, ଶ୍ୱାସରୋଗ ହେବାର ଆଶଙ୍କା କମ୍। ଗେଣ୍ଡା ମାଂସରେ କୋଲେଷ୍ଟ୍ରୋଲ୍ ପରିମାଣ ଅତିନଗଣ୍ୟ ଥାଏ। ଆହୁରି ବି ଗେଣ୍ଡାର ଖୋଳପାରେ କ୍ୟାଲ୍ସିଅମ୍ କାର୍ବୋନେଟ୍ ସମେତ କାଇଟିନ୍ ରହିଥାଏ, ଯାହା କର୍କଟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଗେଣ୍ଡା ଦେହରୁ ନିର୍ଗତ ଲାଳ ସମେତ ବିଭିନ୍ନ ଅବଶେଷ ମଧ୍ୟ ଚର୍ମର ଉଜ୍ଜ୍ୱଳତା, ଚର୍ମରୋଗ ତଥା ଘାଆ ଓ କ୍ଷତ ଉପଶମକାରୀ। ତେଣୁ ଆମ ରାଜ୍ୟରେ ଗେଣ୍ଡା ଚାଷ ପାଇଁ ସୁଚିନ୍ତିତ ଉଦ୍ୟମ ହେବା ଆବଶ୍ୟକ ବୋଲି ମନେହୁଏ।



### ମା’ରାଣ ଦେହକୁ ନେବେନି...

ଜୟବୀଣାପାଣି ହଂସର ବାହିନୀ
ବିଦ୍ୟାଦାତ୍ରୀ ସରସ୍ୱତୀ...
ଦେଖଆଜି ମା’ଗୋ ମୋବାଇଲି ଦ୍ୱାରା
ଶିକ୍ଷାର କି ଅଧୋଗତି...
ସର୍କାର ଗୋବରମତି...
ଗୁରୁ ଖା’ନ୍ତି ବିଡି-ଛାତର ଛାତିରୀ
ମାରନ୍ତି ମାଙ୍କଡ଼ଚିଟି...



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ସ୍ପେଶାଲ ଆଳୁ ପୁରି



**ଆବଶ୍ୟକ ସାମଗ୍ରୀ:** ଅଟା, ଆଳୁ, କଟା କଞ୍ଚାଲଙ୍କା, ହଳଦି, ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣି, ଜିରା, ଧନିଆ ପତ୍ର ଓ ସୁଜି।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ଅଟା ଆଣି ସେଥିରେ ସିଝା ଆଳୁକୁ ଗ୍ରେଟ୍ କରି ପକାନ୍ତୁ। ପରେ ସେଥିରେ ଲୁଣ, ଲଙ୍କା ପାଉଡର, ହଳଦି ପାଉଡର, ଗୋଟା ଜିରା, ଜୁଆଣି, ଧନିଆ ପତ୍ର, କଞ୍ଚା ଲଙ୍କା ଓ ଅଳ୍ପ ସୁଝି ପକାଇ ତାକୁ ଗୋଳାଇ ଦିଅନ୍ତୁ। ପରେ ପାଣି ଦେଇ ତାକୁ ଭଲ ଭାବରେ ଚକଟି ଦିଅନ୍ତୁ। ତା’ପରେ ତାକୁ ଓଦା କପଡ଼ା ଗୋଡ଼ାଇ ଅଧଘଣ୍ଟା ପର୍ଯ୍ୟନ୍ତ ଢ଼ାଙ୍କି ଦିଅନ୍ତୁ। ଏହା ପରେ ସେଥିରେ ଅଳ୍ପ ତେଲ ମିଶାଇ ଆଉ ଥରେ ଚକଟି ଦିଅନ୍ତୁ। ଏହାପରେ ପୁରି ପାଇଁ ଗୋଳା କରନ୍ତୁ, ଏଗୁଡିକୁ ପୁରି ପରି ବେଲନ୍ତୁ। ପରେ କରେଇରେ ତେଲ ଗରମ କରି ବେଲି ରଖିଥିବା ପୁରିକୁ ଛାଣନ୍ତୁ। ପୁରି ଛାଣି ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆଳୁ ପୁରି।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।




## ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ

# ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବ ଆନ୍ଧ୍ର !

ବେଙ୍ଗାଲୁର (ଏଜେନ୍ସି) :୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ସୋସିଆଲ ମିଡିଆ ବ୍ୟବହାର ଉପରେ ଅଷ୍ଟ୍ରେଲିଆ ଭଳି ପ୍ରତିବନ୍ଧକ ଲଗାଇବ ଆନ୍ଧ୍ରପ୍ରଦେଶ । ଏ ନେଇ ଅଷ୍ଟ୍ରେଲିଆର ନିଷେଧାଦେଶ ଉପରେ ଅଧ୍ୟୟନ କରାଯାଉଛି ବୋଲି ମଙ୍ଗଳବାର ଆନ୍ଧ୍ର ପ୍ରଯୁକ୍ତିବିଦ୍ୟା ଓ ମାନବ ସମ୍ବଳ ମନ୍ତ୍ରୀ ନାରା ଲୋକେଶ କହିଛନ୍ତି । ଡାଭୋସରେ ବିଶ୍ୱ




ଅର୍ଥନୈତିକ ଫୋରମ୍ ଅବସରରେ ନାରା ଲୋକେଶ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ବୟସରୁ କମ୍ ବୟସର ପିଲାମାନେ ସୋସିଆଲ ମିଡିଆରେ ରହିବା ଉଚିତ ନୁହେଁ କାରଣ ସେମାନେ ଯାହା ଦେଖୁଛନ୍ତି ତାହା ବୁଝନ୍ତି ନାହିଁ । ସୋସିଆଲ ମିଡିଆରେ ପ୍ରବେଶ କରୁଥିବା ନାବାଳକମାନଙ୍କ ପାଇଁ ଭାରତ ପିତାମାତାଙ୍କ ନିୟନ୍ତ୍ରଣ ଲାଗୁ କରିଛି, କିନ୍ତୁ ବ୍ୟାପକ ପ୍ରତିବନ୍ଧକ ଉପରେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କୌଣସି ମତ ପ୍ରକାଶ କରିନାହାନ୍ତି ।ସୋସିଆଲ ମିଡିଆ ପ୍ଲାଟଫର୍ମ ଓ କ୍ଷତିକାରକ ଅନଲାଇନ୍ ବିଷୟବସ୍ତୁ ଉପରେ କଠୋର ନିୟନ୍ତ୍ରଣ ପାଇଁ କୋର୍ଟରେ ପିଟିସନ ଦାଖଲ କରାଯାଇଥିବାବେଳେ ରାଜ୍ୟ ସରକାର ଏପରି ବିଚାର କରୁଛନ୍ତି । ସାଇବର ସୁରକ୍ଷା ଓ ସାର୍ବଜନୀନ ନୀତିରେ ବିଶେଷଜ୍ଞ ଓକିଲ କର୍ଣ୍ଣିକା ସେଠ୍ କହିଛନ୍ତି, ଆଇପି ଚିହ୍ନଟକୁ ଏଡ଼ାଇବା ପାଇଁ ଉପାୟ ଓ ମାଧ୍ୟମ ଅଛି । ସମ୍ପୂର୍ଣ୍ଣ ନିଷେଧାଦେଶ ଉପରେ ଦୃଷ୍ଟି ଦେବାକୁ ପଡିବ ।

## ଭାରତ ସହ ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କଲା ୟୁରୋପୀୟ ସଂଘ

# ଆତଙ୍କବାଦ ବିରୋଧୀ ଲଢ଼େଇରେ ବି ମିଳିବ ସାହାଯ୍ୟ

ନୂଆଦିଲ୍ଲୀ (ଏଜେନ୍ସି) : ୟୁରୋପୀୟ ସଂଘ (ଇୟୁ) ଭାରତ ସହ ନୂତନ ପ୍ରତିରକ୍ଷା ଚୁକ୍ତି (ସୁରକ୍ଷା ଓ ପ୍ରତିରକ୍ଷା ଚୁକ୍ତି)କୁ ଅନୁମୋଦନ କରିଛି । ଆସନ୍ତା ସପ୍ତାହରେ ନୂଆଦିଲ୍ଲୀରେ ହେବାକୁ ଥିବା ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀରେ ଏହା ସ୍ୱାକ୍ଷରିତ ହେବ । ୟୁରୋପୀୟ ସଂଘର ବୈଦେଶିକ ନୀତି ମୁଖ୍ୟ କାଜା କଲାସ୍ ବୁଧବାର ୟୁରୋପୀୟ ସଂସଦରେ ଏହି ସୂଚନା ଦେଇଛନ୍ତି । ଏହି ସହଭାଗିତା ଏକ ବୃହତ୍ ରଣନୀତିକ ଏଜେଣ୍ଡାର ଅଂଶ ହେବ ବୋଲି ସେ କହିଛନ୍ତି । ଏହି ଏଜେଣ୍ଡାରେ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍ ?ଟିଏ), ପ୍ରତିରକ୍ଷା ଓ ସୁରକ୍ଷା ଚୁକ୍ତି, ସାଇବର ସୁରକ୍ଷା, ସାମୁଦ୍ରିକ ସୁରକ୍ଷା ଓ ଆତଙ୍କବାଦ ନିରୋଧୀ ପଦକ୍ଷେପ ଅନ୍ତର୍ଭୁକ୍ତ । ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ କୋଷ୍ଟା ଓ ୟୁରୋପୀୟ ଆୟୋଗର ସଭାପତି ଉର୍ସୁଲା ଭନ୍ ଡେର୍ ଲିଏନ୍ ଭାରତ ଆସୁଛନ୍ତି । ଜାନୁଆରି ୨୬ ଗଣତନ୍ତ୍ର ଦିବସ ଉତ୍ସବରେ ସେ ମୁଖ୍ୟଅତିଥି ହେବେ । ପରଦିନ ଜାନୁଆରି ୨୭ରେ ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ । କଲାସ କହିଛନ୍ତି ଯେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ସୁରକ୍ଷା ଓ ପ୍ରତିରକ୍ଷା ଚୁକ୍ତିନାମା ଆତଙ୍କବାଦ ବିରୋଧୀ ଲଢ଼େଇରେ ସାହାଯ୍ୟ କରିବ । ଏହା ସାମୁଦ୍ରିକ ସୁରକ୍ଷା ଓ ସାଇବର ସୁରକ୍ଷା ଭଳି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବ । କଲାସ କହିଛନ୍ତି ଯେ ୟୁରୋପ ଏକ ନୂତନ ଓ ଶକ୍ତିଶାଳୀ ଏଜେଣ୍ଡାରେ ଭାରତ ସହିତ ଆଗକୁ ବଢିବାକୁ ପ୍ରସ୍ତୁତ ଅଛି । ୟୁରୋପର ଅର୍ଥନୈତିକ ଶକ୍ତି ପାଇଁ ଭାରତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି । ଭାରତ ଆସୁଥିବା ୟୁରୋପୀୟ ସଂଘର ପ୍ରତିନିଧି ଦଳରେ ପ୍ରାୟ ୯୦ ଜଣ ସଦସ୍ୟ ରହିବେ । ଏମାନଙ୍କ



ମଧ୍ୟରେ କାଜା କଲାସ, ବାଣିଜ୍ୟ କମିସନର ମାରୋସ ସେଫକୋଭିକ ଓ ଅନେକ ନିର୍ଦ୍ଦେଶକ ଅଛନ୍ତି । ଜାନୁଆରି ୨୭ରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ ବୋଲି ଆଶା କରାଯାଉଛି । ଏଥିପାଇଁ ଉଭୟ ଦେଶ ଆଇନଗତ ପ୍ରକ୍ରିୟା ପୂରଣ କରିବେ । ପ୍ରଥମେ ୟୁରୋପୀୟ ସଂସଦକୁ ହଁ କହିବାକୁ ପଡିବ । ୟୁରୋପୀୟ ପରିଷଦର ଅନୁମୋଦନ ପରେ ବାଣିଜ୍ୟ କମିସନର ସେଫକୋଭିକ ଏହାକୁ ସ୍ୱାକ୍ଷର ପାଇଁ ଭାରତକୁ ଉପସ୍ଥାପନ କରିବେ । ଶିଖର ସମ୍ମିଳନୀ ସମୟରେ ଭାରତ ଓ ୟୁରୋପୀୟ ସଂଘ ୨୦୩୦ ପାଇଁ ଏକ ରାଜନୈତିକ ଏଜେଣ୍ଡା ମଧ୍ୟ ଉପସ୍ଥାପନ କରିବେ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କାର୍ବନ ବର୍ଡର ଆଡଜଷ୍ଟମେଣ୍ଟ ମେକାନିଜିମ୍ (ସିବିଏଏମ୍) ଭଳି ବିବାଦୀୟ ପ୍ରସଙ୍ଗରେ ସହମତିରେ ପହଞ୍ଚିବା ପାଇଁ ଦୁଇ ଦେଶ ବର୍ତ୍ତମାନ ଆଲୋଚନା କରୁଛନ୍ତି । ସିବିଏଏମ୍ ଅଧୀନରେ ଇସ୍ପାତ ଓ ସିମେଣ୍ଟ ଭଳି ଉତ୍ପାଦ ଉପରେ କାର୍ବନ ଶୁଳ୍କ ପାଇଁ ନିୟମ ରହିଛି । ୟୁରୋପୀୟ ସଂଘ ଏପର୍ଯ୍ୟନ୍ତ ଏହି ନୀତିରେ କୌଣସି ପରିବର୍ତ୍ତନ କରିନାହିଁ । ଉଭୟ ଦେଶ ଏହାର ସମାଧାନ ଖୋଜିବାକୁ ଚେଷ୍ଟା କରୁଛନ୍ତି । ଆଜିର ବିପଜ୍ଜନକ ଦୁନିଆରେ ଏକାଠି କାମ କରିବା ଉଭୟଙ୍କ ପାଇଁ ଲାଭଦାୟକ ହେବ ବୋଲି କଲାସ କହିଛନ୍ତି । ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବଜାର ଖୋଲିବ, ଯାହା ଦେଶର ସାମଗ୍ରୀ ଉପରେ ଟିକସ ଓ ପ୍ରତିବନ୍ଧକ ହ୍ରାସ କରିବ । ଏହି କାରଣରୁ ଅଧିକରୁ ଅଧିକ କମ୍ପାନି ଓ ବ୍ୟବସାୟୀ ପରସ୍ପରର ଦେଶରେ ସାମଗ୍ରୀ ବିକ୍ରୟ ଓ କ୍ରୟ କରିପାରିବେ । ଏହାଦ୍ୱାରା ରପ୍ତାନି ମଧ୍ୟ ବୃଦ୍ଧି ପାଇବ । ଏହା ବ୍ୟତୀତ ଟେକ୍ନୋଲୋଜି, ମେଡିସିନ୍ ଓ ସେମିକଣ୍ଡକ୍ଟରରେ ମଧ୍ୟ ସାହାଯ୍ୟ ମିଳିବ ।

# ବ୍ୟାଙ୍କ ଓ ୟୁପିଆଇ ଆପ୍ସରେ ଏବେ ମିଳିବ 'ଏମର୍ଜେନ୍ସି ବଟନ୍'

**ନୂଆଦିଲ୍ଲୀ(ଏଜେନ୍ସି) :** ସାଇବର ଅପରାଧ ଏବଂ ବର୍ଦ୍ଧିତ ଡିଜିଟାଲ ଆରେଷ୍ଟକୁ ମୁକାବିଲା କରିବା ପାଇଁ ସରକାର ଏକ ବଡ଼ ପଦକ୍ଷେପ ନେଉଛନ୍ତି । ବ୍ୟାଙ୍କିଙ୍ଗ ଏବଂ ଡିଜିଟାଲ ପେମେଣ୍ଟ ସିଷ୍ଟମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଫିଚର୍ସ ବିକଶିତ କରିବା ପାଇଁ ଗୃହ ମନ୍ତ୍ରଣାଳୟ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛି । ଏହି ଫିଚର୍ସ ଏକ କିଲ୍ ସ୍ୱିଚ୍ କିମ୍ବା ଜରୁରୀକାଳୀନ ବଟନ୍ ପରି କାର୍ଯ୍ୟ କରିବ । ଏହା ସାହାଯ୍ୟରେ କେ ?ଣସି ବି ୟୁଜର ଠକେଇ ସନ୍ଦେହ କଲେ ନିଜେ ସମସ୍ତ ଟ୍ରାଞ୍ଜାକସନକୁ ତୁରନ୍ତ ବନ୍ଦ କରିପାରିବେ । ଏହି ଫିଚର୍ସର ଉଦ୍ଦେଶ୍ୟ ହେଉଛି ଯେତେବେଳେ ସ୍କାମରମାନେ ଗୋଟିଏ ଆକାଉଣ୍ଟରୁ ଅନ୍ୟ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରନ୍ତି ସେତେବେଳେ ପ୍ରାରମ୍ଭିକ କିଛି ମିନିଟ୍ ମଧ୍ୟରେ ଲୋକଙ୍କ ଟଙ୍କାକୁ ସୁରକ୍ଷା ଦେଇଥାଏ । ଗୃହ




ମନ୍ତ୍ରଣାଳୟର ଉଚ୍ଚସ୍ତରୀୟ କମିଟିରେ ଆରବିଆଇ, ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (ଓ୪ଓ), ଦିଲ୍ଲୀ ପୋଲିସ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି । ଏହି କମିଟି ଏକ ଏଭଳି ସମାଧାନ ଉପରେ କାମ କରୁଛି ଯାହା ବ୍ୟାଙ୍କିଙ୍ଗ ଏବଂ ଟଚଓ ଆପ୍ସରେ ଏକ କିଲ୍ ସ୍ୱିଚ୍ କିମ୍ବା ଜରୁରୀକାଳୀନ ବଟନ୍ ଅନ୍ତର୍ଭୁକ୍ତ କରିବ । ଏହି ବଟନ୍‌ର ଲକ୍ଷ୍ୟ ହେଉଛି ଠକେଇ ସନ୍ଦେହ କରିବା ମାତ୍ରେ ବ୍ୟବହାରକାରୀମାନେ ବଟନ୍ ଦବାଇ ସେମାନଙ୍କର ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିପାରିବେ । ଏହା ଯୋଗୁଁ, ସେହି ବ୍ୟକ୍ତିଙ୍କ ଆକାଉଣ୍ଟରୁ ହେଉଥିବା ଯେ କୌଣସି ପ୍ରକାରର କାରବାର ପ୍ରକୃତ ସମୟରେ ବନ୍ଦ ହୋଇଯିବ ଏବଂ ଟଙ୍କା ସ୍କାମରଙ୍କ ପାଖରେ ପହଞ୍ଚିବ ନାହିଁ । ସ୍କାମରଙ୍କ ପାର୍ଟର୍ନ ଏହା ଅଛି ଯେ, ଠକେଇ ଟଙ୍କାକୁ ଦ୍ରୁତ ଗତିରେ ଅଲଗା ଆକାଉଣ୍ଟକୁ ନେବା । ଏଥିପାଇଁ ସେମାନେ ଫେକ୍ ଆକାଉଣ୍ଟର ସାହାରା ନେଇଥାନ୍ତି । ଗୃହମନ୍ତ୍ରଣାଳୟର ହାଇ-ଲେବଲ କମିଟି ଏଭଳି ରିୟଲ-ଟାଇମ୍ ଡିଟେକ୍ସନ୍ ଟୁଲ୍ ତିଆରି କରିବା ଉପରେ ବିଚାର କରୁଛି । ଯାହାଦ୍ୱାରା ଏଭଳି ଖାତାରୁ ଟଙ୍କା ପହଁଞ୍ଚାଇବା ପୂର୍ବରୁ ସତର୍କ କରିବା । ଏହା ସହ ଟ୍ରାଞ୍ଜାକସନ୍ ବ୍ଲକ କରିଦେଇଥାଏ । ଏହା ସହ ସରକାର ଏକ ଇନସ୍ୟୁରାନ୍ସ ଫଣ୍ଡ ତିଆରି କରିବା ଉପରେ ବିଚାର କରୁଛନ୍ତି । ଯାହାର ବ୍ୟବହାର ଏଭଳି ଠକେଇରୁ ହେଉଥିବା କ୍ଷତିର ଭରଣ କରିବା ପାଇଁ ସେୟାରରେ ଫଣ୍ଡ ଭାବରେ କାମ କରିବ । ଗତ କିଛି ସମୟ ଧରି ଡିଜିଟାଲ ଆରେଷ୍ଟ ମାମଲା ବଢିବାରେ ଲାଗିଛି । ଲୋକମାନେ ନିଜର ଜୀବନ ସାରା ଆୟକୁ ଠକଙ୍କ ହାତରେ ହରାଇ ବସନ୍ତି । ସରକାରଙ୍କ ମତରେ ସାଇବର ଅପରାଧ ସହ ଲଡିବା ପାଇଁ ଟେକ୍ନୋଲୋଜି, ଆଇନ ଓ ଜନ-ସଚେତନତା ଏଭଳି ବ୍ୟବହାର କରାଯିବା ଜରୁରୀ । ନୂଆ ଫିଚର୍ସ ଦ୍ୱାରା ୟୁଜରଙ୍କୁ ଏକ ଅସ୍ତ୍ର ମିଳିବ,ଯାହା ଦ୍ୱାରା ସେହି ସମୟର ସେମାନେ ବ୍ୟବହାର କରିପାରିବେ, ଯେତେବେଳେ ତାଙ୍କୁ ଠକେଇରୁ ବଞ୍ଚିବା ପାଇଁ କୌଣସି ପ୍ରକାର ସାହାଯ୍ୟ ଦରକାର ଥାଏ ।

## ■ ପାକିସ୍ତାନରେ ମିଳିଲା କଳା ସୁନାର ଖଣି !

# ମେଣ୍ଟିବ ଦେଶର ଭୋକ

**ଇସଲାମାବାଦ (ଏଜେନ୍ସି):** ପାକିସ୍ତାନର ମେଣ୍ଟିବ ଭୋକ । ସୁଧୁରିବ ଦେଶର ସ୍ଥିତି । କାହିଁକି ନା ପାକିସ୍ତାନରୁ ମିଳିଲା କଳା ସୁନାର ଖଣି । ପାକିସ୍ତାନ ସରକାରୀ ତୈଳ କମ୍ପାନୀ ଓଜିଡିସିଏଲ୍, ଖାଇବର ପଖତୁନଖ୍ୱା ପ୍ରଦେଶର କୋହତ ଜିଲ୍ଲାରେ ଏକ ତେଲ ଓ ଗ୍ୟାସ୍ ଭଣ୍ଡାର ଠାବ କରିଛି । ଗୋଟିଏ ମାସ ମଧ୍ୟରେ ଏହା ତୃତୀୟ ଭଣ୍ଡାର ଠାବ ହୋଇଛି । ଆଶା କରାଯାଉଛି ଏଥିରୁ ପାକିସ୍ତାନର ସ୍ଥିତି ସୁଧୁରିବ । ଠାବ ହୋଇଥିବା ତେଲ ଭଣ୍ଡାର ୨୦୨୪ରେ ଖନନ କରାଯାଇଥିଲା, ଏବଂ ତା'ପରେ ପରୀକ୍ଷଣ କରାଯାଇଥିଲା । ପରୀକ୍ଷଣରୁ ଜଣାପଡ଼ିଥିଲା ଯେ ଦୈନିକ ୩,୧୦୦



ବ୍ୟାରେଲ୍ ଅଶୋଧିତ ତେଲ ଏବଂ ୮.୧୫ ମିଲିୟନ୍ ଘନଫୁଟ ପ୍ରାକୃତିକ ଗ୍ୟାସ ଉତ୍ପାଦନ ହେବ । ବର୍ତ୍ତମାନ ପାକିସ୍ତାନ ଆର୍ଥିକ ସଙ୍କଟ ଦେଇ ଗତି କରୁଛି । ଦେଶରେ ଗରିବି ବଢୁଛି । ଏଭଳି ପରିସ୍ଥିତିରେ ତୈଳ ଭଣ୍ଡାର ଠାବ ହେବା ପାକିସ୍ତାନ ପାଇଁ କୌଣସି ବରଦାନଠୁ କମ୍ ନୁହେଁ । ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ, ସରକାର ଘରୋଇ ତୈଳ ଏବଂ ଗ୍ୟାସ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି । ଓଜିଡିସିଏଲ କହିଛି ଯେ ଏହି ଆବିଷ୍କାର ଘରୋଇ ସମ୍ପଦରୁ ଶକ୍ତି ଯୋଗାଣ ଏବଂ ଚାହିଦା ବ୍ୟବଧାନକୁ ହ୍ରାସ କରିବ ଏବଂ ଦେଶର ହାଇଡ୍ରୋକାର୍ବନ ଭଣ୍ଡାର ବୃଦ୍ଧି କରିବ । ଆଉ ଆଗାମୀ ଦିନରେ ଦେଶର ଆର୍ଥିକ ସ୍ଥିତି ସ୍ୱଚ୍ଛଳ କରିବ ବୋଲି ଆଶା କରାଯାଉଛି ।

# ଆଇନ ଅଦାଲତ

# ଜଣେ ଆଇନଜୀବୀଙ୍କୁ ତୀବ୍ର ସମାଲୋଚନା କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ(ଏଜେନ୍ସି) :**ଜଣେ ଆଇନଜୀବୀଙ୍କ ଉପରେ ଶୁକ୍ରବାର ପ୍ରବଳ ବର୍ଷିଛନ୍ତି ସୁପ୍ରିମକୋର୍ଟ । ଗତବର୍ଷ ଗୋଟିଏ ମାମଲାର ଶୁଣାଣି ବେଳେ ଏହି ଆଇନଜୀବୀ ଜଣଙ୍କ ଝାଡ଼ଖଣ୍ଡ ହାଇକୋର୍ଟ ବିଚାରପତିଙ୍କ ସହ ଯୁକ୍ତିତର୍କ କରିଥିଲେ । ଏଥିପାଇଁ ତାଙ୍କ ବିରୋଧରେ ହାଇକୋର୍ଟ ଅପରାଧିକ ଅଦାଲତ ଅବମାନନା ନୋଟିସ କରିଛନ୍ତି । ଏହାକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି । ଏହାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଆବେଦନକାରୀ ଆଇନଜୀବୀଙ୍କୁ ସମାଲୋଚନା କରିଛନ୍ତି । ଅକ୍ଟୋବର ୧୬ରେ ଆଇନଜୀବୀ ମହେଶ ତିୱାରୀ ଝାଡ଼ଖଣ୍ଡ ହାଇକୋର୍ଟର ବିଚାରପତି ଜଷ୍ଟିସ ରାଜେଶ କୁମାରଙ୍କ ସହ ଜୋରଦାର ଯୁକ୍ତିତର୍କ କରିଥିଲେ । ଏହାର ଭିଡିଓ ମଧ୍ୟ ସୋଶାଲ ମିଡିଆରେ ରହିଛି । ଶୁଣାଣି ବେଳେ ଆଇନଜୀବୀ ତିୱାରୀ ଜଷ୍ଟିସ କୁମାରଙ୍କୁ ନିଜର ସୀମା ଅତିକ୍ରମ ନ କରିବାକୁ ଚେତାବନୀ ଦେଇଥିଲେ ।

ଜଣେ ଆଇନଜୀବୀଙ୍କ ଏପରି ଆଚରଣକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଥିଲା ଓ ଝାଡ଼ଖଣ୍ଡ ହାଇକୋର୍ଟ ତାଙ୍କ ବିରୋଧରେ ଗୋଟିଏ ଅପରାଧିକ ଅଦାଲତ ଅବମାନନା ନୋଟିସ କରିଥିଲେ । ଯାହାକୁ ଆଇନଜୀବୀ ତିୱାରୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି । କିନ୍ତୁ ସୁପ୍ରିମକୋର୍ଟରେ ତିୱାରୀଙ୍କୁ ନିରାଶର ହେବାକୁ ପଡ଼ିଛି । ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, "ସେ କେବଳ ସୁପ୍ରିମକୋର୍ଟରୁ ଗୋଟିଏ ନିର୍ଦ୍ଦେଶ ହାସଲ କରି ମୋ ବିରୋଧରେ କେହି କିଛି କରିପାରିବେ ନାହିଁ ବୋଲି ଦେଖାଇ ହେବାକୁ ଚାହୁଁଛନ୍ତି । ଯଦି ସେ କ୍ଷମା ମାଗିବାକୁ ଚାହୁଁଛନ୍ତି, ତା'ହେଲେ କ୍ଷମା ମାଗନ୍ତୁ । ଯଦି ସେ ବିଚାରପତିମାନଙ୍କୁ ଆଖି ଦେଖାଇବାକୁ ଚାହୁଁଛନ୍ତି, ତା'ହେଲେ ସେ ଆଗକୁ ବଢ଼ିପାରିବେ । ଆମେ ଏଠାରେ ବସିଛୁ । ଏହାପରେ ଆମେ ମଧ୍ୟ ଦେଖିବୁ ।" ଯଦି ଆଇନଜୀବୀ ତିୱାରୀ କ୍ଷମା ମାଗୁଛନ୍ତି, ତା'ହେଲେ ତାଙ୍କ ପ୍ରତି ଦୟା ପ୍ରଦର୍ଶନ କରିବାକୁ ମଧ୍ୟ ସୁପ୍ରିମକୋର୍ଟଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପରାମର୍ଶ ଦିଆଯାଇଛି ।

୧.୩୦ ଲକ୍ଷର ବକେୟା ପାଇଁ ବିଜୁଳି ବିଭାଗ ଜଣେ ବିଧବାଙ୍କ ସଂଯୋଗ ବିଚ୍ଛିନ୍ନ କରିଥିଲା । ତାଙ୍କ ପାଇଁ ମହେଶ ତିୱାରୀ ମାମଲା ଲଢ଼ିବା ସହ ଶୁଣାଣି ବେଳେ ଜଷ୍ଟିସ ରାଜେଶ କୁମାରଙ୍କ ସହ ଯୁକ୍ତିତର୍କ କରିଥିଲେ । ଶୁଣାଣି ବେଳେ ସେ କହିଥିଲେ ଯେ ତାଙ୍କ କ୍ଲାଏଣ୍ଟ ପୁନଃ ବିଜୁଳି ସଂଯୋଗ ପାଇଁ ୨୫ ହଜାର ଟଙ୍କାର ବ୍ୟବସ୍ଥା କରିଥିଲେ । କିନ୍ତୁ ଜଷ୍ଟିସ କୁମାରଙ୍କ କହିବା କଥା ଯେ ଗୋଟିଏ ନ୍ୟାୟିକ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ବାକି ରହିଥିବା ମୋଟ ଟଙ୍କାର ୫୦% ଦାଖଲ କରିବାକୁ ହୋଇଥାଏ । ପରବର୍ତ୍ତୀ ସମୟରେ ତାଙ୍କ କ୍ଲାଏଣ୍ଟ ୫୦ ହଜାର ଟଙ୍କା ଜମା କରିବେ ବୋଲି ତିୱାରୀ ରାଜି ହେବାରୁ ମାମଲାର ସମାଧାନ ହୋଇଥିଲା । କିନ୍ତୁ ତିୱାରୀଙ୍କ ମାମଲାର ଶୁଣାଣି ଶେଷ ହେବା ପରେ ବିବାଦ ବଢ଼ିଥିଲା ।

କୋର୍ଟ ଆଉ ଗୋଟିଏ ମାମଲାର ବିଚାର ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଜଷ୍ଟିସ କୁମାର ଗୋଟିଏ ବୟାନରେ ତିୱାରୀ ଯେଉଁଭଳି ଭାବେ ଯୁକ୍ତି ଉପସ୍ଥାପନ କରିଥିଲେ, ସେ ସମ୍ପର୍କରେ ମତ ରଖିଥିଲେ । ଏହାପରେ କୋର୍ଟ ରୁମରେ ଉପସ୍ଥିତ ଥିବା ଝାଡ଼ଖଣ୍ଡ ରାଜ୍ୟ ବାର କାଉନସିଲର ଅଧ୍ୟକ୍ଷଙ୍କୁ ଆଇନଜୀବୀଙ୍କ ବ୍ୟବହାରକୁ ନିଜ ଆଡୁ ବିଚାରକୁ ନେବାକୁ କହିଥିଲେ ।

ଏହା ଶୁଣି ତିୱାରୀ ନିଜ ଆସନରେ ଛିଡ଼ା ହୋଇ ଯାଇଥିଲେ । ସେ ବିଚାରପତିଙ୍କୁ ଅଙ୍ଗୁଳି ଦେଖାଇ କହିଥିଲେ ଯେ "ମୁଁ ମୋ ନିଜ ଶୈଳୀରେ ଯୁକ୍ତି ରଖିବି । ଆପଣଙ୍କ କଥାରେ ମୁଁ ମତ ରଖିପାରିବି ନାହିଁ । ଦୟା କରି ଏହାକୁ ମନେ ରଖନ୍ତୁ । କୌଣସି ଆଇନଜୀବୀଙ୍କୁ ହଇରାଣ କରିବାକୁ ଚେଷ୍ଟା କରନ୍ତୁ ନାହିଁ । ମୁଁ ଆପଣ ଏକଥା ଚେତାଇ ଦେଉଛି ।"

ଏହାର ଜବାବରେ କୋର୍ଟ କହିଥିଲେ ଯେ "କୋର୍ଟ ଅନ୍ୟାୟ କରୁଛନ୍ତି ବୋଲି ଆପଣ କହିପାରିବେ ନାହିଁ ।" ତିୱାରୀ ମଧ୍ୟ ପଛକୁ ନ ହଟି "ମୁଁ ଏପରି କହିଛି କି ? ଆପଣ ଲାଇଭ ଭିଡିଓ ରେକର୍ଡିଂର ଯାଞ୍ଚ କରନ୍ତୁ । ଦୟା କରି ରେକର୍ଡିଂ ଦେଖନ୍ତୁ । ମୁଁ କେବଳ ଆପଣଙ୍କ ନିକଟରେ ପ୍ରାର୍ଥନା କରିଥିଲି । ନ୍ୟାୟପାଳିକାକୁ ଦେଖି ଦେଶ ଜଳୁଛି । ଏହା ମୋର ଶବ୍ଦ ଥିଲା । ଦୟା କରି କୌଣସି ଆଇନଜୀବୀଙ୍କୁ ହଇରାଣ କରନ୍ତୁ ନାହିଁ ।

ଆପଣ ଜଣେ ବିଚାରପତି ବୋଲି ସବୁ ଜାଣିଛନ୍ତି ଓ ଆମେ ଆଇନଜୀବୀ ବୋଲି କିଛି ଜାଣିନୁ ? ମୁଁ ମୋ ଶୈଳୀରେ କହିବି । ସୀମା ଅତିକ୍ରମ କରନ୍ତୁ ନାହିଁ । ଦୟା କରି ନିଜ ସୀମାରେ ରୁହନ୍ତୁ । ମୁଁ ୪୦ ବର୍ଷ ହେଲାଣି ଓକିଲାତି କରୁଛି ।" ଏକଥା କହିବା ପରେ ତିୱାରୀ ସିଧା କୋର୍ଟ ରୁମରୁ ବାହାରକୁ ଚାଲି ଯାଇଥିଲେ । ଏହାପରେ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ତାରଲୋକ ସିଂହ ଚୌହାନଙ୍କ ଅଧ୍ୟକ୍ଷରେ ଗଠିତ ୫ ଜଣିଆ ଖଣ୍ଡପୀଠ ପକ୍ଷରୁ ଶ୍ରୀ ତିୱାରୀଙ୍କୁ ଅଦାଲତ ଅବମାନନା ନୋଟିସ ପଠା ଯାଇଥିଲା ।



# ଏସିଡ ଆକ୍ରମଣକାରୀଙ୍କ ସମ୍ପତ୍ତି ହେବ ନିଲାମ !

**ନୂଆଦିଲ୍ଲୀ(ଏଜେନ୍ସି) :** ଦେଶରେ ବିଚାରାଧୀନ ସମସ୍ତ ଏସିଡ ଆକ୍ରମଣ ଘଟଣାର ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଏସିଡ ଆକ୍ରମଣକାରୀଙ୍କ ସମ୍ପତ୍ତି ନିଲାମ ପାଇଁ ପ୍ରସ୍ତାବ ଦେଇଛି ସର୍ବୋଚ୍ଚ ନ୍ୟାୟାଳୟ ।

ଦେଶରେ ବିଚାରାଧୀନ ସମସ୍ତ ଏସିଡ୍ ଆକ୍ରମଣ ମାମଲାରେ ବିଚାରାଧୀନ ଥିବା ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛି ସର୍ବୋଚ୍ଚ ନ୍ୟାୟାଳୟ । ସର୍ବୋଚ୍ଚ ନ୍ୟାୟାଳୟ ଏଥିପାଇଁ ସମସ୍ତ ରାଜ୍ୟ ସରକାର ଏବଂ ଉଚ୍ଚ ଅଦାଲତକୁ ଚାରି ସପ୍ତାହ ସମୟ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏପରି ମାମଲାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ନୂତନ ଦଣ୍ଡମୂଳକ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଅଦାଲତ କହିଛି ଯେ, ଯେଉଁ କ୍ଷେତ୍ରରେ ଅଭିଯୁକ୍ତ ପୀଡିତାଙ୍କୁ କ୍ଷତିପୂରଣ ଦେଇ ନପାରିଲେ, କର୍ତ୍ତୃପକ୍ଷ ଅଭିଯୁକ୍ତଙ୍କ ସମସ୍ତ ସମ୍ପତ୍ତିକୁ ସଂଲଗ୍ନ କରି ନିଲାମ କରିବା ଉଚିତ । ଏହି ନିଲାମ ରାଶି ପୀଡିତ/ପିଡିତାଙ୍କୁ କ୍ଷତିପୂରଣ ଦେବା ଉଚିତ । ଏହାସହ ଅଦାଲତ ଆହୁରି କହିଛି ଯେ, କାର୍ଯ୍ୟାନୁଷ୍ଠାନ କୁ ଛାଡି ମଧ୍ୟ କିଛି ଦଣ୍ଡମୂଳକ ପଦକ୍ଷେପ ଆବଶ୍ୟକ । ଯଦି କାର୍ଯ୍ୟାନୁଷ୍ଠାନ ଅଭିଯୁକ୍ତଙ୍କ ପାଇଁ ଯନ୍ତ୍ରଣାଦାୟକ ନହୁଏ, ତେବେ ପୀଡିତାଙ୍କୁ ସହାୟତା କରିବା ପାଇଁ ଏକ ସମର୍ପିତ ମଞ୍ଚ କରିବାକୁ କେନ୍ଦ୍ର ଯାଞ୍ଚ କରିବା ଉଚିତ ବୋଲି ଅଦାଲତ କହିଛି । ଅଦାଲତ ଆହୁରି ମଧ୍ୟ କହିଛି ଯେ ଦାବି ସ୍ଥାନାନ୍ତର ହେବା ଉଚିତ, ଅର୍ଥାତ୍ ଏପରି ମାମଲାରେ ଅଭିଯୁକ୍ତଙ୍କ ବଦଳରେ ପୀଡିତାଙ୍କୁ ସନ୍ଦେହର ଲାଭ ଦିଆଯିବା ଉଚିତ ।

# ବିଜୟଙ୍କ 'ଜୟ ନାୟଗନ'କୁ ସୁପ୍ରିମକୋର୍ଟଙ୍କ ଝଟକା

**ନୂଆଦିଲ୍ଲୀ(ଏଜେନ୍ସି) :** ସୁପରଷ୍ଟାର ବିଜୟଙ୍କ ଆଗାମୀ ସିନେମା ଜୟ ନାୟଗନକୁ ନେଇ ବିବାଦ ଥମିବାର ନାଁ ଧରୁନି । ରିଲିଜ ପ୍ରାମଣପତ୍ର ପାଇଁ ପ୍ରଯୋଜନା ସଂସ୍ଥା କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି । ଏଥିସହ ପ୍ରଯୋଜନା ସଂସ୍ଥାକୁ ପୁଣିଥରେ ମାଡ୍ରାସ ହାଇକୋର୍ଟରେ ରିଲିଜ ସଂକ୍ରାନ୍ତ ଆବେଦନ କରିବାକୁ ସର୍ବୋଚ୍ଚ ଅଦାଲତ କରିଛନ୍ତି । ଜାନୁଆରୀ ୯ରେ ରିଲିଜ ହେବାକୁ ଥିବା ଜନ ନାୟଗନକୁ ଏଯାଏ ସେନସର ବୋର୍ଡର ଅନୁମତିପତ୍ର ମିଳି ନାହିଁ । ଏଥିପାଇଁ ବିଜୟଙ୍କ ଫିଲ୍ମକୁ ନେଇ ଛକାପଞ୍ଝା ଲାଗି ରହିଛି । ଏହି ଫିଲ୍ମର ନିର୍ଦ୍ଦେଶନା ଏଚ ବିନୋତ ଦେଇଥିବା ବେଳେ କେଭିଏନ ପ୍ରଡକ୍ସନ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି । ସେନସର ବୋର୍ଡ ରିଲିଜ ପାଇଁ ଅନୁମତି ଦେଉ ନଥିବାରୁ ତତ୍କାଳ ଶୁଣାଣି ଦାବିରେ ଜୟ ନାୟଗନର ପ୍ରଯୋଜନା ସଂସ୍ଥା ସୁପ୍ରିମକୋର୍ଟରେ ପହଞ୍ଚିଥିଲା ।



ହେଲେ କୋର୍ଟ ସଂସ୍ଥାକୁ ମାଡ୍ରାସ ହାଇକୋର୍ଟରେ ଆବେଦନ କରିବାକୁ କହିଛନ୍ତି । ଜାନୁଆରୀ ୨୦ରେ ମାଡ୍ରାସ ହାଇକୋର୍ଟ ଆବେଦନର ବିଚାର କରି ରାୟ ଦେବାକୁ ମଧ୍ୟ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନର ଶୁଣାଣି କରିବାକୁ ଇଚ୍ଛୁକ ନଥିବା ସୁପ୍ରିମକୋର୍ଟ କହିବା ସହ ତରବରିଆ ଭାବେ ଜୟ ନାୟଗନ ଟିମ ଶୁଣାଣି ପାଇଁ ଜିଦ କରିବାକୁ ନାସନ୍ଦ କରିଛନ୍ତି । ସେନସର ଅନୁମତି ପାଇଁ ଫିଲ୍ମ ନିର୍ମାଣକାରୀ ସଂସ୍ଥା କରିଥିବା ନିବେଦନକୁ ମଧ୍ୟ କୋର୍ଟ ଖାରଜ କରିଛନ୍ତି । ଜନ ନାୟଗନ ସିନେମାକୁ ବିଜୟଙ୍କ ଶେଷ ଫିଲ୍ମ ବୋଲି କୁହାଯାଉଛି ।

ଏହି ସିନେମା ପରେ ବିଜୟ ତାଙ୍କର ସବୁ ସମୟ ରାଜନୀତିରେ ବିତାଇବେ । ସେ ତାଙ୍କ ଦଳ ଟିଭିକେ ପାଇଁ କାମ କରିବେ ବୋଲି ଜଣାପଡ଼ିଛି । ଜନ ନାୟଗନର ପ୍ରଯୋଜକଙ୍କ ପାଇଁ ପକ୍ଷ ରଖୁଥିବା ବରିଷ୍ଠ ଓକିଲ ମୁକୁଲ ରୋହତଗୀ କୋର୍ଟକୁ କହିଛନ୍ତି ଯେ "ଏହି ପ୍ରସଙ୍ଗ ଗୋଟିଏ ଫିଲ୍ମ ସହ ଜଡ଼ିତ ।

ରିଲିଜ ପାଇଁ ଜାନୁଆରୀ ୯ ତାରିଖ ଧାର୍ଯ୍ୟ ହୋଇଥିଲା । ୫ ହଜାର ଥିଏଟର ଭାରତ ବର୍ଷରେ ଏଥିପାଇଁ ଉପଲବ୍ଧ ଥିଲେ । ୧୦ଟି କଟରେ ରିଲିଜ ପାଇଁ ଅନୁମତି ପତ୍ର ମିଳିବ ବୋଲି କୁହାଯାଇଥିଲେ । ହେଲେ ଏଯାଏ ଅନୁମତି ପତ୍ର ମିଳିନାହିଁ ।"

ଏହା ଶୁଣି ଗୋଟିଏ ରଦ୍ଦ ହୋଇଥିବା ନିର୍ଦ୍ଦେଶକୁ କେବେ ହେଲେ ଚ୍ୟାଲେଞ୍ଜ କରାଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ସର୍ବୋଚ୍ଚ ଅଦାଲତ କହିଛନ୍ତି, "ଶ୍ରୀ ରୋହତଗୀ ଏହା ଅତ୍ୟନ୍ତ ତରବିଆ ଆବେଦନ । ଜାନୁଆରୀରେ ଏହି ମାମଲାର ଶୁଣାଣି ଡିଭିଜନ ବେଞ୍ଚରେ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ଆପଣ ରଦ୍ଦ ହୋଇଥିବା ରାୟକୁ ଏପରି ଢଙ୍ଗରେ ଚ୍ୟାଲେଞ୍ଜ କରିପାରିବେ ନାହିଁ । ଆପଣ ଡିଭିଜନ ବେଞ୍ଚଙ୍କ ପାଖକୁ ଯାଆନ୍ତୁ ।"

ବିଜୟଙ୍କ ଅଭିନୀତ ଜନ ନାୟଗନକୁ ୟୁଏ ପ୍ରମାଣପତ୍ର ଦେବାକୁ ପ୍ରଥମେ ମାଡ୍ରାସ ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହା ଉପରେ ମାଡ୍ରାସ ହାଇକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ରୋକ ଲଗାଇ ଦେଇଥିଲେ । ଦୁଇ ଜଣିଆ ଖଣ୍ଡପୀଠଙ୍କ ରାୟ ବିରୋଧରେ ଫିଲ୍ମ ପ୍ରଯୋଜନା ସଂସ୍ଥା ସୁପ୍ରିମକୋର୍ଟ ଯାଇଥିଲା ।

ସେନସର ବୋର୍ଡର କହିବା କଥା ଯେ ଫିଲ୍ମରେ ଭାରତୀୟ ସଶସ୍ତ୍ର ବଳର ପ୍ରତୀକୁ ଭୁଲ ଭାବେ ଉପସ୍ଥାପନ କରାଯାଇଛି । ସେହିପରି କିଛି ଦୃଶ୍ୟ ଅତ୍ୟନ୍ତ ଆପତ୍ତିଜନକ ରହିଛି । ଏହାର ସମୀକ୍ଷା ବିଶେଷଜ୍ଞ ଟିମ ନ ସାରିବା ଯାଏ ରିଲିଜ ପାଇଁ ପ୍ରମାଣପତ୍ର ଦିଆଯିବ ନାହିଁ । ଏହାକୁ ଏବେ କୋର୍ଟରେ ଫିଲ୍ମ ପ୍ରଯୋଜନା ସଂସ୍ଥା ଚ୍ୟାଲେଞ୍ଜ କରିଛି ।

ସୋମବାର, ୨୬ ଜାନୁଆରୀରୁ ୦୧ ଫେବୃଆରୀ, ୨୦୨୬

ନିଷ୍କର୍ଷ
NISHKARSHA




## କେବଳ ସୀମାରେ ନୁହେଁ, ସମସ୍ତ କ୍ଷେତ୍ରରେ ସଶକ୍ତ ହେବାକୁ ଆହ୍ୱାନ

ନୂଆଦିଲ୍ଲୀ ଠାରେ ଜାନୁଆରୀ ୧୦ରେ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍' ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଭାରତକୁ କେବଳ ସୀମାରେ ନୁହେଁ, ସମସ୍ତ କ୍ଷେତ୍ରରେ ସଶକ୍ତ ହେବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଆମକୁ ଆମ ଇତିହାସର ପ୍ରତିଶୋଧ ନେବାକୁ ହେବ । ଆମର ଏକ ବିକଶିତ ସଭ୍ୟତା ଥିଲା । ଆମେ କାହାର ମନ୍ଦିର ଭାଙ୍ଗି ନ ଥିଲୁ । ଆମେ କେବେ ବିଦେଶୀଙ୍କ ଉପରେ ଆକ୍ରମଣ କରିନାହୁଁ, ଯେତେବେଳେ ଅବଶିଷ୍ଟ ବିଶ୍ୱ ଦୁର୍ବଳ ଥିଲା । ପୂର୍ବତନ ଗୋଇନ୍ଦା ବ୍ୟୁରୋ ମୁଖ୍ୟ ୮୦ ବର୍ଷୀୟ ଡୋଭାଲ ପୁଣି କହିଛନ୍ତି, ଆମ ପୂର୍ବପୁରୁଷମାନେ ବଡ଼ ବଡ଼ ତ୍ୟାଗ କରିଥିଲେ । ସେମାନେ ବଡ଼ ଅପମାନ ସହିଥିଲେ ଓ ଗଭୀର ଅସହାୟତାର ସମୟ ଅତିବାହିତ କରିଥିଲେ । ଆମ ମନ୍ଦିରଗୁଡ଼ିକ ଲୁଟ୍ ହୋଇଥିଲା, ଆଉ ଆମେ ନୀରବ ଦର୍ଶକ ଭାବେ ସବୁକିଛି ଦେଖୁଥିଲୁ । ଏହି ଇତିହାସ ଆଜିର ଯୁବବର୍ଗଙ୍କ ମଧ୍ୟରେ ଅଗ୍ନି ପ୍ରଜ୍ୱଳନ କରିବା ଉଚିତ ବୋଲି ସେ କହିଛନ୍ତି । 'ପ୍ରତିଶୋଧ' ଶବ୍ଦଟି ଉପଯୁକ୍ତ ନ ହୋଇପାରେ ବୋଲି ସ୍ୱୀକାର କରି ସେ କହିଛନ୍ତି ଯେ, ଏହା ସୁରକ୍ଷାରୁ ଆର୍ଥିକ ଓ ସାମାଜିକ ବିକାଶ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତକୁ ପୁନଃନିର୍ମାଣ କରିବା ପାଇଁ ଏକ ଶକ୍ତିଶାଳୀ ପ୍ରେରଣାଦାୟୀ ଶକ୍ତି ହୋଇପାରେ । ଜଣେ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଭାଷାକୁ କୂଟନୀତି ଓ ରଣନୀତିକୁ ମିଶାଇ କରି ବିଚାର କରାଯାଇପାରେ । କିନ୍ତୁ ସେ ଯେଉଁଭଳି ଭାବେ 'ପ୍ରତିଶୋଧ' ଭଳି ଶବ୍ଦ ବ୍ୟବହାର କରିଛନ୍ତି, ତାହାକୁ ଭାରତୀୟ ମାନସିକତା କିଭଳି ଗ୍ରହଣ କରିବ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଦେଶର ବର୍ତ୍ତମାନର ଆଭ୍ୟନ୍ତରୀଣ ସାମ୍ପ୍ରଦାୟିକ ଘୃଣାଭାବ ଓ ଅନ୍ତର୍ଜାତୀୟ ସ୍ତରରେ ଅପମାନଜନକ ଅସହାୟତାର ପରିବେଶରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଐତିହାସିକ ଅନ୍ୟାୟକୁ ଉଠାଇବା ଦେଶର ସୂକ୍ଷ୍ମ ସାମାଜିକ ସମ୍ବନ୍ଧକୁ ଆହୁରି ଦୁର୍ବଳ କରିବା ସହ ବିଶ୍ୱସ୍ତରରେ ଭାରତର ପ୍ରତିଛବିକୁ କ୍ଷତି ପହଞ୍ଚାଇପାରେ । ଜାତୀୟ ଉଦ୍ଦେଶ୍ୟକୁ ଐତିହାସିକ ପ୍ରତିଶୋଧ ଭାବରେ ଚିତ୍ରଣ କରିବା ଦେଶକୁ ସର୍ବଦା ନିଜେ ଶିକାର ମାନସିକତାରେ ବୁଡ଼ାଇବାର ଚେଷ୍ଟା ବୋଲି କୁହାଯାଇପାରେ । ଦେଶରେ ବେକାରି, ଅସମାନତା ଓ ଲୋକଙ୍କ ଦୈନନ୍ଦିନ ଚଳଣି ଖର୍ଚ୍ଚ ବୃଦ୍ଧି ଆଦି ସମସ୍ୟାରୁ ସମ୍ଭବତଃ ଦୃଷ୍ଟି ହଟେଇବା ପାଇଁ ଏଭଳି ଆହ୍ୱାନ ଦିଆଯାଇଛି । ଅତୀତର ପ୍ରତିଶୋଧ ନେବା ଭଳି ଭାଷା ପ୍ରୟୋଗ ଦେଶର ଶୀର୍ଷ ନିରାପତ୍ତା ଅଧିକାରୀଙ୍କଠାରୁ ଆସିବା ପଡ଼ୋଶୀ କିମ୍ବା ମିତ୍ରରାଷ୍ଟ୍ରଗୁଡ଼ିକୁ ଅସ୍ଥିର କରିପାରେ । କାରଣ ସବୁ ପଡ଼ୋଶୀଙ୍କ ସହ ଭାରତର ଏବେ ଅପଡ଼ ସମ୍ପର୍କ ବିଷୟ ଜଣାଶୁଣା । ଭୂରାଜନୈତିକ ସ୍ଥିତିରେ ଭାରତକୁ ନିଜର ଶକ୍ତି ଓ ସାମର୍ଥ୍ୟ ବିଷୟରେ ଜଣାଇବା ପାଇଁ ବ୍ୟାଖ୍ୟାନର ସାହାରା ନେବାକୁ ପଡୁଛି । କହିବାକୁ ଗଲେ ଡୋଭାଲ ଯେଉଁ ସ୍ୱରରେ ତାଙ୍କ ବକ୍ତବ୍ୟ ରଖିଛନ୍ତି, ତାହା ରାଜନୈତିକ ନେତାଙ୍କ କ୍ଷେତ୍ରରେ ହୁଏତ ଶୋଭା ପାଇଥାଆନ୍ତା । କିନ୍ତୁ ଦେଶର ଶୀର୍ଷ ସୁରକ୍ଷା ଅଧିକାରୀଙ୍କଠାରୁ ଏହା ଉଚ୍ଚାରିତ ହେବା ସମସ୍ୟା ଡାକିପାରେ । ବୈଦେଶିକ ବା କୂଟନୈତିକ ଭାଷା ମାପିଚୁପି କୁହାଯାଇଥାଏ । ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଇତିହାସକୁ ପ୍ରତିଶୋଧ ନିଆଯାଇପାରିବ ନାହିଁ । କେବଳ ତା'ଠାରୁ ଶିକ୍ଷା ନେଇ ଭବିଷ୍ୟତରେ କିଭଳି ସେହି ଭୁଲ୍ ର ପୁନରାବୃତ୍ତି ନ ହେବ ସେହି ଦିଗରେ ଏବର ମଣିଷ ସଜାଗ ହେବା କଥା । ଅତୀତରେ ଯଦି କିଛି ଅନ୍ୟାୟ ଘଟିଥାଏ, କଦାପି ଏବେ ସୁଧୁରାଯାଇପାରିବ ନାହିଁ, ମୃତକଙ୍କୁ ପୁନର୍ଜୀବିତ କରାଯାଇପାରିବ ନାହିଁ ଏବଂ ଯନ୍ତ୍ରଣାକୁ ପୋଛି ଦିଆଯାଇପାରିବ ନାହିଁ । କୁହାଯାଇଥାଏ ପୁରୁଣା କଥାକୁ ରୋମନ୍ଥନ କରିବା କେବଳ ସମୟର ଅପଚୟ । ମାନବ ଜାତିର ଇତିହାସରେ ପ୍ରତ୍ୟେକ ସମାଜ କୌଣସି ନା କୌଣସି ରୂପରେ ଅତ୍ୟାଚାରର ଶିକାର ହୋଇଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅତୀତର ଭୁଲ୍ ରୁ ଶିକ୍ଷା ନେବା ଓ ସମସ୍ତଙ୍କ କଲ୍ୟାଣ ସୁନିଶ୍ଚିତ କରୁଥିବା ଏକ ସମାଜ ହୁଏତ ପୁନଃନିର୍ମାଣ କରାଯିବାର ଚେଷ୍ଟା ବର୍ତ୍ତମାନର ପିଢ଼ି କରିବା ଦରକାର । ଏଠାରେ କେତୋଟି ଉଦାହରଣ ଦେଖାଯାଉ । ଜାପାନ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଦୁଇଟି ପରମାଣୁ ବୋମାରେ ନଷ୍ଟ ହେବା ସହ ଅପମାନଜନକ ପରାଜୟ ଭୋଗିଥିଲା । କିନ୍ତୁ ସେ ବିନାଶ ଓ ପରାଜୟକୁ ଆର୍ଥିକ ପୁନରୁତ୍ଥାନରେ ପରିଣତ କଲା । ପ୍ରତିଶୋଧ ଖୋଜିବା ବଦଳରେ ସେ ବିଶ୍ୱସ୍ତରୀୟ ଔଦ୍ୟୋଗିକ ଶକ୍ତି ହୋଇ ଇତିହାସର ଜବାବ ଦେଲା । ସେହିପରି ଜର୍ମାନୀ ମଧ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଧ୍ୱଂସ ହୋଇଥିଲା । କିନ୍ତୁ ବିଳାପ ଓ ଘୃଣା କରିବା ବଦଳରେ ସେ ୟୁରୋପର ସବୁଠାରୁ ଶକ୍ତିଶାଳୀ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇପାରିଛି । ଇହୁଦୀମାନେ ଦୀର୍ଘ ସମୟ ଧରି ଗଣହତ୍ୟା ଓ ଅପମାନର ଶିକାର ହୋଇଆସିଛନ୍ତି । କିନ୍ତୁ ଆଜି ଇସ୍ରାଏଲ ମଧ୍ୟପ୍ରାଚ୍ୟରେ ଶକ୍ତିଶାଳୀ ରାଷ୍ଟ୍ର ଭାବେ ନିଜକୁ ଗଢ଼ିତୋଳି ସେଠାକାର ସମଗ୍ର ଭୂଖଣ୍ଡ ଉପରେ ପ୍ରଭାବ ବିସ୍ତାର କରିପାରିଛି । ଏବକାର ଭାରତୀୟ ଯୁବପିଢ଼ି ବୁଝିବା ଦରକାର 'ଭାରତ' ବୋଲି କୌଣସି ଗୋଟିଏ ଦେଶ କେବେ ନ ଥିଲା । ଏହି ସମଗ୍ର ଭୂଖଣ୍ଡରେ ଅନେକ ରାଜା ମହାରାଜାଙ୍କ ଶାସନ ଦୀର୍ଘ ଶତାବ୍ଦୀ ଧରି ଚାଲିଆସିଥିଲା । ଯେଉଁ ଅଞ୍ଚଳକୁ ଭାରତବର୍ଷ ବୋଲି କୁହାଯାଉଥିଲା ଏହି ଉପମହାଦେଶର ଉତ୍ତର ଭାଗରେ ଏକ ସୀମିତ ଅଞ୍ଚଳ ମାତ୍ର, ଯେଉଁଥିରେ ଓଡ଼ିଶା ଓ ତାମିଲନାଡୁ ଭଳି ରାଜ୍ୟ ମଧ୍ୟ ସାମିଲ ନ ଥିଲେ । ୧୯୪୭ ମସିହାରେ ବ୍ରିଟିଶ ଶାସନରୁ ସ୍ୱାଧୀନତା ପାଇବା ପରେ ତତ୍‌କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଏକ ମୁଖ୍ୟ ମୁଣ୍ଡବ୍ୟଥା ଥିଲା କେଉଁଭଳି ଉପାୟରେ ସେତେବେଳର ୫୬୨ ରାଜା ମହାରାଜାଙ୍କୁ ଧନଲୋ ବାପଲୋ କହି କିମ୍ବା ଧମକାଇ ଏକତ୍ରିତ କରି ଗୋଟିଏ ଦେଶ ସୃଷ୍ଟି କରିବେ । ଯଦି କେହି ଭାବୁଥାଏ ଯେ, ହିନ୍ଦୁଧର୍ମ ଏହି ଉପମହାଦେଶର ସମସ୍ତଙ୍କୁ ଯୋଡୁଥିଲା, ତେବେ ତାହା ମଧ୍ୟ ଏକ ତ୍ରୁଟିପୂର୍ଣ୍ଣ ଧାରଣା । ସେହି ହିନ୍ଦୁ ଧର୍ମରେ ବିଭିନ୍ନ ଅଞ୍ଚଳର ବିଭିନ୍ନ ଠାକୁରାଣୀ ଠାକୁରଙ୍କୁ ପୂଜା କରାଯାଉଥିଲା । ଓଡ଼ିଶାର କୌଣସି ଗ୍ରାମାଞ୍ଚଳରେ ପୁରାତନ ରାମ ମନ୍ଦିର ଦେଖିବାକୁ ମିଳେନାହିଁ । ସେହିଭଳି ଉତ୍ତରପ୍ରଦେଶ କିମ୍ବା ରାଜସ୍ଥାନରେ ପୁରୁଣା ଜଗନ୍ନାଥ ମନ୍ଦିର ମଧ୍ୟ ଖୋଜିଲେ ମିଳିବ ନାହିଁ । ଯଦି ଧର୍ମକୁ ନେଇ ଦେଶ ସୃଷ୍ଟି ହେଉଥାଆନ୍ତା, ତେବେ ୟୁରୋପ ଗୋଟିଏ ଦେଶ ହୋଇଥାଆନ୍ତା ଏବଂ ସେହିଭଳି ଦକ୍ଷିଣ ଆମେରିକା ମଧ୍ୟ ଗୋଟିଏ ଭାଷା ଓ ଗୋଟିଏ ଧର୍ମ ଯୋଗୁ (ବ୍ରାଜିଲ ବ୍ୟତୀତ) ଗୋଟିଏ ଦେଶ ହୋଇଥାଆନ୍ତା । ଭାରତରେ ଭାଷା ସମ୍ପୂର୍ଣ୍ଣ ଭିନ୍ନ ଏବଂ ଧର୍ମର ବିବିଧ ରୂପ ରହିଛି । ତେଣୁ ବିଦେଶୀ ଆକ୍ରମଣକାରୀମାନେ ଡୋଭାଲଙ୍କ ପୂର୍ବପୁରୁଷଙ୍କ ଉପରେ କେଉଁଭଳି ଅତ୍ୟାଚାର କରିଥିଲେ, ତାହା ସମ୍ଭବତଃ କେହି ଓଡ଼ିଆ ଜାଣି ନ ଥିବେ । କିନ୍ତୁ ଓଡ଼ିଶାର ଇତିହାସ ସମ୍ପର୍କରେ କ୍ଷୁଦ୍ର ଜ୍ଞାନ ଥିବା ବ୍ୟକ୍ତି ଜାଣିଥିବେ ଯେ, ଓଡ଼ିଶା ମାଟି ଉପରେ ବର୍ଗୀ ବା ମରାଠା ହିନ୍ଦୁମାନେ ଆମର ପୂର୍ବପୁରୁଷଙ୍କୁ ବହୁମାତ୍ରାରେ ନିର୍ଯାତନା ଦେଇଥିଲେ । ଏବର ସମୟରେ ଭାରତୀୟମାନେ ଦେଶର ନେତୃତ୍ୱଙ୍କଠାରୁ ଅତ୍ୟଧିକ ବକ୍ତବ୍ୟ ଓ ଅନାବଶ୍ୟକ ବୋଲି ଶୁଣୁଛନ୍ତି । ପ୍ରକୃତରେ ଦେଖିଲା ବେଳକୁ ଦେଶବାସୀଙ୍କ ଜୀବନ ଅତ୍ୟନ୍ତ ଆର୍ଥିକ କଷ୍ଟ ଦେଇ ଗତି କରୁଛି । ବୈଦେଶିକ ନୀତିର ବିଫଳତା ଭାରତକୁ ପ୍ରାୟ ଏକଘରିଆ କରିଦେଲାଣି । ଏଭଳି କଠିନ ସମୟରେ ଆମ ନେତା ଓ ନୀତି ନିର୍ଦ୍ଧାରକମାନେ ଭବିଷ୍ୟତକୁ ଅନିଶା କରିବା ଦରକାର । ବିଶ୍ୱସ୍ତରରେ ଦେଖାଦେଉଥିବା ପରିବର୍ତ୍ତନ ସହ ତାଳ ମିଳାଇ ଅଗକୁ ବଢ଼ିବାକୁ ପଡ଼ିବ । ଆମେରିକା, ଚାଇନା ଓ ରୁଷିଆ ଭବିଷ୍ୟତ ପାଇଁ ନିଜ ନିଜ ପ୍ରଭାବ କ୍ଷେତ୍ର ଗଢ଼ିଛନ୍ତି ।

# ମହାନ ସ୍ୱାଧୀନତା ସଂଗ୍ରାମୀ ଅବଦୁଲ କୟୁମ ଅନସାରୀ

୧୯୦୫ ମସିହା ଜୁଲାଇ ୦୧ ତାରିଖରେ ବିହାରର ଦେହେରି-ଅନ-ସୋନ ଠାରେ ଏକ ସମ୍ଭ୍ରାନ୍ତ ମୋମିନ/ଅନ୍‌ସାରୀ ପରିବାରରେ ଅବଦୁଲ କୟୁମ ଅନସାରୀଙ୍କ ଜନ୍ମ । ତାଙ୍କୁ ଯେତେବେଳେ ୧୬ବର୍ଷ ହୋଇଥିଲା ସେ ଅସହଯୋଗ ଆନ୍ଦୋଳନ ଓ ଖିଲାପତ ଆନ୍ଦୋଳନରେ ଭାଗ ନେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଯାଇଥିଲେ । ପରିଣାମ ସ୍ୱରୂପ ସେ ସରକାରୀ ଶିକ୍ଷାନୁଷ୍ଠାନ ଛାଡ଼ି ଅନ୍ୟ ଛାତ୍ରମାନଙ୍କ ସହିତ ମିଶି ଏକ ଜାତୀୟ ଶିକ୍ଷାନୁଷ୍ଠାନ ଗଢ଼ିଥିଲେ । ସେଥିପାଇଁ ତାଙ୍କୁ କାରାବରଣ କରିବାକୁ ପଡ଼ିଥିଲା । ଏହାପରେ ସେ କଂଗ୍ରେସରେ ଯୋଗଦେଇ ୧୯୨୮ ମସିହା ସାଇମନ କମିଶନ ବିରୋଧରେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ମୁସଲିମ ଲିଗର ଭାରତ ବିଭାଜନକାରୀ ଗତିବିଧିର ମୁକାବିଲା ପାଇଁ ସେ ଅନ୍ୟ ଜଣେ ସ୍ୱାଧୀନତା ସଂଗ୍ରାମୀ ହାକିମ ମୋଇଉଦ୍ଦିନ ଅନସାରୀଙ୍କ ସହିତ ମିଶି ୧୯୩୭-୩୮ର ମୋମିନ ଆନ୍ଦୋଳନର ମୂଳଦୁଆ ପକାଇଥିଲେ । ମୋମିନ ଆନ୍ଦୋଳନ ଭାରତୀୟ ଜାତୀୟ କଂଗ୍ରେସକୁ ଇଂରେଜମାନଙ୍କ ବିରୋଧରେ ଲଢ଼େଇ କରିବାକୁ ସମର୍ଥନ ଦେବା ସହ ମୁସଲିମ ଲିଗର ଭାରତ ବିଭାଜନକାରୀ ନୀତିକୁ ବିରୋଧ କରିଥିଲା ।

୧୯୪୭ ମସିହାରେ ଯେତେବେଳେ ପାକିସ୍ତାନ କାଶ୍ମୀରକୁ ଆକ୍ରମଣ କରିଥିଲା ସେ ପ୍ରଥମ ମୁସଲିମ ନେତା ଭାବେ ଏହି ଘଟଣାର ନିନ୍ଦା କରିବା ସହ ଜଣେ ପ୍ରକୃତ ଭାରତୀୟ ଭାବରେ ପାକିସ୍ତାନର ଏହି କାର୍ଯ୍ୟକଳାପ ବିରୋଧରେ ମୁସଲମାନ ଜନମାନସରେ ସଚେତନତା ସୃଷ୍ଟି କରିଥିଲେ । ୧୯୫୭ ମସିହାରେ ଇଣ୍ଡିଆନ ମୁସଲିମ ୟୁଥସ କାଶ୍ମୀର ଫ୍ରଣ୍ଟ ସ୍ଥାପନା କରିଥିଲେ, ଯାହାର ଲକ୍ଷ୍ୟ ଥିଲା ଭାରତର ଏକତା ଓ ଅଖଣ୍ଡତା ବଜାୟ ରଖିବା । ଗରିବ ଓ ନିଷ୍ପେସିତ ବର୍ଗର ଆର୍ଥିକ ଓ ସାମାଜିକ ଉନ୍ନତି ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ । ତାଙ୍କରି ଉଦ୍ୟମ ବଳରେ ୧୯୫୩ ମସିହାରେ ଭାରତ ସରକାର ଅଲ ଇଣ୍ଡିଆ ବ୍ୟାକୱାର୍ଡ଼ କ୍ଲାସେସ କମିଶନ ପ୍ରତିଷ୍ଠା କରିଥିଲେ । ସେ ହସ୍ତତନ୍ତ ଓ ବୟନଶିଳ୍ପର ଉନ୍ନତି ପାଇଁ ଅନେକ କାର୍ଯ୍ୟ କରିଥିଲେ ଯାହା ଫଳରେ ଗରିବ ଶିଳ୍ପୀକାରମାନେ ତାଙ୍କ କାର୍ଯ୍ୟର ଉଚିତ ମୂଲ୍ୟ ପାଇବାରେ ସମର୍ଥ ହେଲେ ।

ଅବଦୁଲ କୟୁମ ଅନସାରୀ ଜଣେ ଦକ୍ଷ ରାଜନେତା ହେବା ସହିତ ଜଣେ ଉଚ୍ଚକୋଟୀର ଲେଖକ ଓ ସାମ୍ବାଦିକ ମଧ୍ୟ ଥିଲେ । ସ୍ୱାଧୀନତାର ପୂର୍ବବର୍ତ୍ତୀ କାଳରେ ସେ ଅଲ-ଇସଲାହ (ଦ ରିଫର୍ମ) ଓ ମୁସାଓ୍ୱତ(ଇକ୍ୱାଲିଟି) ନାମକ ଦୁଇଟି ଉର୍ଦ୍ଦୁ ପତ୍ରିକାର ସମ୍ପାଦନା କରିଥିଲେ । ଏଭଳି ଏକ କର୍ମଠ ପୁରୁଷଙ୍କ ସମ୍ମୁଖରେ ବାର୍ଦ୍ଧକ୍ୟ ମଧ୍ୟ ହାର ମାନି ଯାଇଥିଲା । ୧୯୭୩ ମସିହା ଜାନୁଆରୀ ୧୮ ତାରିଖରେ ବିହାରରେ ଦେହରୀ-ଆରାହ୍ କେନାଲ ଭାଙ୍ଗି ସୃଷ୍ଟି ହୋଇଥିବା ବନ୍ୟା ଓ ବନ୍ୟାକ୍ଷତିଗ୍ରସ୍ତ ଲୋକଙ୍କ ଥଇଥାନ କାର୍ଯ୍ୟ ତଦାରଖ କରୁଥିବା ସମୟରେ ତାଙ୍କର ଦେହାନ୍ତ ହୋଇଥିଲା । ଏହାଦ୍ୱାରା ଭାରତ ଜଣେ ନିର୍ଭୀକ ସ୍ୱାଧୀନତା ସଂଗ୍ରାମୀ ହରାଇଥିଲା । ଯିଏ ଭାରତର ଏକତା, ଅଖଣ୍ଡତା ଓ ସାମାଜିକ ସୌହାର୍ଦ୍ଦ୍ୟକୁ ବଜାୟ ରଖିବାକୁ ସର୍ବଦା କାର୍ଯ୍ୟରତ ଥିଲେ । ତେଣୁ ତାଙ୍କ ଆଦର୍ଶକୁ ପାଳନ କରି ଆମେ ସମସ୍ତେ ଭାରତର ଅଖଣ୍ଡତା ଓ ସାମାଜିକ ଏକତା ପାଇଁ ପ୍ରତିଶ୍ରୁତି ବଦ୍ଧ ହେବା- ଏହା ହିଁ ଅବଦୁଲ କୟୁମ ଅନସାରୀଙ୍କ ପ୍ରତି ଆମର ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ।

- ମହମ୍ମଦ ଓବୈଦୁଲ୍ଲା

# ମନ ମନ୍ଦିର

ରମାଙ୍କର ଆଜି ଠାକୁର ଘରେ ଅଧିକ ସମୟ କଟିଗଲା । ପ୍ରତିଦିନ ସୁରମା ଭୋର ପାଞ୍ଚଟାରେ ଶଯ୍ୟା ତ୍ୟାଗ କରନ୍ତି । ନିଜର ନିତ୍ୟକର୍ମ ସମାପନ ପରେ ପୂଜାଘର କବାଟ ଖୋଲନ୍ତି । ଘର ପହଁରନ୍ତି ଓଦା କନାରେ ପୋଛନ୍ତି । ଠାକୁର ବାସନ ମାଜିଲା ପରେ ଫୁଲ ଚାଙ୍ଗୁଡ଼ି ଧରି ବଗିଚାକୁ ଫୁଲ ତୋଳିବାକୁ ଯାଆନ୍ତି । ଯେଉଁଦିନ ଗଛମାନଙ୍କରେ ଅଧିକ ଫୁଲ ଫୁଟିଥାଏ, ସେଦିନ ଫୁଲ ତୋଳିବାରେ ସୁରମାଙ୍କର ଅଧିକ ସମୟ ଲାଗିଯାଏ । ଏହି କେତେ ଦିନ ହେଲାଣି ଗଛମାନଙ୍କରେ ପ୍ରଚୁର ଫୁଲ ଫୁଟିଛି । ହଳଦିଆ ଗୌରୀ ଚୌରୀ ଧଳା ରଙ୍ଗ ତରାଟ ଓ ଟଗର, ଲାଲ ଓ ହଳଦିଆ ରଙ୍ଗର ମନ୍ଦାର ହରଗୌରା ଇତ୍ୟାଦି ଫୁଲ ତୋଳୁତୋଳୁ କେତେବେଳେ ସମୟ ଚାଲିଯାଉଛି ସୁରମା ଜାଣିପାରୁ ନାହାନ୍ତି । ଆଜି ଚାଙ୍ଗୁଡ଼ି ଭର୍ତ୍ତି ଫୁଲ ଧରି ଖୁବ୍ ଖୁସି ମନରେ ଠାକୁର ଘରେ ପଶିଲେ । ଯେଉଁଦିନ ଚାଙ୍ଗୁଡ଼ିରେ କମ୍ ଫୁଲ ଥାଏ, ସେଦିନ ସୁରମାଙ୍କର ମନଟା ଫାଙ୍କା ଲାଗେ । କେଉଁଦିନ ଗଛରେ ଅଧିକ ଫୁଲ ଫୁଟି ନ ଥାଏ ତ କେଉଁ ଦିନ ଫୁଲ ଚୋରମାନେ ଫୁଲ ଚୋରି କରି ନେଇଯାଇଥାଆନ୍ତି । ବିଶେଷକରି ପର୍ବପର୍ବାଣୀ ଦିନ । ବାମ ହାତରେ ଜରି ମୁଣାଟିଏ, ଡାହାଣ ହାତରେ ସରୁ ନଗି ଖଣ୍ଡିଏ ଧରି ଅନ୍ଧାରୁଆରୁ ଫୁଲ ଚୋରମାନେ ବୁଲୁଥାଆନ୍ତି । ସୁଯୋଗ ଦେଖି ନଗି ବଢ଼ାଇ ଖୁବ୍ ସହଜରେ ଫୁଲ ତୋଳି ନିଅନ୍ତି । ଭଦ୍ରଲୋକମାନେ ମଧ୍ୟ ପ୍ରାତଃ ଭ୍ରମଣରେ ଗଲାବେଳେ ହାତ ପାଖରେ ଫୁଲ ଦେଖିଲେ ତୋଳିବାକୁ ସଂକୋଚ ମନେ କରନ୍ତି ନାହିଁ । ସି.ଡ଼ି.ଏ.ରେ ଏଇଟା ସାଧାରଣ କଥା । ପ୍ରତ୍ୟେକ ଠାକୁରଙ୍କ ଫଟୋକୁ ଓଦା କପଡ଼ାରେ ପୋଛି, ଚନ୍ଦନ, ସିନ୍ଦୂର ଏବଂ ଫୁଲରେ ସଜ୍ଜିତ କରି ନୈବେଦ୍ୟ ଅର୍ପଣ କଲେ । ଆରତି କଲାପରେ ମୁଣ୍ଡିଆ ମାରି ଠାକୁର ଘରୁ ବାହାରି ଆସିଲେ । ଗ୍ୟାସ୍ ଲଗାଇ ଚା' ବସାଇଲେ । ପ୍ରତିଦିନ ସୁରମା ଠାକୁର ପୂଜା କଲାପରେ ତିନିକପ୍ ଚା' ବସାନ୍ତି । କାମବାଲି କମଳାକୁ କପେ ଚା' ଦେଇ ଅନ୍ୟ ଦୁଇ କପ୍ ସେ ଓ ପଙ୍କଜବାବୁ ପିଅନ୍ତି । ଆଜି କିନ୍ତୁ କମଳା ଏ ପର୍ଯ୍ୟନ୍ତ ଆସିନାହିଁ । ତା'ର ଆସିବାର ସମୟ ଅନେକ ବେଳୁ ଗଡ଼ିଗଲାଣି । ଦୁଇ କପ୍ ଚା' ଧରି ସୁରମା ଶୋଇବା ଘରେ ପ୍ରବେଶ କଲେ । ପଙ୍କଜବାବୁଙ୍କୁ କପେ ବଢ଼ାଇ ଦେଇ ନିଜେ କପେ ଚା' ଧରି ଝରକା ପାଖରେ ବସିଲେ । ତଳେ ଗେଟ୍ ପାଖରେ କମଳା ଏବଂ ଅନ୍ୟ ଦୁଇଜଣ କାମବାଲି କୌଣସି ଏକ ଘଟଣା ଉପରେ ବେଶ୍ ସରଗରମ ଆଲୋଚନା ଚଳାଇଛନ୍ତି । ଶୂନ୍ୟ ଚା' କପ୍ ଧରି ସୁରମା ରୋଷେଇ ଘରେ ପହଞ୍ଚିଲେ । କମଳା ଆସିଯିବାରୁ ତାକୁ ତା'ର ଚା' ବଢ଼ାଇ ଦେଇ ଆଲୋଚନାର ବିଷୟବସ୍ତୁ ପଚାରିଲେ । କମଳା କହିଲା – "ମା' । ପଅର ଦିନ ନ ନମ୍ବର ସାଇ ମନ୍ଦିର ଭଙ୍ଗାଯାଇଥିଲା । ଆଜି ସାତ ନମ୍ବର ସନ୍ତୋଷୀ ମା'ଙ୍କର ମନ୍ଦିର ଭଙ୍ଗାଯିବ । କେତେ ଲୋକ ସେଠି ଜମା ହୋଇଛନ୍ତି । କହୁଛନ୍ତି ସି.ଡ଼ି.ଏ.ର ସବୁ ମନ୍ଦିର ଭଙ୍ଗାଯିବ ।" ସୁରମା କହିଲେ, ଯେଉଁସବୁ ମନ୍ଦିର ସରକାରୀ ଜାଗା ଉପରେ ଅଛି କିମ୍ବା ଜବରଦଖଲ କରାଯାଇ ଗଢ଼ାଯାଇଛି ସେ ସବୁ ମନ୍ଦିର ଭଙ୍ଗାଯିବ । ଯେଉଁସବୁ ସ୍ଥାନରେ ମନ୍ଦିର ପାଇଁ ଜନଗହଳି ଯୋଗୁଁ ରାସ୍ତାରେ ଦୁର୍ଘଟଣା ଘଟୁଛି । ସୁପ୍ରିମକୋର୍ଟର ନିର୍ଦ୍ଦେଶ ଅନୁସାରେ ସେହିସବୁ ମନ୍ଦିର ଭଙ୍ଗାଯିବ । ଏଥିରେ କାହାର କିଛି କରିବାର ନାହିଁ । କମଳା କହିଲା, "ଏସବୁ ମନ୍ଦିର ତୋଳା ହେଲାବେଳେ କୋର୍ଟ, କଚେରୀ, ସରକାର କ'ଣ ସମସ୍ତେ ଅନ୍ଧ ହୋଇଯାଇଥିଲେ ? ମନ୍ଦିର ତୋଳା ହେଲା, ଦିଅଁ ପ୍ରତିଷ୍ଠା ହେଲେ – ଏପର୍ଯ୍ୟନ୍ତ ପୂଜା ପାଇଲେ, ଏତେବେଳକୁ ସରକାରଙ୍କର ନିଦ ଭାଙ୍ଗିଲା ?" କମଳା ମୂର୍ଖ ହେଲେ ମଧ୍ୟ ତା'ର ବକ୍ତବ୍ୟ ସୁରମାଙ୍କୁ ଯଥାର୍ଥବୋଧ ହେଲା । କେବଳ ସି.ଡ଼ି.ଏ.ରେ ନୁହେଁ, କୌଣସି ସ୍ଥାନରେ ମନ୍ଦିର ରାତାରାତି ତୋଳା ଯାଇନାହିଁ । ମନ୍ଦିର ନିର୍ମାଣରେ ବେଶ୍ କିଛି ମାସ ଓ ବର୍ଷ ଲାଗିଛି । ଛୋଟିଆ ମନ୍ଦିରଟି ଧୀରେଧୀରେ ତା'ର କାୟାବିସ୍ତାର କରିଛି । ପ୍ରଥମେ ଗୋଟିଏ ମନ୍ଦିର ପରେ ପାଞ୍ଚ ସାତୋଟି ମନ୍ଦିରକୁ ରୂପାନ୍ତରିତ ହୋଇଛି । ଯେମିତି ବେଲ୍‌ଭ୍ୟୁ ପାଖରେ ଥିବା ଗୁଣ୍ଡିଚା ମନ୍ଦିର । ପ୍ରଥମେ ରଥଯାତ୍ରା ସମୟରେ ଚାନ୍ଦିନୀଚୌକ ମନ୍ଦିରର ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏଠାକୁ ବିଜେ ହେଉଥିଲେ । ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ସେଠାରେ ରହୁଥିଲେ । ନ' ଦିନ ସେଠାରେ ବେଶ୍ ଗହଳଚହଳ ହେଉଥିଲା । ବାହୁଡ଼ାଯାତ୍ରା ପରେ ସବୁ ଶୂନ୍‌ଶାନ୍ ହୋଇଯାଉଥିଲା । କିଛିଦିନ ପରେ ସେଠାରେ ରାମ ମନ୍ଦିର, ଲକ୍ଷ୍ମୀ ମନ୍ଦିର, ହନୁମାନ ମନ୍ଦିର, ସନ୍ତୋଷୀ ମା' ମନ୍ଦିର, ଗୋଟିକ ପରେ ଗୋଟିଏ ମନ୍ଦିର ନିର୍ମାଣ ହେଲା । ଠାକୁର, ଠାକୁରାଣୀ ପ୍ରତିଷ୍ଠା ହେଲେ । ବିଭିନ୍ନ ପର୍ବପର୍ବାଣୀରେ ବିଭିନ୍ନ ଦେବଦେବୀଙ୍କ ପାଖରେ ଗହଳି ଲାଗିଲା । ମନ୍ଦିର ଭିତରେ ଥିବା ପ୍ରଶସ୍ତ ସ୍ଥାନକୁ ମଣ୍ଡପ ହିସାବରେ ବ୍ୟବହାର କରାଗଲା । ଏହି ମଣ୍ଡପ ନିର୍ମିତ ହେବା ଦିନଠାରୁ ସି.ଡ଼ି.ଏ. ଲୋକଙ୍କର ବେଶ୍ ଉପକାରରେ ଲାଗିଲା । ଜନ୍ମଦିନ, ଏକୋଇଶା, ଶ୍ରାଦ୍ଧ, ନିର୍ବନ୍ଧ କୌଣସି ସାହିତ୍ୟ ସଭା ବା ପୁସ୍ତକ ଉନ୍ମୋଚନ ଇତ୍ୟାଦି ପାଇଁ ମନ୍ଦିରର ସେହି ମଣ୍ଡପକୁ ସମସ୍ତେ ଅଗ୍ରାଧିକାର ଦେଲେ । କେବଳ ସି.ଡ଼ି.ଏ. କାହିଁକି ତୁଳସୀପୁର, କାଫଲା, ଦେଉଳସାହି, ରିଂରୋଡ଼ ଆଖପାଖ ଅଞ୍ଚଳର ଲୋକଙ୍କର ଏହିସବୁ କାର୍ଯ୍ୟରେ ଗୁଣ୍ଡିଚା ମନ୍ଦିର ବେଶ୍ ଉପଯୋଗୀ ହେଲା । ଅନ୍ୟ ମଣ୍ଡପଠାରୁ ଭଡ଼ା କମ୍ ଥିବାରୁ ଏବଂ ଗାଡ଼ି ପାର୍କିଂ ପାଇଁ ସୁବିଧା ଥିବାରୁ ସମସ୍ତେ ଏହାକୁ ପସନ୍ଦ କଲେ । ସୁରମାଙ୍କର ପଡ଼ୋଶୀ ରମାକାନ୍ତବାବୁଙ୍କର ଝିଅ ବିଭାଘର ହଠାତ୍ ଠିକ୍ ହୋଇଗଲା । ଯେଉଁଦିନ ବରଘର ଝିଅ ପସନ୍ଦ କଲେ, ତା' ପରଦିନ ନିର୍ବନ୍ଧ କରିବା ନିମନ୍ତେ ଦିନ ସ୍ଥିର ହେଲା । କଟକ ସହରର ଦୁଇ ତିନୋଟି ମନ୍ଦିର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ରମାକାନ୍ତବାବୁ ନିରାଶ ହେଲେ । ସୌଭାଗ୍ୟବଶତଃ ଗୁଣ୍ଡିଚାମନ୍ଦିର ମିଳିଗଲା । ଖୁବ୍ ଭଲଭାବରେ ନିର୍ବନ୍ଧ କାର୍ଯ୍ୟ ସମାପନ ହେଲା । ସୁରମାଙ୍କର ଶଶୁରଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ସେହି ଗୁଣ୍ଡିଚା ମନ୍ଦିରରେ ସମ୍ପନ୍ନ ହୋଇଥିଲା । ସକାଳେ ଘରେ ଶ୍ରାଦ୍ଧ ପଡ଼ିଥିଲା । ପରିବାର ସଦସ୍ୟଙ୍କ ବ୍ୟତୀତ ଅଳ୍ପ କେତେଜଣ ନିକଟ ସଂପର୍କୀୟଙ୍କୁ ନେଇ ଶ୍ରାଦ୍ଧ କାର୍ଯ୍ୟ ସମାପନ ହୋଇଥିଲା । ସନ୍ଧ୍ୟାରେ ପ୍ରାୟ ତିନିଶହ ଲୋକଙ୍କୁ ଭୁରିଭୋଜନରେ ଆପ୍ୟାୟିତ କରାଯାଇଥିଲା । ସ୍ମୃତି ସଭାଠାରୁ ଆରମ୍ଭ କରି ଭଜନ ପରିବେଷଣ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ଗୁଣ୍ଡିଚା ମନ୍ଦିର ପରିସରରେ ସୁଚାରୁରୂପେ ସମ୍ପାଦିତ ହୋଇଥିଲା । ଗୁଣ୍ଡିଚା ମନ୍ଦିର ଧୂଳିସାତ୍ ହେଲାପରେ ଏଭଳି ଉତ୍ସବାନୁଷ୍ଠାନ ନିମନ୍ତେ ସି.ଡ଼ି.ଏ. ଅଧିବାସୀ ତଥା ଆପଖାଖ କେତେକ ଅଞ୍ଚଳର ଲୋକଙ୍କୁ ନିଶ୍ଚିତ ରୂପେ କିଛିଟା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଆଲୋକବାବୁଙ୍କ ପତ୍ନୀ କଳ୍ପନା ସନ୍ଧ୍ୟାବେଳେ ସୁରମାଙ୍କ ଘରକୁ ଆସିଲେ । କେଉଁ କେଉଁ ମନ୍ଦିର ଭଙ୍ଗାଗଲାଣି, ଆଉ କେଉଁ କେଉଁ ମନ୍ଦିର ଭଙ୍ଗାଯିବ ତାହାର ଏକ ବିସ୍ତୃତ ବିବରଣୀ ଉପସ୍ଥାପନ କଲେ । ମନ ଦୁଃଖ କରି କହିଲେ "ମୁଁ ଷୋହଳ ଶୁକ୍ରବାର ମାନସିକ କରିଛି । ମାତ୍ର ପାଞ୍ଚପାଳି ଯାଇଛି । ସନ୍ତୋଷୀ ମା'ଙ୍କ ମନ୍ଦିର ଭଙ୍ଗା ହୋଇଗଲା । ପାଖରେ ତ ଆଉ କେଉଁଠି ସନ୍ତୋଷୀ ମା'ଙ୍କର ମନ୍ଦିର ନାହିଁ । ଗୁଣ୍ଡିଚା ମନ୍ଦିର ପରିସରରେ ଯେଉଁଟି ଥିଲା ତାହା ତ ପୂର୍ବରୁ ଭଙ୍ଗାଯାଇଥିଲା । ଏଥର ଘରେ ପୂଜା କରିବାକୁ ପଡ଼ିବ । ଫୁଲ, ଭୋଗ ଇତ୍ୟାଦି ଧରି ଚାଲିଗଲେ ନନା ଭଲ ଭାବରେ ପୂଜା କରିଦେଉଥିଲେ । ଏଥର ପୂଜା ସାମଗ୍ରୀ ସବୁ ସଜାଡ଼ି ବିଧି ମୁତାବକ ପୂଜା କରିବା ପାଇଁ ଟିକିଏ କଷ୍ଟ ଲାଗିବ । ସୁରମା ଭାବୁଥିଲେ ବାସ୍ତବରେ ଘରେଘରେ ଯେପରି ପ୍ରତ୍ୟେକ ପୂଜା, ବ୍ରତ ଇତ୍ୟାଦି ପୂର୍ବରୁ କରାଯାଉଥିଲା । ଏବେ ସେପରି ହେଉ ନାହିଁ । ପୂର୍ବରୁ ସୁଦଶାବ୍ରତ, ସୋମନାଥବ୍ରତ, ରବିନାରାୟଣ ବ୍ରତ, ସାବିତ୍ରୀ ବ୍ରତ ଇତ୍ୟାଦି ସ୍ତ୍ରୀଲୋକମାନେ ଘରେ ପୂଜା କରୁଥିଲେ । କେହିକେହି ବ୍ରାହ୍ମଣ ଡକାଇ କରୁଥିଲେ ତ ଆଉ କେହିକେହି ଶୁଦ୍ଧ, ପୂତଃ ଭାବରେ ନିଷ୍ଠାର ସହିତ ନିଜେ ପୂଜା କରୁଥିଲେ । ମନେପଡ଼େ ତାଙ୍କର ପିଲାଦିନର କଥା । ତାଙ୍କର ଜେଜେମା' ଜଣେ ସର୍ବକର୍ମ ନିପୁଣା ଧର୍ମପରାୟଣା ମହିଳା ଥିଲେ । ପ୍ରତ୍ୟେକ ଓଷା, ବ୍ରତ ସେ ଘରେ ପାଳନ କରୁଥିଲେ । ସୁଦଶାବ୍ରତ ଦିନ ସୂର୍ଯ୍ୟଉଦୟ ପୂର୍ବରୁ ମା', ଜେଜେମା' ସମସ୍ତେ ପ୍ରାତଃ କାର୍ଯ୍ୟ ସମାପନ କରୁଥିଲେ । ଜେଜେମା' ଠାକୁର ଘରେ ଅରୁଆ ଚାଉଳ ପିଠଉରେ ସୁନ୍ଦର ଝୋଟିଚିତା ଲେଖୁଥିଲେ । ମା' ପ୍ରତି ବ୍ରତ ଲାଗି ଦଶଟି ଲେଖାଏଁ ପିଠା କରି ଭୋଗ ସଜାଡୁଥିଲେ । ଧୂପ, ଦୀପ, ନୈବିଦ୍ୟ ଅର୍ପଣ କରୁଥିଲେ । ମା' ସୁଦଶାବ୍ରତ ବହି ପଢୁଥିଲେ । ଶେଷରେ ବନ୍ଦାପନା କରାଯାଇ ପୂଜା ସମାପ୍ତ କରାଯାଉଥିଲା । ଝୁଣା ଓ କର୍ପୂର ବାସ୍ନାରେ ଘର ମହକି ଉଠୁଥିଲା । କେବଳ ସୁଦଶାବ୍ରତ ନୁହେଁ, ସାବିତ୍ରୀବ୍ରତ, ସୋମନାଥବ୍ରତ, ଖୁଦୁରିକୁଣୀ ବ୍ରତ ଇତ୍ୟାଦି ବେଶ୍ ନିଷ୍ଠାର ସହିତ ପାଳନ କରାଯାଉଥିଲା । ଏବେ ଘରେ ଏସବୁ କରିବା ପାଇଁ ଲୋକଙ୍କ ପାଖରେ ସମୟ ନାହିଁ ବା ଆନ୍ତରିକତା ନାହିଁ । ଅଳ୍ପ ଦୂରତାରେ ବିଭିନ୍ନ ପ୍ରକାର ଠାକୁର ଠାକୁରାଣୀଙ୍କ ମନ୍ଦିର ଗଢ଼ି ଉଠୁଛି । ଭୋଗ ସାମଗ୍ରୀ ଧରି ମନ୍ଦିରରେ ଅଳ୍ପ ସମୟରେ, ଅଳ୍ପ ପରିଶ୍ରମରେ ପୂଜା କରି ଆସିବାକୁ ସମସ୍ତେ ପସନ୍ଦ କରୁଛନ୍ତି । ଏଥର ସୁଦଶାବ୍ରତ ପୂଜା କଲାବେଳେ ଝିଅ କହୁଥିଲା – "ମା' ! ତମେ ଏତେ ପୂଜା ସାମଗ୍ରୀ ସଜାଡୁଛ, ପିଠା କରୁଛ, ବହି ପଢୁଛ ଏତେ ସମୟ ତମକୁ ନିକମା ହୋଇ ରହିବାକୁ ପଡୁଛି । ତମେ ଯଦି ଚଣ୍ଡୀ ମନ୍ଦିର ଯାଇ ବ୍ରତପୂଜା କରି ଆସନ୍ତ, ତମକୁ ଏତେ କଷ୍ଟ କରିବାକୁ ପଡ଼ନ୍ତା ନାହିଁ । ମୋର ଅଧିକାଂଶ ସାଙ୍ଗମାନଙ୍କର ମା'ମାନେ ଚଣ୍ଡୀ ମନ୍ଦିର ଯାଇ ବ୍ରତ ପୂଜା କରନ୍ତି । ଝିଅ କଥା ଶୁଣି ଶୁଣି ସୁରମା ହସିଦେଇଥିଲେ ।" ଠାକୁରଙ୍କ ପୂଜାରେ କଷ୍ଟ କ'ଣ ? ଲକ୍ଷ୍ମୀବ୍ରତ, ଦୁର୍ଗାବ୍ରତ, ତାରିଣୀବ୍ରତ, ଇତ୍ୟାଦି ଦିନ ଘରେ ପୂଜା କଲେ ନିଜ ମନକୁ କେତେ ଶାନ୍ତି ଲାଗେ ତୁ ପିଲାଲୋକ ବୁଝିପାରିବୁ ନାହିଁ । ଘରେ ପୂଜା କଲେ ଘର ପବିତ୍ର ହେବା ସଙ୍ଗେ ମନକୁ ଶାନ୍ତି ମିଳେ । ସୁରମା ଭାବୁଥିଲେ ପ୍ରକୃତରେ ସହଜଲବ୍ଧ ପ୍ରତ୍ୟେକ ଜିନିଷକୁ ସମସ୍ତେ ଖୁବ୍ ଆଦର କରନ୍ତି । ବିନା ପରିଶ୍ରମରେ, କମ୍ ଖର୍ଚ୍ଚରେ ଯଦି ମନ୍ଦିର ଯାଇ ଯେକୌଣସି ପର୍ବପର୍ବାଣୀରେ ଦେବଦେବୀଙ୍କର ପୂଜାର୍ଚ୍ଚନା କରାଯାଇପାରିଲା, ତେବେ ଘରେ କାହିଁକି ସେ ସବୁ କରି ଅସୁବିଧାର ସମ୍ମୁଖୀନ ହେବାକୁ ଯିବେ ?

ସୁରମା ହୃଦୟଙ୍ଗମ କରୁଥିଲେ – ପ୍ରକୃତରେ ସମୟ ଖୁବ୍ ଦ୍ରୁତ ଗତିରେ ବଦଳୁଛି । ଘରଠାରୁ ବାହାର ପର୍ଯ୍ୟନ୍ତ ସବୁଆଡ଼େ ପୂଜାର୍ଚ୍ଚନାର ସେ ପୂର୍ବର ପବିତ୍ରତା ଏବଂ ନୈଷ୍ଠିକତା ନାହିଁ । ସବୁ ଯେପରି ପ୍ରଚାରଧର୍ମୀ ହୋଇଯାଇଛି । ପୂର୍ବରୁ କଟକ ସହରରେ ହାତଗଣତି କେତୋଟି ଦୁର୍ଗା ମେଢ଼ ଏବଂ କେତୋଟି ମହାଦେବଙ୍କ ମେଢ଼ ହେଉଥିଲା । ଚୌଧୁରୀ ବଜାର ଚାନ୍ଦିମେଢ଼ ସର୍ବଜନାଦୃତ ଥିଲା । ଏବେ ପ୍ରାୟ ପ୍ରତ୍ୟେକ ସାହିରେ ମେଢ଼ ତିଆରି ହେଉଛି । କେଉଁଠି ହରପାର୍ବତୀ ତ କେଉଁ ଦେବୀଦୁର୍ଗାଙ୍କ ସ୍ଥାପନା କରାଯାଉଛି । ଷଷ୍ଠୀ ଦିନଠାରୁ ଦଶହରା ପର୍ଯ୍ୟନ୍ତ ଖୁବ୍ ଜାକଜମକରେ ପୂଜା ଅନୁଷ୍ଠିତ ହେଉଛି । ଲକ୍ଷଲକ୍ଷ ଟଙ୍କା ଚାନ୍ଦା ଆଦାୟ କରାଯାଉଛି । ଆକର୍ଷଣୀୟ ତୋରଣ, ଆଖି ଝଲସା ଆଲୋକ ସଜ୍ଜା, ମେଲୋଡ଼ି ଇତ୍ୟାଦିରେ ଚାରିଦିନ ସହର ପ୍ରକମ୍ପିତ ହୋଇଉଠୁଛି । କିନ୍ତୁ ପୂଜାର୍ଚ୍ଚନାରେ ପୂର୍ବର ସେ ନିଷ୍ଠା, ପବିତ୍ରତା ବା ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି । ସହରରେ ଏବେ ପାଞ୍ଚ ସାତୋଟି ଚାନ୍ଦି ମେଢ଼ ନିର୍ମିତ ହେଲାଣି । ଦେବୀଙ୍କୁ ସ୍ୱର୍ଣ୍ଣ ମୁକୁଟ, ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ କରାଗଲାଣି । କିନ୍ତୁ ବିଧି-ବିଧାନରେ ଦେବୀଙ୍କର ଆରାଧନା କରି ସୁଖ, ଶାନ୍ତି, ସମୃଦ୍ଧି, କଲ୍ୟାଣ କାମନା କରିବା ବଦଳରେ ସାହି ସାହି ଭିତରେ ପ୍ରତିଯୋଗିତାମୂଳକ ମନୋଭାବ ନେଇ ସଂଘର୍ଷ ଲାଗିଯାଉଛି । ବିସର୍ଜନ ସମୟରେ ରାଜରାସ୍ତା ରଣକ୍ଷେତ୍ରରେ ପରିଣତ ହେବାକୁ ଅଧିକ ସମୟ ଲାଗୁନାହିଁ । କେବଳ କଟକ ସହରରେ ନୁହଁ – ଓଡ଼ିଶାର ପ୍ରାୟ ପ୍ରତ୍ୟେକ ସହରାଞ୍ଚଳରେ ଦେବଦେବୀଙ୍କର ମନ୍ଦିର ପ୍ରତିବର୍ଷ ବଢ଼ିବାରେ ଲାଗୁଛି । ବିଭିନ୍ନ ଆଶ୍ରମ, ମଠାଦିର ସଂଖ୍ୟା ମଧ୍ୟ ସମପରିମାଣରେ ବୃଦ୍ଧି ପାଉଛି । ଏଇ ଯେମିତି ଶିରିଡ଼ି ସାଇବାବାଙ୍କ ମନ୍ଦିର ଓଡ଼ିଶାର ପୁରପଲ୍ଲୀରେ ପ୍ରତିଷ୍ଠା ହେବାରେ ଲାଗିଛି । ମନ୍ଦିର ନିର୍ମାଣ ପରେ ବାବାଙ୍କର ପ୍ରତିମୂର୍ତ୍ତି ସ୍ଥାପନା କରାଯାଉଛି । ସକାଳ ଆରତୀଠାରୁ ଶେଷ ଆରତୀ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ଶିରିଡ଼ିର କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ କରାଯାଉଛି । ପ୍ରତିବର୍ଷ ଚଭାଡ଼ିଯାତ୍ରା, ପ୍ରତିଷ୍ଠା ଦିବସ ଇତ୍ୟାଦି ପାଳନ କରାଯାଉଛି । ମନ୍ଦିରର ସୁପରିଚାଳନା ପାଇଁ କମିଟି ଗଠନ କରାଯାଉଛି । ସେହିଠାରୁ ରାଜନୀତିର ଆରମ୍ଭ ହୋଇଯାଉଛି । ଏକାଧିକ ଗୋଷ୍ଠୀ ସୃଷ୍ଟି ହେଉଛନ୍ତି । ବାବାଙ୍କର ଆରାଧନା, ପୂଜାବିଧିର ସୁପରିଚାଳନା ଗୌଣ ହୋଇଯାଉଛି । ଏକାଧିକ ଗୋଷ୍ଠୀ ସୃଷ୍ଟି ହେଉଛନ୍ତି । ବାବାଙ୍କର ଆରାଧନା, ପୂଜାବିଧିର ସୁପରିଚାଳନା ପାଇଁ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିଯାଉଛି । ଗୋଷ୍ଠୀ କନ୍ଦଳ ଯୋଗୁଁ ପୂଜାରେ ବ୍ୟାଘାତ ଘଟୁଛି । ବାବାଙ୍କର ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ । ବାବା ସମସ୍ତଙ୍କୁ ଶ୍ରଦ୍ଧା କରନ୍ତି । ତାଙ୍କ ପାଖରେ ଧନୀ, ଦରିଦ୍ରର ପ୍ରଭେଦ ନାହିଁ, ପ୍ରାଣ ଖୋଲି ଡାକିଲେ, ଅନ୍ତରର ସହିତ ବିନତି କଲେ ବାବା ଦୁଃଖ ମୋଚନ କରନ୍ତି । ଆତ୍ମସମର୍ପଣ ତ୍ୟାଗ କରି ଆତ୍ମବଡ଼ିମା ଦେଖାଇବାରେ ସମସ୍ତେ ଚେଷ୍ଟିତ । ମନ୍ଦିର ପରିଚାଳନା କମିଟିର ସେକ୍ରେଟେରୀଙ୍କର ଗୋଟିଏ ମତ ହେଲେ, ସଭାପତିଙ୍କର ମତ ଭିନ୍ନ ହୋଇଯାଉଛି । ଦରିଦ୍ର ନାରାୟଣ ସେବାପାଇଁ ଭକ୍ତମାନେ ଦେଉଥିବା ଅର୍ଥର କିପରି ବାଟମାରଣା ହେଉଛି ସେ କଥା ସମସ୍ତେ ଜାଣନ୍ତି । ସାହି, ବସ୍ତି, ସହର, ବଜାର ସବୁଆଡ଼େ ଯେତେ ଅଧିକ ମନ୍ଦିର ନିର୍ମାଣ କରାଯାଉଛି, ବିଭିନ୍ନ ଦେବଦେବୀଙ୍କର ଯେତେ ଅଧିକ ମୂର୍ତ୍ତି ସ୍ଥାପନ କରାଯାଉଛି, ଲୋକମାନଙ୍କର ମନରୁ ଭଗବତ ପ୍ରେମ, ଭଗବତ ବିଶ୍ୱାସ ସେତିକି କମିଯାଉଛି । ପୂର୍ବରୁ ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ମହାପ୍ରସାଦ ସେବନ କରିବା ପାଇଁ ଭକ୍ତମାନଙ୍କ ମନରେ ଯେଉଁ ଆକାଂକ୍ଷା ଥାଏ, ଯେଉଁ ଆନ୍ତରିକତା ଥାଏ, ଏବେ ଆଉ ତାହା ଦୃଷ୍ଟିଗୋଚର ହେଉ ନାହିଁ । ଗାଁ ଗହଳିରେ ଜଣେ କିଏ ଯଦି ପୁରୀ ଆସୁଥିଲା ସାଙ୍ଗରେ ଅବଢ଼ା ନେଇ ଯାଉଥିଲ । ଗାଁଯାକ ବଣ୍ଟା ହେଉଥିଲା । ପୁରସ୍ତମରୁ ମହାର୍ଦ୍ଦ ଆସିଛି କହି ସମସ୍ତେ କଣିକାଏ କଣିକାଏ ଅମୃତଭଳି ସେବନ କରୁଥିଲେ । ଏବେ ତ ପ୍ରତ୍ୟେକ ସହରରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେଲାଣି । ମହାପ୍ରାସାଦ ମିଳିଲାଣି । ପରିଶ୍ରମକୁ ବଞ୍ଚିବା ପାଇଁ ଜନ୍ମଦିନ, ଶ୍ରାଦ୍ଧ ବା କୌଣସି ଓପାସ, ବ୍ରତ ଦିନ ଜଗନ୍ନାଥଙ୍କ ମହାପ୍ରାସାଦ ମଗାଇ ସହଜରେ କାମ ଚଳାଇ ନେଉଛନ୍ତି । ଅତିଥିଙ୍କୁ ଆପ୍ୟାୟିତ କରୁଛନ୍ତି । ପୂର୍ବେ ଶ୍ରୀକ୍ଷେତ୍ରର ଆନନ୍ଦ ବଜାରକୁ ପୃଥିବୀର ସବୁଠାରୁ ବଡ଼ ହୋଟେଲ୍ ବୋଲି କୁହାଯାଉଥିଲା । ଏବେ ତ ପ୍ରତ୍ୟେକ ସହରରେ ସେହିପରି ହୋଟେଲ୍ ଖୋଲିଗଲାଣି କହିଲେ ଚଳେ । ସ୍ୱାଦିଷ୍ଟ ପ୍ରସାଦ ସେବନ ଲୋଭରୁ ଲୋକମାନେ ନିଜକୁ ବଞ୍ଚାଇ ରଖିପାରୁ ନାହାନ୍ତି । ଭକ୍ତି ଭାବନା ଅପେକ୍ଷା ଜିହ୍ୱା ଲାଳସା ପ୍ରଥମ ସ୍ଥାନ ଅଧିକାର କରୁଛି । ଏବେ ଯେପରି ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟପେୟ ପ୍ରତିଟି ବିଷୟକୁ ବ୍ୟବସାୟୀକରଣ କରାଯାଉଛି, ସେହିପରି ଦେବତାଙ୍କୁ ମଧ୍ୟ ବ୍ୟବସାୟର ଏକ ମାଧ୍ୟମ ରୂପେ ଗ୍ରହ କରାଯାଉଛି । ଶୁକ୍ରବାର ଦିନ ସନ୍ତୋଷୀ ମା'ଙ୍କ ଫଟୋକୁ ଥାଳିରେ ରଖି ଯେପରି କେତେକ ଲୋକ ଘରଘର ବୁଲି ଅର୍ଥ ଉପାର୍ଜନ କରୁଛନ୍ତି, ସେହିପରି ଗୁରୁବାର ଦିନ ଶିରିଡ଼ିସାଇ ବାବାଙ୍କର ଫଟୋ, ମଙ୍ଗଳବାର ଦିନ ହନୁମାନଙ୍କର ଫଟୋକୁ ଥାଳିରେ ରଖି ଫୁଲ, ଚନ୍ଦନ, ସିନ୍ଦୂର ଦେଇ ଲୋକଙ୍କଠାରୁ ପଇସା ଆଦାୟ କରିବାକୁ ଭୁଲୁ ନାହାନ୍ତି । ଦେବତାଙ୍କର ପୂଜା ଅର୍ଚ୍ଚନା ବ୍ୟତୀତ ଦେବତାଙ୍କ ନାମରେ ଚାନ୍ଦା ଆଦାୟ କରି, ଭୋଜିଭାତ କରି ଖାଇ, ମଉଜମଜଲିସ୍ କରିବା ଲୋକମାନଙ୍କର ଲକ୍ଷ୍ୟ ରହୁଛି । ଠାକୁରଙ୍କ ପାଇଁ ମନ୍ଦିର ତୋଳିବା ନାମରେ କିଏ ପଇସା ଉପାର୍ଜନ କରୁଛନ୍ତି, କିଏ ବିଶ୍ୱାଶାନ୍ତି ପାଇଁ ଯଜ୍ଞ କରିବା ବାହାନାରେ ବେଶ୍ ଦୁଇପଇସା ସଂଗ୍ରହ କରିବାରେ ସମର୍ଥ ହେଉଛି । ଗାଁ, ଗଣ୍ଡାଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଲବ, ପୂଜାଘର ଇତ୍ୟାଦି ପ୍ରତିଷ୍ଠା କରାଯାଇ ଗଣେଶପୂଜା, ସରସ୍ୱତୀପୂଜା ଇତ୍ୟାଦି କରାଯାଉଛି ।

ଡକ୍ଟର କଳ୍ପଲତା ଦାସ
ସେକ୍ଟର-୬, ମର୍କତ ନଗର,
କଟକ-୭୫୩ ୦୧୪
ମୋ - ୯୮୬୧୦୪୯୨୪୬

# ଏଆଇର ବୈଧତା କେତେଦୂର

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ପ୍ରଯୁକ୍ତିସମ୍ପନ୍ନ ଯୁଗରେ ଡାଟା ବା ତଥ୍ୟ ନୂଆ ଇନ୍ଧନ ଭାବେ ବିବେଚନା କରାଯାଉଛି । କୁହାଯାଉଛି ଯାହା ପାଖରେ ଯେତେ ତଥ୍ୟ ଅଛି ସେ ସେତେ ଧନୀ । ସେଥିପାଇଁ ତଥ୍ୟ ଗୋଟାଇବା ବା କାରସାଦି କରି ହାତେଇବା ଦିଗରେ ଗୁପ୍ତ ଭାବେ ଅନେକ ସଂସ୍ଥା କାର୍ଯ୍ୟ କରୁଛନ୍ତି । କିନ୍ତୁ ଯେତେବେଳେ ସରକାର ତା'ର ଜନସାଧାରଣଙ୍କ ତଥ୍ୟ ପାଇଁ ବ୍ୟାକୁଳ ହୋଇପଡ଼ିବ, ସେତେବେଳେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ । ସହଜରେ ସୂଚନା ନ ମିଳିଲେ ବିଧିବ୍ୟବସ୍ଥା କରି ନାଗରିକଙ୍କ ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟକୁ ସରକାର ନେଉଛନ୍ତି । ଭାରତରେ ଆଧାର ଏ ଦିଗରେ ସର୍ବାଗ୍ରେ ରହିଛି ଓ ଅଦ୍ୟାବଧି ଏହାର ବୈଧତା ଉପରେ ସାଧାରଣ ସ୍ତରରୁ କୋର୍ଟଯାଏ ଅନେକ ପ୍ରଶ୍ନ ପଚାରି ଚାଲିଛନ୍ତି । ଗତ କିଛି ବର୍ଷ ହେବ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ଉପରେ ଭାରତ ସରକାରଙ୍କ ନଜର ପଡ଼ିଛି । ୨୦୨୫ ନଭେମ୍ବର ୨୮ରେ ଦୂରସଞ୍ଚାର ବିଭାଗ (ଡଟ୍) ପକ୍ଷରୁ ସ୍ମାର୍ଟଫୋନ୍ ମୋବାଇଲ ପାଇଁ ଏକ ନିର୍ଦ୍ଦେଶାବଳୀ ପ୍ରକାଶ ପାଇଥିଲା । ଏଥିରେ କୁହାଯାଇଥିଲା ଯେ, ଘରୋଇ ହେଉ ବା ବିଦେଶୀ, ସମସ୍ତ ସ୍ମାର୍ଟଫୋନ୍ ନିର୍ମାତା ସେମାନଙ୍କ ନୂଆ ଫୋନ୍ ରେ ସଞ୍ଚାର ସାଥୀର ଆପ୍ ପ୍ରାକ୍ -ଅବସ୍ଥାପନ କରିବେ । ଏହା ଦ୍ୱାରା ସନ୍ଦେହାତ୍ମକ ଫୋନ୍ କୁ ଜାଣିବା ସହ ଡିଜିଟାଲ ଠକାମିକୁ ରୋକି ହେବ ବୋଲି ସରକାରୀ ଭାବେ କୁହାଯାଇଥିଲା । ହେଲେ ଚାରିଆଡୁ ଘୋର ବିରୋଧ ହେବାରୁ ସରକାର ବୁଝାଇବାକୁ ଯାଇ କହିଲେ ଯେ, ଉକ୍ତ ଆପ୍ ବାଧ୍ୟତାମୂଳକ ନୁହେଁ, ସ୍ମାର୍ଟଫୋନ୍ ବ୍ୟବହାରକାରୀ ତାହାକୁ ଚାହିଁଲେ ଫୋନ୍ ରେ ଇନ୍ ଷ୍ଟଲ ବା ଅନ୍ ଇନ୍ ଷ୍ଟଲ କରିପାରିବେ । ଏହି ଝଡ଼ ସରି ନାହିଁ । ଏବେ ପୁଣି କୁହାଗଲାଣି, ସ୍ମାର୍ଟଫୋନ୍ ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣି ସାଇବର ବିପଦକୁ ହ୍ରାସ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ମୋବାଇଲ ଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିଜ ଅପରେଟିଂ ସିଷ୍ଟମ୍ ର ସୋର୍ସ କୋଡ୍ ଶେୟାର କରିବାକୁ ପ୍ରସ୍ତାବ ଦିଆଯାଇଛି । ତାହାକୁ ନେଇ ବିବାଦ ଉଠିଲାଣି ।




# ଚାରୋଟି ଆକାଉଣ୍ଟରେ ୪ କୋଟି, ପ୍ରଥମ ଦିନରେ ୨୧ ଜଣଙ୍କର ୩୨ ଆକାଉଣ୍ଟ ଯାଞ୍ଚ

**କେନ୍ଦୁଝର(ଏନ୍.ଏମ୍.):** ଅପରରେସନ ଗୋ ରକ୍ଷା ଅଭିଯାନରେ କେନ୍ଦୁଝର ପୁଲିସ ପକ୍ଷରୁ ଏବେ ଆକାଉଣ୍ଟ ଯାଂଚ ପ୍ରକ୍ରିୟା ଆରମ୍ଭ ହୋଇଛ। ଗତ କିଛି ଦିନ ଧରି ଏହି ଗୋ ମାଫିଆଙ୍କର କେଉଁଠି ଏବଂ କାହା ନାମରେ ଆକାଉଣ୍ଟ ଅଛି ଜୋରଦାର ଖୋଳତାଡ ପରେ ୨୦୦ ଆକାଉଣ୍ଟ ଏବଂ ୬୦ ଲକର ଠାବ କରାଯାଇଥିଲା। ଗତକାଲିଠାରୁ ଏହି ଆକାଉଣ୍ଟଗୁଡିକ ଯାଂଚ ଆରମ୍ଭ ହୋଇଛି। ଏହି ଯାଂଚ ବେଳେ ପ୍ରଥମ ଦିନରେ ୩୨ଟି ଆକାଉଣ୍ଟ ଯାଂଚ ହୋଇଥିବା ବେଳେ ୪ଟି ଆକାଉଣ୍ଟରୁ ୪ କୋଟିରୁ ଅଧିକ ଟଙ୍କା ଥିବା ପୁଲିସ ଜାଣିବାକୁ ପାଇଛି।



ତଥ୍ୟ ଅନୁସାରେ, ରାମଚନ୍ଦ୍ରପୁର ଥାନା ଅଧିକାରୀ ଇନ୍ସପେକ୍ଟର ମନୋଜ କୁମାର ସ୍ୱାଇଁ, ଆନନ୍ଦପୁର ଥାନା ଅଧିକାରୀ ଫନୀନ୍ଦ୍ର ନାୟକ, ଦେ ?ତାରୀ ଥାନା ଅଧିକାରୀ ହୃଷିକେଶ ବେହେରା, ତେଲକୋଇ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର, ହରିଚନ୍ଦନପୁର ଥାନା ଅଧିକାରୀ ମିତାଲୀ ମଧୁଲିତା ବିଶ୍ୱାଳ, ଘଟଗାଁ ଥାନା ଅଧିକାରୀ ସୁଭାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ଟିମ୍ ଗଠନ ହୋଇ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ଯାଂଚ ହୋଇଥିଲା। ପ୍ରଥମ ଦିନରେ ଗୋ ମାଫିଆଙ୍କ ୨୧ ଜଣ ସଂପର୍କୀୟଙ୍କ ୩୨ଟି ଆକାଉଣ୍ଟ ଯାଂଚ କରାଯାଇଛି। ଏହି ଯାଂଚ ବେଳେ ଯାଜପୁରର ହରିପୁର ବ୍ରାଙ୍କ ଅଫ ବରୋଦା ଶାଖାରେ ଥିବା କୁବ୍ରାଡେନ ବିବିଙ୍କ ଆକାଉଣ୍ଟରେ ୧ଲକ୍ଷ ୫୦ ହଜାର ଟଙ୍କା ଥାବ ବେଳେ ଭଦ୍ରକର ସେକ୍ ରାଜନଙ୍କ ଚରମ୍ପା ସ୍ଥିତ ପଂଜାବ ନ୍ୟାସନାଲ ବ୍ୟାଙ୍କ ଆକାଉଣ୍ଟରେ ୨୩ ଲକ୍ଷ ୭୩ ହଜାର ଟଙ୍କା, ତେଲକୋଇର ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ଜଗମୋହନପୁର ଷ୍ଟେଟବ୍ୟାଙ୍କ ଆକାଉଣ୍ଟରେ ୧ କୋଟି ୮୩ ଲକ୍ଷ ଟଙ୍କା, ପ୍ରତାପ ମିଶ୍ରଙ୍କ ଏହି ଜଗମୋହନପୁର ଷ୍ଟେଟବ୍ୟାଙ୍କ ଆକାଉଣ୍ଟରେ ୧ କୋଟି ୭୨ ଲକ୍ଷ ଟଙ୍କା, ତେଲକୋଇ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟରେ ରାକେଶ ମିଶ୍ରଙ୍କ ନାମରେ ୨୩ ଲକ୍ଷ ୨୦ ହଜାର ଟଙ୍କା ଜମା ଥିବା ଜଣାଯାଇଛି। ସେହିପରି ହରିଚନ୍ଦନପୁର ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ସେଖ୍ ଅଗର ଅଲ୍ଲୀଙ୍କ ଆକାଉଣ୍ଟରେ ୧ ଲକ୍ଷ ଟଙ୍କା ଜମା ଥିବା ଜଣାଯାଇଛି। ତେବେ ହିପରି ଅନ୍ୟ ସଂପର୍କୀୟଙ୍କ ର ବିଭିନ୍ନ ବ୍ୟାଙ୍କରେ ଥିବା ଆକାଉଣ୍ଟରେ କେଉଁଠି ୧୦ ହଜାର ତ କେଉଁ ୦ ୫ ହଜା ଟଙ୍କା ଜମା ରହିଛି। ତେବେ ପ୍ରଥମ ଦିନରେ ମୋଟ ୩୨ଟି ଆକାଉଣ୍ଟ ଯାଂଚ ପରେ ଏହି ସବୁ ଆକାଉଣ୍ଟରେ ଥିବା ୪ କୋଟି ୭ ଲକ୍ଷ ୨ ହଜାର ୩୭୫ ଟଙ୍କାକୁ ସିଜ୍ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲା ଦୈତାରୀ ଥାନାର କେସ ନମ୍ବର ୧୦୭/୨୦୨୫ରେ ଗୋ ହତ୍ୟା ଏବଂ ପଶୁ ପତି ନିଷ୍ଠୁରତା ଆଇନର ୩୦୩(୨), ୩୧୭(୨), ୧୦୯/୧୧୧(୩)୩୨୫/୩(୫) ବିଏନଏସ୍/୧୧ ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ ବେଳେ ଏକ ବିରାଟ ସିଣ୍ଡିକେଟ ଏହି ଗୋ ଚାଲାଣ ପଛରେ ଥିବା ଜଣାପଡିଥିଲା। ଏହାପରେ କେନ୍ଦୁଝରେ ଏସ୍ପି ନୀତିନ କୁଶଲକରଙ୍କ ନେତୃତ୍ୱରେ ଏହାର ତଦନ୍ତକୁ ବ୍ୟାପକ କରାଯାଇ ଏହି ସିଣ୍ଡଇକେଟ ଖୋର୍ଦ୍ଧା, କେନ୍ଦୁଝର, ଯାଜପୁର, ଭଦ୍ରକ, ମୟୁରଭଞ୍ଜ ଭଳି ୫ଟି ଜିଲ୍ଲା ସମେତ କଟକ, ଭୁବନେଶ୍ୱର ଆଦିକୁ ଲମ୍ବିଥିବା ଜଣାପଡ଼ଇଥିଲା। ଏହାପରେ ୨ ଜଣ ଅତିରିକ୍ତ ଏସ୍ପିଙ୍କ ନେତୃତ୍ୱରେ ୫ ଜଣ ଡିଏସ୍ପି, ୨୫ ଇନ୍ସପେକ୍ଟର, ୩୬ ଜଣ ସବ ଇନ୍ସପେକ୍ଟର, ୧୮ ପ୍ଲାଟୁନ ପୋଲିସ ଫୋର୍ସ ଦ୍ୱାରା ଭୋର ସମୟରୁ ଏକକାଳୀନ ୪୬ଟି ସ୍ଥାନରେ ଚଢ଼ଉ କରାଯାଇଥିଲା। ଏହି ତଦନ୍ତ ପରେ ଭଦ୍ରକର ଶେଖ୍ ରାଜନ, ସାମନ୍ତରାପୁରରୁ ଟିପୁ ସୁଲତାନ, ଡୁରୁମୁଙ୍ଗାରୁ ଗୋ ମାଫିଆ କୁନୁ ସାହୁ, ମଣ୍ଟୁ ସାହୁ, ସିପୁ ସାହୁ, ମୟୁରଭଞ୍ଜର ବିଶୋୟୀର ଟୁନା ମହାପାତ୍ର, ଝାରପୋଖରିଆର ସୁଜିତ ମହାନ୍ତି, ହରିଚନ୍ଦନପୁର ଅନ୍ତର୍ଗତ ଜାମୁଯୋଡିର କୁନୁ ପଠାଣ, ନାସିର ଏବଂ ମୟୁରଭଞ୍ଜ ଜିଲ୍ଲା ତେଷ୍ଟୋପଶିର ସେକ୍ ନୟିମଙ୍କୁ ଗିରଫ କରି ଜେଲ୍ ପଠାଇ ଦିଆଯାଇଛି।

# ଲୋକଭବନ ଉଦ୍ୟାନ ପରିଦର୍ଶନରେ ଆସିଥିବା ପିଲାମାନଙ୍କ ସହ ଖୁସି ବାଣ୍ଟିଲେ ରାଜ୍ୟପାଳ

**ଭୁବନେଶ୍ୱର(ଏନ୍.ଏମ୍.):** ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ବୁଧବାର ଅପରାହ୍ନରେ ଲୋକଭବନ ଉଦ୍ୟାନ ପରିଦର୍ଶନରେ ଆସିଥିବା ପିଲାମାନଙ୍କ ସହ ଖୁସି ବାଣ୍ଟିଛନ୍ତି। ମକର ସଂକ୍ରାନ୍ତି ଅବସରରେ ରାଜ୍ୟପାଳ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ପିଲାମାନଙ୍କୁ ଚିକି, ଚକୋଲେଟ ଓ କଲମ ବଣ୍ଟନ କରିଥିଲେ। ସୁନ୍ଦର ଭୂଦୃଶ୍ୟରେ ସଜ୍ଜିତ ଲୋକଭବନ ଉଦ୍ୟାନ ଏବଂ ଲୋକଭବନ ପରିସରରେ ନୂତନ ଭାବରେ ବିକଶିତ ଅଟଳ ବନ ପରିଦର୍ଶନ କରିଥିବା ପିଲାମାନଙ୍କୁ ଭେଟି ରାଜ୍ୟପାଳ ଆନନ୍ଦିତ ହୋଇଥିଲେ। ନିଜର ଖୁସି ପ୍ରକାଶ କରି ରାଜ୍ୟପାଳ କହିଥିଲେ ଯେ, ''ସବୁଜିମାରେ ଭରପୁର ଉଦ୍ୟାନ ଗୁଡ଼ିକୁ ପରିଦର୍ଶନ କରିବା ସମୟରେ ପିଲାମାନଙ୍କୁ ଭେଟିବା ଏବଂ ସେମାନଙ୍କର ଉତ୍ସାହ ଦେଖିବା ମୋତେ ଅତ୍ୟନ୍ତ ଆନନ୍ଦ ଦିଏ।'' ଏପରି ସ୍ଥାନଗୁଡ଼ିକ ପିଲାମାନଙ୍କୁ ଏକ ନିରାପଦ ଏବଂ ପ୍ରାକୃତିକ ପରିବେଶରେ ସୁସ୍ଥ ମନୋରଞ୍ଜନ ଦେବା ସହ ଶିଖିବାର ସୁଯୋଗ ପ୍ରଦାନ କରେ, ଯାହା ସେମାନଙ୍କର ସାମଗ୍ରିକ ବିକାଶ ଏବଂ କଲ୍ୟାଣ ପାଇଁ ପରିପୂରକ ହୋଇଥାଏ ବୋଲି



ରାଜ୍ୟପାଳ କହିଛନ୍ତି। ଲୋକଭବନ ଉଦ୍ୟାନ ପରିଦର୍ଶନ ପାଇଁ ଜନସାଧାରଣଙ୍କ ବିପୁଳ ଆଗ୍ରହ ପାଇଁ ମଧ ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ। ଲୋକଭବନର ପରିବେଶକୁ ଜନସାଧାରଣ ଉପଭୋଗ କରିବା ଉତ୍ସାହଜନକ ବୋଲି ରାଜ୍ୟପାଳ କହିଛନ୍ତି। ଲୋକଭବନ ଉଦ୍ୟାନଗୁଡ଼ିକ ଚଳିତ ଜାନୁଆରୀ ୧୦ ତାରିଖରୁ ଜନସାଧାରଣ ପାଇଁ ଖୋଲାଯାଇଛି ଏବଂଏହା ଜାନୁଆରୀ ୨୦ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ଖୋଲା ହେବା ପରଠାରୁ ଭୁବନେଶ୍ୱର ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ହଜାର ହଜାର ପରିଦର୍ଶକ ଲୋକଭବନ ଉଦ୍ୟାନଗୁଡ଼ିକୁ ପରିଦର୍ଶନ କରୁଛନ୍ତି।

# ଜାତୀୟ ମତଦାତା ଦିବସ ଉପଲକ୍ଷେ ଶପଥ ପାଠ ଉତ୍ସବ

**ବାରିପଦା(ଏନ୍.ଏମ୍.):** ମୟୁରଭଞ୍ଜ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ୧୬ତମ ଜାତୀୟ ମତଦାତା ଦିବସ ଉପଲକ୍ଷେ ଏକ ଶପଥ ପାଠଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକ ସୁଦୃଢ ଗଣତନ୍ତ୍ର ରାଷ୍ଟ୍ର ପାଇଁ ମତଦାତାଙ୍କ ମତଦାନର ମହତ୍ତ୍ୱ ଓ ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିବା



ଉଦ୍ଦେଶ୍ୟରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଗଣ ଉପସ୍ଥିତ ଥିଲେ।

# ପ୍ରଶାସନର ପ୍ରତାରଣା ନୃସିଂହ ସାଗର ଓ ମଗର ମୁହାଁଣରେ ମେଗା ଲିଫଟ ପଏଣ୍ଟ କେବେ

**ପରଜଙ୍ଗ (ଏନ୍.ଏମ୍.):** ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ରେଙ୍ଗାଲି ମୁଖ୍ୟ ବାମ କେନାଲ ସମଲ ଠାରୁ ବାହାରି ପରଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ଦେଇ ଯାଜପୁର ଜିଲ୍ଲାକୁ ଯାଇ ନଦୀରେ ମିଶି ଅଛି। ପରଜଙ୍ଗ ଅଞ୍ଚଳର ଚାଷୀମାନେ ହଜାର ହଜାର ଏକର ଚାଷଜମି ହରାଇଛନ୍ତି । ପ୍ରଶାସନ ତରଫରୁ ଚାଷୀମାନଙ୍କୁ କୁହାଯାଇଥିଲା ଯେ କେନାଲରେ ପାଣି ଆସିଲେ ପରଜଙ୍ଗ ଅଞ୍ଚଳ ସୃଜଳା ସୁଫଳା ଶସ୍ୟଶ୍ୟାମଳା ହୋଇ ଉଠିବ। କେନାଲ ପାଣି ଚାଷୀଙ୍କୁ ମରୁଡି ଦାଉରୁ ରକ୍ଷା କରିବ। ଚାଷୀମାନେ ଏହି ଆଶା ରଖି କେନାଲ ଖୋଳା ଯିବା ପାଇଁ ଖୁସିରେ ଜମି ଛାଡି ଦେଇ ଆଗାମୀ ଦିନକୁ ଅପେକ୍ଷାରେ ଥିଲେ। ଚାଷୀମାନଙ୍କର ଆଶା ନିରାଶାରେ ପରିଣତ ହୋଇଛି। ସରକାର ସର୍ଭେ କରି ଖୋଳାଇଥିବା ରେଙ୍ଗାଳି ମୁଖ୍ୟ ବାମ କେନାଲ କଟିଙ୍ଗ ଜୋନ କନ୍ତୋର ଠାରୁ ଶିଆରି ମାଳିଆ ପର୍ଯ୍ୟନ୍ତ ସରକାରଙ୍କର କେନାଲ ପାଣି ଟୋପାଏ ମିଳୁ ନାହିଁ। ଜମିରେ ପାଣି ମାଡିବାର ସୁବିଧା ସୁଯୋଗ ନାହିଁ। ବେଡ୍ ପତନରୁ କେନାଲର ଗଭିରତା ୩୫ ମିଟରରୁ କମ୍ ନୁହେଁ। ତେଣୁ ଏହି ଅଞ୍ଚଳରେ ପାଣି ମାଡିବା ପାଇଁ ମେଗା ଲିଫଟ ପଏଣ୍ଟ ବ୍ୟତିତ ଅନ୍ୟ କୌଣସି ଉପାୟ ନାହିଁ। କେନାଲ ଖୋଳାର ଦୀର୍ଘ ଦିନ ପରେ ମାତ୍ର କେତୋଟି ପଏଣ୍ଟ ବସା ଯାଇଛି। ୨୦୦୩ ମସିହାରେ ବାରିହାପୁର ମଗର ମୁହାଣ ଓ ପରଜଙ୍ଗ ନୃସିଂହ ସାଗର ଏ ଦୁଇଟି ସର୍ଭେ କରାଯାଇ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟ ବିଳମ୍ବ ହେବାରୁ ଜନସାଧାରଣ ୨୦୦୯ ମସିହାରେ ଲିଖିତ ଭାବେ ଅମରଣ ଅନଶନ ଧମକ ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ରେଙ୍ଗାଳି ଅଧିକ୍ଷଣ ଯନ୍ତ୍ରୀ ଓ ଉଠା ଜଳ ସେଚନ ବିଭାଗର ନିର୍ବାହି ଯନ୍ତ୍ରୀ ପହଞ୍ଚି ୨୦୧୦ ଜୁନ ମାସ ଶେଷ ସୁଧା ଅନୁମୋଦନ କରାଯାଇ ଅର୍ଥ ମଞ୍ଜୁରୀ ର ପରଜଙ୍ଗ ବଡ଼ ପୋଖରୀ, କୁଆଳୋ ବଡ଼ ପୋଖରୀ, ନୃସିଂହ ସାଗର ଓ ମଗର ମୁହାଁଣ ର ଅଟକଳ ଅର୍ଥ ଜଳ ସମ୍ପଦ ବିଭାଗ, ଉଠା ଜଳସେଚନ ବିଭାଗକୁ ହସ୍ତାନ୍ତର କରିଥିଲା। ନୃସିଂହ ସାଗର ଓ ମଗର ମୁହାଁଣ ର ଟେଣ୍ଡର ହୋଇ ପାଇପ ପକା କାର୍ଯ୍ୟ ଚାଲିଥିଲା। କିନ୍ତୁ କିଛି କିଛି ପାଇପ ପକାଇ ଦେଇ ମଞ୍ଜୁର ଅର୍ଥକୁ ଆତ୍ମସାତ କରିବାର ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନିମନ୍ତେ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଛନ୍ତି।

# ମୁଖାପିନ୍ଧା ଦୁର୍ବୃତ୍ତଙ୍କ ଆତଙ୍କ ଟଙ୍କା ଓ ସୁନା ଲୁଟିନେଲେ

**ନବରଙ୍ଗପୁର(ଏନ୍.ଏମ୍.):** ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଥାନା ଅଞ୍ଚଳରେ ଲଗାତାର ଭାବରେ ଚୋରି ଏବଂ ଲୁଟ ତରାଜ ବୃଦ୍ଧି ପାଉଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ବୁଧବାର ରାତିରେ ଫଟାଗୁଡା ପ୍ରକଳ୍ପ କଲୋନୀର ଘର ନଂ ଜି / ୧୩୨ ରେ ୧୦ରୁ ଅଧିକ ମୁଖା ପିନ୍ଧା ଦୁର୍ବୃତ୍ତ ଆତଙ୍କରାଜ ଚଳାଇଥିଲେ। ଘରେ ନଡ଼ିଆବତୀ ନାୟକଙ୍କୁ ଆକ୍ରମଣ କରି ଟଙ୍କା ସୁନା ଗହଣା ଲୁଟି ନେଇଥିଲେ। ଏନେଇ ଖାତିଗୁଡା ଥାନାରେ ଅଭିଯୋଗ କରିଛନ୍ତି ନଡ଼ିଆବତୀ । ଅଭିଯୋଗ ଅନୁଯାୟୀ, ବୁଧବାର ରାତିରେ ଘରେ ନଡ଼ିଆବତୀ ଏବଂ ତାଙ୍କ ସ୍ୱାମୀ ମୋହନ ସୁନା (୪୫)ଙ୍କ ସମେତ ୧୭ ବର୍ଷୀୟ ପୁଅ ଅନିଲ ଓ ୮ ବର୍ଷୀୟ ପୁଅ ସୁନୀଲ ଶୋଇଥିଲେ।। ହଠାତ ତିନି ଜଣ ଦୁର୍ବୃତ୍ତ ଘର କବାଟକୁ ତାଡି ଘର ଭିତରେ ପଶିଥିଲେ। ପାଖ ପଡୋଶୀଙ୍କୁ ଘରର ବାହାର ପଟ କବାଟ ବନ୍ଦ କରି ୭ରୁ ଅଧିକ ଦୁର୍ବୃତ୍ତ ଆତଙ୍କ ଖେଳାଇଥିଲେ। ଘରେ ପଶିବା ପରେ



ଭୁଜାଲିରେ ଆକ୍ରମଣ କରି ସେ ପିନ୍ଧିଥିବା ଗୋଟିଏ ସୁନା ମାଳି ଏବଂ ନାକର ଗୁଣା ସମେତ ବାକ୍ସରେ ଥିବା ସୁନା ଚେନ ହାର ଏବଂ ନଗଦ ୫୦ ହଜାର ଟଙ୍କା ଲୁଟି ନେଇଥିଲେ । ଦୁର୍ବୃତ୍ତଙ୍କ ଆକ୍ରମଣରେ ନଡ଼ିଆବତୀ ଚିତ୍କାର କରିଥିଲେ ହେଁ କେହି ସାହାଯ୍ୟ କରିପାରିନଥିଲେ। ଖାତିଗୁଡା ଥାନା ଅଞ୍ଚଳରେ ଲଗାତାର ଭାବରେ ଚୋରି, ରାହାଜାନି, ଡକାୟତି, ଲୁଟ ତରାଜ ବୃଦ୍ଧି ପାଇଥିଲେ ହେଁ ପୁଲିସ ଅପରାଧୀଙ୍କ ନିକଟରେ ପହଞ୍ଚିବାରେ ବିଫଳ ହୋଇଛି । ନିକଟରେ ମୋବାଇଲ ବ୍ୟବସାୟୀଙ୍କ ଘରେ ପଶି ନଗଦ ୨ଲକ୍ଷ ଟଙ୍କା ଏବଂ ସୁନା ଗହଣା ଚୋରି କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । ଏଥିରେ ପୁଲିସକୁ ସଫଳତା ମିଳିନଥିବା ବେଳେ ପୁଣି ଏହି ଘଟଣାକୁ ନେଇ ଲୋକେ ଆତଙ୍କିତ ହୋଇପଡିଲେଣି। ଏହା ପୂର୍ବରୁ ମଧ ଅନେକ ଚୋରି ଏବଂ ଲୁଟ ରାହାଜାନି ନେଇ ଥାନାରେ ମାମଲା ପରେ ପୁଲିସ ଅପରାଧୀଙ୍କ ଟେର ପାଇ ପାରିନାହିଁ । ଘଟଣା ସ୍ଥଳରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସନ୍ଦୀପ ମଡକର ଏବଂ ଏସଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ମାମଲାରେ ଥାନା ଅଧିକାରୀ ହରିଶ ଚନ୍ଦ୍ର ଗୋଲାରୀ ତଦନ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଖାତିଗୁଡା ଥାନା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହ ଆଇନ ଶୃଙ୍ଖଳା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି ।

# ରାଉରକେଲା କଲେଜରେ ପରିଚୟାତ୍ମକ ଶିକ୍ଷା ଭ୍ରମଣ କାର୍ଯ୍ୟକ୍ରମ



**ରାଉରକେଲା(ଏନ୍.ଏମ୍.):** ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏକମା, ରାଉରକେଲା ମହାବିଦ୍ୟାଳୟ, ରାଉରକେଲା ଏବଂ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଉରକେଲାର ମିଳିତ ଆନୁକୂଲ୍ୟରେ ପରିଚୟାତ୍ମକ ଶିକ୍ଷା ଭ୍ରମଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ଅଧକ୍ଷତାରେ ଓ ଅଧାପିକା ପୁନମ ଖଣ୍ଡେଲୱାଲ ଓ ଶ୍ୱେତା ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଏକମା ସରକାରୀ ଉଚ୍ଚ ବିଦ୍ୟାଳୟର ଅଧକ୍ଷା ସୁଶ୍ରୀ ସଞ୍ଜୁକ୍ତା ନାୟକ ଯୋଗଦେଇଥିଲା ବେଳେ ଉଭୟ ମହାବିଦ୍ୟାଳୟର ଅଧାପକ-ଅଧାପିକା ସର୍ବଶ୍ରୀ ରଶ୍ମି ରଞ୍ଜନ ରାଉତ, ଭାରତୀ ବରୁଆ, କରୁଣାକର ପାଟ୍ଟଶାଣୀ, ରଶ୍ମିପ୍ରଭା ମଥାନ, ବନ୍ଦନା ସୋରେନ, ମନୋଜ କୁଜୁର, ଦେବାନନ୍ଦ ମହାକୁଡ ପ୍ରମୁଖ ମଞ୍ଚାସୀନ ରହି ଉଭୟ ଶିକ୍ଷାନୁଷ୍ଠାନର ଛାତ୍ର-ଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ସଂସ୍ଥାଗତ ପାରସ୍ପରିକ ସହଯୋଗ ମାଧ୍ୟମରେ ଛାତ୍ର-ଛାତ୍ରୀମାନଙ୍କୁ ଉଚ୍ଚ ଶିକ୍ଷାର ପରିବେଶ, ଶୈକ୍ଷିକ ଶୈଳୀ ଏବଂ ବିଭିନ୍ନ କ୍ୟାରିୟର ସୁଯୋଗ ସମ୍ପର୍କରେ ଅବଗତ କରାଇବା। ଏହି ଅବସରରେ ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଛାତ୍ର କର୍ତ୍ତବ୍ୟ ସମ୍ପର୍କରେ, ବ୍ୟକ୍ତିତ୍ୱର ବିକାଶ, ସମାଜ ତଥା ରାଷ୍ଟ୍ରର ବିକାଶ, ଆତ୍ମନିର୍ଭରଶୀଳ, ଜାତୀୟ ନୂତନ ଶିକ୍ଷାନୀତି, ବଡ ମଣିଷ ହେବା ଅପେକ୍ଷା ଭଲ ମଣିଷ ହେବା, ଯୁବ ଗୋଷ୍ଠୀ ଆଳସ୍ୟ ପରିହାର ତଥା ପାଠାଗାର ସମ୍ପର୍କରେ ଆଲୋଚନା ଓ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆଦିତ୍ୟ, ଶୁଭସ୍ମିତା, ଆଶିଷ, ଶୁଭାନୀ, ଦିବ୍ୟା, ଗୌ ।ରବ, ଜଗନ, କବିତା ପ୍ରମୁଖ ନୃତ୍ୟ, ସଂଗୀତ, କଳା କୌଶଳ, ସେବା ଅଭିଜ୍ଞତା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଉରକେଲା କଲେଜର ଇପ୍ସିତା ପଣ୍ଡା, ପ୍ରତିମା ପାତ୍ର, ରଞ୍ଜିତା ପାଣିଗ୍ରାହୀ, ସୁଶାନ୍ତ କୁମାର ରଣା, ଭାନୁମତୀ ସାହୁ, ଦିବ୍ୟା ଷଡ଼ଙ୍ଗୀ, ଇଲିଜା ଲୁଗୁନ ଓ ଏକମା ବିଦ୍ୟାଳୟର ସେକୁନ୍ତା ଟେଟେ, ମନୀଷା କୁଲୁ, ସଂଗୀତା ଖାଲକୋ, ଯଦୁମଣି ମାଝୀ, ବିକାଶ ନାୟକ, ବନିତା କିଶାନ, ସୁଶାନ୍ତ ଲାକ୍ରା, ଦେବେନ୍ଦ୍ର ବେହେରା ପ୍ରମୁଖ ଅଧାପକ-ଅଧାପିକା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଏକମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୨ ଜଣ ଛାତ୍ର-ଛାତ୍ରୀ ଓ ୧୦ ଜଣ ଶିକ୍ଷକ- ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

# ସୁବର୍ଣ୍ଣପୁରରେ ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ

**ସୁବର୍ଣ୍ଣପୁର(ଏନ୍.ଏମ୍.):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଠାରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ଅଧକ୍ଷତା କରିଥିଲେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ। ବୈଠକରେ ଆଞ୍ଚଳିକ ପରିବହନ କାର୍ଯାଳୟ ଦ୍ୱାରା ଗତ ଡିସେମ୍ବର ମାସରେ ଆୟୋଜିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ ଏବଂ ଜିଲ୍ଲାରେ ସଡ଼କ ଦୁର୍ଘଟଣାର ସଂଖ୍ୟା କମ କରିବା ପାଇଁ କଣ କଣ ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ସମିତିର ସଦସ୍ୟମାନଙ୍କ ସହିତ ଆଲୋଚନା କରାଯାଇଥିଲା। ଏହି ବୈଠକକୁ ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ପରିଚାଳନା କରିଥିଲେ। ଏହି ବୈଠକରେ ସମସ୍ତ କମିଟି ସଦସ୍ୟ ବୃନ୍ଦ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଆଲୋଚିତ ବିଷୟମାନଙ୍କ ମଧ୍ୟରେ ଉଲୁଣ୍ଡାରୁ ସିଂଢୋଲ ରାସ୍ତାରେ ଥିବା ଡୁଡୁପାଲି



ଛକକୁ ବ୍ଲାକ୍ ସ୍ପଟ୍ ଭାବେ ଘୋଷଣା କରିବା ଓ ସେଠାରେ ସଡ଼କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ଜିଲ୍ଲା ସଡ଼କ ଓ କୋଠା ବିଭାଗକୁ ଡୁଡୁପାଲି ଛକରେ ଏକ ସ୍ପିଡ଼ ବ୍ରେକର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ସୂଚନା ଫଳକ ସ୍ଥାପନ, ଅବସ୍ଥିତ ସୂଚନା ଫଳକଗୁଡ଼ିକୁ ସଫା କରି ସ୍ପଷ୍ଟ ଭାବରେ ଦୃଶ୍ୟମାନ କରିବା, ଡାକ୍ତରଖାନା ନିକଟସ୍ଥ ବୁଢାରଜା ଛକରେ ଭାରି ଯାନବାହାନ ପ୍ରବେଶ ନିଷେଧ ପାଇଁ ଏକ ନୂତନ ସୂଚନା ଫଳକ ସ୍ଥାପନ ଓ ତୀର ଚିହ୍ନ ମାଧ୍ୟମରେ ଠିକ ରାସ୍ତା ଦର୍ଶାଇବା, ସହର ପ୍ରବେଶ ପଥରେ ଏକ ସ୍ୱାଗତ ଗେଟ୍ ଏବଂ ମହାନଦୀ ବ୍ରିଜର ନଷ୍ଟ ହୋଇଥିବା ଆଲୋକୀକରଣ ବ୍ୟବସ୍ଥାର ମରାମତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଗତ ଡିସେମ୍ବର ମାସରେ ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ୨୫,୬୮,୦୪୪ ଟଙ୍କା ଜରିମାନା ସଂଗ୍ରହ କରାଯାଇଥିବା ଓ ଆହୁରି ୬୩,୮୨,୭୩୧ ଟଙ୍କା ଜରିମାନା ଆଦାୟ କରିବାକୁ ବାକି ଅଛି ବୋଲି ଶ୍ରୀ ଜେନା ସୂଚନା ଦେଇଥିଲେ। ଜିଲ୍ଲାରେ ଗତ ମାସରେ ୧୧୪ ଟି ଲାଇସେନ୍ସ ରଦ୍ଦ ହୋଇଥିବା ବେଳେ ୩ଟି ସାଙ୍ଘାତିକ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମଧ ଦିଆଯାଇଥିଲା। ଶ୍ରୀ ଜେନା କହିଥିଲେ ଯେ ପ୍ରତିଦିନ ଜିଲ୍ଲାରେ ଯାନବାହାନ ଚେକିଂ ପ୍ରକ୍ରିୟା ଜାରି ରହିଛି ଏବଂ ଚଳିତ ଜାନୁଆରୀ ମାସରେ ବିଭାଗ ଦ୍ୱାରା ସଚେତନତା ରାଲି, ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଓ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଉଛି।




## କଂଗ୍ରେସ ଭବନରେ ନେତାଜୀ ଜୟନ୍ତୀ




**ବ୍ରହ୍ମପୁର(ଏନ୍.ଏମ୍.) :** ସ୍ଥାନୀୟ ବାପୁଜୀ ଆଶ୍ରମ ଠାରେ ( କଂଗ୍ରେସ ଭବନ ) ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ଅବସରରେ ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ) ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ କଂଗ୍ରେସ କମିଟି ପକ୍ଷରୁ ନେତାଜୀଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସ୍ମୃତି ଚାରଣ କରିବା ସହିତ ଇଂରାଜୀ ଶାସନ ବିରୁଦ୍ଧରେ ନେତାଜୀଙ୍କ ଲଢେଇ ଓ ତାଙ୍କ ସ୍ଲୋଗାନ ଥିଲା ଆଜାଦ ହିନ୍ଦ ଫୌଜ ( ମୋତେ ରକ୍ତ ଦିଅ ମୁ ସ୍ୱାଧୀନତା ଦେବି ) ଏକ ପଥପ୍ରାନ୍ତ ସଭା କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ବହୁ କର୍ମୀ ଉପସ୍ଥିତ ଥିଲେ ।

## ରାଉରକେଲାରେ ପିଏମ୍ ସ୍ୱନିଧି ଯୋଜନାର ସିଧାପ୍ରସାରଣ

# ଉଠାଦୋକାନୀ ଓ ବୁଲା ବିକାଳୀଙ୍କୁ ଋଣ ଓ କ୍ରେଡିଟ୍ କାର୍ଡ ପ୍ରଦାନ

**ରାଉରକେଲା(ଏନ୍.ଏମ୍.) :** ଉଠା ଦୋକାନୀ ତଥା ବୁଲା ବିକାଳୀଙ୍କ ଆର୍ଥିକ ଅଭିବୃଦ୍ଧିକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେରଳର ଥିରୁଅନନ୍ତପୁରମ ଠାରେ ୧ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଋଣ ପ୍ରଦାନ ସହ ନୂତନ ଭାବେ କ୍ରେଡିଟ୍ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ସ୍ଥାନୀୟ ରାଉରକେଲା ମହାନଗର ନିଗମର ପାଠାଗାର ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାୟକ ରଘୁନାଥପାଲି ଦୁର୍ଗା ଚରଣ ତନ୍ତୀ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଏହି ଅନନ୍ୟ କାର୍ଯ୍ୟକ୍ରମକୁ ଗରିବୀ ଉନ୍ମୋଳନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କହିବା ସହ ପ୍ରଶଂସା କରିଥିଲେ । କମ୍ ସୁଧରେ ଋଣ




ସହ ଦୀର୍ଘ ପରିଶୋଧ ଅବଧି ମିଳୁଥିବାରୁ ହିତାଧିକାରୀମାନେ ବିଶେଷ ଭାବେ ଉପକୃତ ହେବା ସେ କହିଥିଲେ । ସମାଜର ସବୁ ବର୍ଗର ଲୋକଙ୍କ ସହଭାଗିତାରେ ସରକାର ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଲକ୍ଷ୍ୟ ରଖିଥିବା ବେଳେ, ଏହା ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଅଟେ । ସାରା ଦେଶରେ ୧ଲକ୍ଷ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଥିବା ବେଳେ ରାଉରକେଲା ସହରରୁ ଶତାଧିକ ହିତାଧିକାରୀ ଏଥିରେ ସାମିଲ ଅଛନ୍ତି । ଏଥିସହ ୩୬ ଜଣ ହିତାଧିକାରୀ କ୍ରେଡିଟ୍ କାର୍ଡ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପିଏମ୍ ସ୍ୱନିଧି ଯୋଜନାରେ ହିତାଧିକାରୀଙ୍କୁ ପ୍ରଥମେ ୧୫ ହଜାର ଏହାକୁ ପରିଶୋଧ କରିବା ପରେ ୨୫ ହଜାର ଏବଂ ଶେଷରେ ୫୦ ହଜାର ଟଙ୍କାର ଋଣ ପ୍ରଦାନ କରାଯାଉଛି । କମ୍ ସୁଧ ହାର ସହ ସହଜ ଋଣ ପ୍ରକ୍ରିୟା ଓ ସୁବିଧାଜନକ ପରିଶୋଧ ଅବଧି ମିଳୁଥିବାରୁ, ଏଥି ନିମନ୍ତେ ଲୋକମାନଙ୍କ ମଧ୍ୟରେ ଆଗ୍ରହ ଦେଖାଯାଉଛି । ବର୍ତ୍ତମାନ ସରକାର ନୂତନ ଭାବେ କ୍ରେଡିଟ୍ କାର୍ଡ ବ୍ୟବସ୍ଥାର ପ୍ରଚଳନ କରିଥିବାରୁ ହିତାଧିକାରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି ।

ଏହି ସିଧାପ୍ରସାରଣ କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର, ଯୁଗ୍ମ ଆୟୁକ୍ତ ଶ୍ରୀମତୀ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଶ୍ରୀମତୀ ଅନୀତା ନାଏକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ସହକାରୀ, ଆୟୁକ୍ତ ଅଜିତ କୁମାର ପଟ୍ଟନାୟକଙ୍କ ସହ ଆରଏମସିର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଷୋଡଶ ଜାତୀୟ ମତଦାତା ଦିବସ




**ଯାଜପୁର(ଏନ୍.ଏମ୍.) :** ଗଣତନ୍ତ୍ରର ମୂଳ ଆଧାର ଭୋଟ ଅଧିକାର ପ୍ରତି ଜନସାଧାରଣଙ୍କୁ ସଚେତନ କରିବା । ଏହି ଉଦ୍ଦେଶ୍ୟରେ ଷୋଡଶ ଜାତୀୟ ମତଦାତା ଦିବସ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଅମ୍ବର କୁମାର କର ସମସ୍ତ ଉପସ୍ଥିତ ଅଧିକାରୀ, କର୍ମଚାରୀଙ୍କୁ ଗଣତନ୍ତ୍ର ପ୍ରତି ନିଷ୍ଠା, ସ୍ୱଚ୍ଛ , ନିର୍ଭୟ ମତଦାନ ଓ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଭାଗିଦାରୀ ସମ୍ପର୍କିତ ସପଥ ପାଠ କରାଇଥିଲେ । ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶିବାନନ୍ଦ ସ୍ୱାଇଁ, ଉପ ଜିଲ୍ଲାପାଳ, ତାପସ ରଞ୍ଜନ ଦେହୁରୀ, ବିଭିନ୍ନ ବିଭାଗୀୟ ଅଧିକାରୀ , କର୍ମଚାରୀମାନେ ଉପସ୍ଥିତ ରହି ଗଣତନ୍ତ୍ର ସୁଦୃଢ଼ତା ପ୍ରତି ନିଜ ଅଙ୍ଗୀକାରବଦ୍ଧତା ବ୍ୟକ୍ତ କରିଥିଲେ । ଏହି ଦିବସ ପାଳନ ମାଧ୍ୟମରେ ମତଦାନ ଉପରେ ସଚେତନତା ସୃଷ୍ଟି କରିବା ସହ ଏକ ସକ୍ରିୟ ଓ ସୁଦୃଢ଼ ଗଣତନ୍ତ୍ର ଗଢ଼ି ତୋଳିବା ପାଇଁ ସମସ୍ତଙ୍କୁ ପ୍ରେରଣା ମିଳିଥିଲା ।

# ମାଫିଆଙ୍କ ମଧ୍ୟରେ କୋକୁଆ ଭୟ




**ନବରଙ୍ଗପୁର(ଏନ୍.ଏମ୍.) :** ନବରଂଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ଭାସ୍କେଲ ନଦୀରୁ ଅଣଲିଜ ଅଞ୍ଚଳରୁ ବାଲି ମାଫିଆମାନେ ବେଧଡ଼କ ବାଲି ଚୋରାଚାଲାଣ ହେଉଥିବା ନେଇ ବାରମ୍ବାର ଖବର ପ୍ରସାରଣ, ଖଣି ବିଭାଗର ଚଢାଉ ପରେ ମଧ୍ୟ ଚୋରା ଚାଲାଣ ଥମିବାର ନା ନେଉନାହିଁ । ଗତ କାଲି ନବରଙ୍ଗପୁର କନିଷ୍ଠ ଖଣି ଅଧିକାରୀ ସୁଧିର ପ୍ରଧାନ, ସୌମ୍ୟରଞ୍ଜନ ସାହୁ, କୋଡ଼ିଙ୍ଗା ତହସିଲଦାର ତୁଳା ମୁଦୁଲି, ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାୟକ, କୋଡ଼ିଙ୍ଗା ଥାନାଅଧିକାରୀ ଯୁଗଳ ଶବର, କୋଷାଗୁମୁଡା ଥାନାଅଧିକାରୀ ଉମେଶ ଚନ୍ଦ୍ର ନାୟକ, ଏଏସଆଇ ହିମିଲଟନ ମାଝୀ ପ୍ରମୁଖ ୩ ବିଭାଗର ଅଧିକାରୀମାନେ ମିଳିତ ଭାବେ ଅତର୍କିତ ଚଢାଉ କରି ବଡଗୁମୁଡା ନିକଟ ଭାସ୍କେଲ ନଦୀର ଅଣଲିଜ ବାଲି ସୌରାତରୁ ବାଲି ଚୋରା ଚଲାଣ ବେଳେ ୧୮ ଟିପ୍ପର ଓ ଗୋଟିଏ ଜେସିବି ଜବତ କରିଛନ୍ତି । ୩ ଟି ବାଲି ଭର୍ତ୍ତି ଟିପ୍ପର କୋଡ଼ିଙ୍ଗା ଥାନାରେ ରଖାଯାଇଥିବାବେଳେ ଅନ୍ୟ ଗାଡିକୁ ବାଲି ଘାଟରେ ଜବତ କରି ରଖାଯାଇଥିବା ଖଣି ଅଧିକାରୀ ସୁଧୀର କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଆଗକୁ ଏହିଭଳି ରାତି ଅଧିଆ ମିଳିତ ଚଢାଉ ଜାରିରହିବ ବୋଲି ମଧ୍ୟ ସୂଚନା ଦେଇଛନ୍ତି । ଏହି ରାତି ଅଧିଆ ଚଢ଼ାଉରେ ବାଲି ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । ଆଗକୁ ଚୋରା ବାଲି ଚାଲାଣ ଉପରେ ବିଭାଗୀୟ ଅଧିକାରୀଙ୍କ ଭୂମିକା କିଭଳି ରହିବ ତାହା ଦେଖିବାକୁ ବାକିରହିଲା ।

# ନବବର୍ଷ ଉପଲକ୍ଷେ ସାଂସଦ ଓ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଚଣ୍ଡିଖୋଲ(ଏନ୍.ଏମ୍.) :** ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ କଳାଶ୍ରୀ ଗ୍ରାମ ମାତୃକୃପା ଭବନ, ମାତୃକୃପା ଏମ୍ପାଓ୍ୱାରମେଣ୍ଟ ଫାଉଣ୍ଡେସନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ନବବର୍ଷ ଉପଲକ୍ଷେ ଯାଜପୁରର ସାଂସଦ ଡ଼ଃ ରବିନ୍ଦ୍ର ନାରାୟଣ ବେହେରା ଓ ବଡଚଣାର ବିଧାୟକ ଅମର କୁମାର ନାୟକଙ୍କୁ ଚଣ୍ଡିଖୋଲ ସ୍ଥିତ ବିଜେପି କାର୍ଯ୍ୟାଳୟ ପରିସରରେ ଶୁଭେଚ୍ଛା, ଅଭିନନ୍ଦନ ଓ ଦୀର୍ଘାୟୁ କାମନା କରି ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ମାତୃକୃପା ଏମପାଓ୍ୱାରମେଣ୍ଟର ନିର୍ଦ୍ଦେଶକ ଓ ମାର୍ଗ ଦର୍ଶକ ହିମାଂଶୁ ଶେଖର ସାମଲଙ୍କ ମାର୍ଗ ଦର୍ଶନରେ ଫାଉଣ୍ଡେସନର ପ୍ରତିଷ୍ଠାତ୍ରୀ, ଅଧକ୍ଷା ତଥା ସମାଜ ସେବୀକା ଶ୍ରୀମତୀ ଜୟନ୍ତୀ ସାମଲଙ୍କ ନେତୃତ୍ୱରେ ସହ ପ୍ରତିଷ୍ଠାତା ଉତ୍ତମ ଦାସ୍, ମହେନ୍ଦ୍ର କୁମାର ସାମଲ, ହଳଧର ସାହୁ, ସଭାପତି ସୌମ୍ୟରଞ୍ଜନ ପରିଡା, ଉପ ସଭାପତି କାଳନ୍ଦୀ ଚରଣ ମହାନ୍ତି ଓ ପ୍ରକାଶ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଚିନ୍ମୟ କୁମାର ଶାନ୍ତି, ସହ ସମ୍ପାଦିକା ସଙ୍ଗୀତା ସାମଲ ଓ ରଶ୍ମିତା ଦାସ୍, କୋଷାଧକ୍ଷ ମୃତ୍ୟୁଞ୍ଜୟ ସିଂ, ସଂଯୋଜକ ଦିବ୍ୟରଞ୍ଜନ ବାରିକ୍, ଉପଦେଷ୍ଟା ଅମୀୟ କୁମାର ସାହାଣୀ, ସନ୍ତୋଷ କୁମାର ଜେନା, ନବକିଶୋର ରାଉତ ପ୍ରମୁଖଙ୍କ ସହିତ ପ୍ରାୟ ୫୦ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ସ୍ୱେଚ୍ଛାସେବୀ ଯୋଗଦେଇ ଜଗତର ନାଥ ଜଗନ୍ନାଥଙ୍କ ଚରଣ ତଳେ ଭକ୍ତି ପୁଷ୍ପାଞ୍ଜଳି ଅର୍ପଣ କରି ସାଂସଦ ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ ଏତେ ସଂଖ୍ୟକ ସ୍ୱେଚ୍ଛାସେବୀ ଭାଇ ଭଉଣୀଙ୍କୁ ଦେଖି ବିଧାୟକ ଓ ସାଂସଦ ଭାବ ପ୍ରବଣ ହୋଇଯାଇଥିଲେ । ବିଧାୟକ ଶ୍ରୀଯୁକ୍ତ ନାୟକ ତାଙ୍କ ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ ଯେ ବନ୍ୟା, ବାତ୍ୟା, ମରୁଡି ହେଉ ଅବା ଘରପୋଡି ବିପନ୍ନ ପରିବାର ନିକଟରେ ହୁଏତ ପ୍ରଶାସନ ବିଳମ୍ବରେ ପହଞ୍ଚି ତାଙ୍କୁ ଥଇଥାନ କରିବା ସହିତ ଆଶ୍ୱସନା ଦେଇପାରେ କିନ୍ତୁ ମାତୃକୃପା ଏମ୍ପାଓ୍ୱାର ଫାଉଣ୍ଡେସନ କୌଣସି ସୂତ୍ରରୁ ଖବର ସଂଗ୍ରହ କରି ଅବିଳମ୍ବେ ବିପନ୍ନ ପରିବାର ନିକଟରେ ପହଞ୍ଚି ଯଥା ସମ୍ଭବ ସହାୟତା ପ୍ରଦାନ କରିବା ସହିତ ବିପନ୍ନ ପରିବାର ଆଖିରୁ ଝରି ଆସୁଥିବା ଲୁହକୁ ପୋଛିଦେଇ ଆଶା ଭରସାର ପ୍ରତିଶ୍ରୁତି ପ୍ରଦାନ କରୁଥିବାର ଅତୀତରେ ଓ ଏବେ ମଧ୍ୟ ବହୁ କ୍ଷେତ୍ରରେ ଦେଖିବାକୁ ମିଳିଛି । ଜଣେ ସମର୍ପିତ ବ୍ୟକ୍ତିତ୍ୱ ନ ହେଲେ ଏଭଳି ଉଲ୍ଲେଖନୀୟ ଓ ହୃଦୟସ୍ପର୍ଶୀ କାର୍ଯ୍ୟ କରି ପାରିବ ନାହିଁ । ଏ ଫାଉଣ୍ଡେସନ ଓ ତାର କାର୍ଯ୍ୟ କଳାପକୁ ମୁଁ ବହୁ ନିକଟରୁ ଦେଖିଛି ଯାହାକି ଅବିଶ୍ୱସନୀୟ ପରି ମନେ ହୁଏ । ଏ ସଙ୍ଗଠନ ଆଗାମୀ ଦିନରେ ଆହୁରି ଅଧିକ ଭାବରେ ଅସହାୟ, ନିଃସହାୟ ଓ ବିପନ୍ନ ଲୋକମାନଙ୍କ ପାଇଁ ଆଶାବାଡି ସାଜିବ ଏହା ମୋର ପୁର୍ଣ ବିଶ୍ୱାସ ରହିଛି । ଏ ସଙ୍ଗଠନକୁ ଅଧିକ ଲୋକାଭିମୁଖୀ ଓ କ୍ରିୟାଶୀଳ କରାଇବା ପାଇଁ ସଙ୍ଗଠନର ସଦସ୍ୟମାନେ ଯାହା ମୋର ସାହାଯ୍ୟ ଲୋଡିବେ ତାହା ମୁଁ ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ବଦ୍ଧ ବୋଲି ବିଧାୟକ ତାଙ୍କ ବକ୍ତବ୍ୟ ଛଳରେ କହିଥିଲେ । ଠିକ୍ ସେହିପରି ସାଂସଦ ଡ଼ଃ ବେହେରା ଅତୀତ ଦିନର ଫାଉଣ୍ଡେସନର ସମସ୍ତ କାର୍ଯ୍ୟକଳାପକୁ ତର୍ଜ୍ଜମା କରି ଖାଲି ଯାଜପୁର ଜିଲ୍ଲାରେ ନୁହେଁ ସମଗ୍ର ରାଜ୍ୟରେ ମାତୃକୃପା ଏମ୍ପାଓ୍ୱାର ଫାଉଣ୍ଡେସନ ବହୁ ସୁନାମ ଅର୍ଜନ କରିଛି ଓ ଏହାର ସମସ୍ତ ସଦସ୍ୟମାନେ ବାସ୍ତବରେ ଧନ୍ୟବାଦର ପାତ୍ର । ତାଙ୍କଠାରୁ ଏହିଭଳି ସେବା ରାଜ୍ୟର ଅସହାୟ ନିଃସହାୟ ଲୋକ ଆଶା କରନ୍ତି ବୋଲି ସାଂସଦ ଡ଼ଃ ବେହେରା ପ୍ରତିକ୍ରିୟା ରଖିଥିଲେ ।




# ହିଞ୍ଜିଳି ବ୍ଲକସ୍ତରୀୟ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସ୍ୱଚ୍ଛତା ପ୍ରଶିକ୍ଷଣ

**ହିଞ୍ଜିଳିକାଟୁ(ଏନ୍.ଏମ୍.) :** ଅମର ଜ୍ୟୋତି ଫାଉଣ୍ଡେସନ୍ ଓ ରକେଟ ଇଣ୍ଡିଆର ମିଳିତ ଉଦ୍ୟମରେ ସ୍ୱସ୍ଥ ଇଣ୍ଡିଆ ପ୍ରୋଗ୍ରାମ ଅଧୀନରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସ୍ୱଚ୍ଛତା ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟକ୍ରମ ହୋଇଯାଇଛି । ସ୍ଥାନୀୟ ହିଞ୍ଜିଳିକାଟୁ ପୌରାଞ୍ଚଳ ଏନ ଏ ସି ଉଚ୍ଚ ବିଦ୍ୟାଳୟ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱଚ୍ଛତା, ପରିମଳ, ସୁରକ୍ଷିତ ପାନୀୟ ଜଳ ବିଷୟରେ ସଚେତନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ସୂର୍ଯ୍ୟକାନ୍ତି ପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶୀଲ କୁମାର ପାତ୍ର , ସାଗରୀକା ଦାଶ ସି ଆର ସି , ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଜନୀକାନ୍ତ ସାହୁ ଅତିଥିଭାବେ ଯୋଗ ଦେଇ ନିଜ ନିଜର ଅଭିଭାଷଣ ଦେଇଛନ୍ତି । ଅମର ଜ୍ୟୋତି ଫାଉଣ୍ଡେସନ୍‌ର ପୁରୀ ଜିଲ୍ଲା ପ୍ରୋଗ୍ରାମର ସଂଯୋଜକ ନିରଞ୍ଜନ ତ୍ରିପାଠୀ ତାଲିମ ପ୍ରଦାନ କରିଥିଲା ବେଳେ ଚିତ୍ରସେନ ମୁନି ଓ ସୁଧୀର କୁମାର ମହାରଣା ପରିଚାଳନା କରିଥିଲେ । ଏହି ପ୍ରଶିକ୍ଷଣରେ ମୋଟ ୯୪ ଜଣଙ୍କ ପ୍ରି-ଟେଷ୍ଟ ଓ ପୋଷ୍ଟ-ଟେଷ୍ଟ ପରୀକ୍ଷା କରାଯାଇ ଶିକ୍ଷକମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।




# ବାଣପୁର ବାଲୁଗାଁରେ ଧୁମ୍‌ଧାମ୍‌ରେ ମା’ ବିଦ୍ୟାଦାତ୍ରୀଙ୍କ ପୂଜାର୍ଚ୍ଚନା



**ବାଣପୁର(ଏନ୍.ଏମ୍.) :** ବାଣପୁର, ବାଲୁଗାଁ ଅଞ୍ଚଳର ମହାବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, କ୍ଲବ, ପାଠାଗାର ତଥା ସରକାରୀ ଅନୁଷ୍ଠାନରେ ମା ବିଦ୍ୟାଦାୟିନୀ ସରସ୍ୱତୀଙ୍କ ପୂଜା ସହିତ ବେଦପାଠ ଓ ଦୀପ, ଧୁପ, ହୋମ ଆଦି ପୂଜାର୍ଚ୍ଚନା ଧୁମ୍ ଧାମରେ ପାଳିତ ହୋଇଯାଇଛି । ନରେନ୍ଦ୍ରପୁର ଜିପି ଉପେନ୍ଦ୍ର ପୀଠ, ବଡଶିରାଇପୁର ସରକକରୀ ଉଚ୍ଚ ବିଦ୍ୟାଳୟ, ପତିତପାବନବାଣୀ ମନ୍ଦିର ଗମ୍ଭାରୀମୁଣ୍ଡା, ବାନମ୍ବର୍ ପି ମ ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ଭୀମପୁର, ବାଲୁଗାଁ ପି ମ ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ, ଡି ଏ ଭି ଗୁରୁକୂଳ ବିଦ୍ୟାଳୟ ବାଲୁଗାଁ, ଭେଙ୍କେଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ବାଲୁଗାଁ , ଅନ୍ତରକିଆରି ମାନସିଂହ ସରକାରୀ ଉଚ୍ଚ ବିଦ୍ୟାଳୟ ,ଭବାନୀ ଦେବୀ କିଶୋର ସେବା ସଂଘ କୋଳଥଡିହ ଓ ସମସ୍ତ ସରକାରୀ ଅନୁଷ୍ଠାନରେ ବୀଣାପାଣିଙ୍କ ପୂଜାର୍ଚ୍ଚନା ସହ ଘଣ୍ଟା ଘଣ୍ଟି ନାଦରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଶେଷରେ ଛାତ୍ରଛାତ୍ରୀମାନେ ପୁଷ୍ପାଞ୍ଜଳି ପ୍ରଦାନ କରି ଆର୍ଶୀବାଦ କାମନା କରିବା ସହ ପ୍ରସାଦ ସେବନ କରିଥିଲେ ।

# ବନ ବିଭାଗର ପ୍ରଚେଷ୍ଟାରେ କୂଅ ଭିତରୁ ଉଦ୍ଧାର ହେଲା ଭାଲୁ

**ମାଲକାନଗିରି(ଏନ୍.ଏମ୍.) :** ମାଲକାନଗିରି ଜିଲ୍ଲା କାଲିମେଲା ରେଞ୍ଜ ଅନ୍ତର୍ଗତ ଏମପିଭି - ୨୬ ଗାଁ ନିକଟରେ ୧୦ ଫୁଟର ପରିତ୍ୟକ୍ତ କୂଅରେ ପଡିଥିବା ଭାଲୁକୁ ବନ ବିଭାଗ ଦୀର୍ଘ ୫ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ଉଦ୍ଧାର କରିଛି । ଖାଦ୍ୟ ଅନ୍ୱେଷଣରେ ଆସି କୂଅ ଭିତରେ ପଡ଼ିଥିଲା ଭାଲୁ । ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଭାଲୁଟି ଗାଁ ଭିତରେ ପଶିଥିବା ବେଳେ ଗ୍ରାମର ବିରେନ ବିଶ୍ୱାସଙ୍କ ବାରିପଟେ ଥିବା କୂଅରେ ପଡିଯାଇଥିଲା । କୂଅଟି ଗଭୀର ଥିବାରୁ ଭାଲୁଟି ବାହାରକୁ ବାହାରି ନପାରି ଚିତ୍କାର କରୁଥିଲା । ଶୁକ୍ରବାର ସକାଳୁ ଗାଁ ଲୋକ ଦେଖିବା ପରେ ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ କାଲିମେଲା ରେଞ୍ଜର ବିଜୟ କୁମାର ନାୟକ, ଫରେଷ୍ଟର ମୃତ୍ୟୁଞ୍ଜୟ ସେଠୀ ଏବଂ ମାଲକାନଗିରି ସ୍ଥିତ ବନ୍ୟଜନ୍ତୁ ଉଦ୍ଧାରକାରୀ ଟିମ ର କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଭାଲୁଟି କୂଅ ଭିତରେ ଗାତ ଖୋଳି ସେଠାରେ ପଶି ରହିଥିବା ବେଳେ ଉଦ୍ଧାରକାରୀ ଦଳ କୂଅ ଉପରେ ଯନ୍ତ୍ରା ଏବଂ ଜାଲ ବିଛାଇ ଜଗି ବସିଥିବା ଦେଖିବାକୁ ମିଳିଥିଲା । ୫ଘଣ୍ଟା ଧରି ଅକ୍ଲାନ୍ତ ପରିଶ୍ରମ କରିବା ପରେ କୂଅ ଭିତରୁ ଭାଲୁକୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିଲା । ଉଦ୍ଧାର ପରେ ଭାଲୁଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । କାଲି ଜଙ୍ଗଲ ମଧ୍ୟକୁ ଛଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଗତ କିଛି ଦିନ ଧରି କାଲିମେଲା ରେଞ୍ଜ ରେ । ଏକ ଭାଲୁ ପଲ ଗାଁରୁ ଗାଁକୁ ବୁଲୁଛନ୍ତି । ଏଥିପ୍ରତି ଅଞ୍ଚଳବାସୀ ସଜାଗ ରହିବାକୁ ବନ ବିଭାଗ ଅନୁରୋଧ କରିଛନ୍ତି ।






ଆଞ୍ଚଳିକ

# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଦେଶ ଓ ରାଜ୍ୟ ପାଳିଲା ...

ମାଝୀଙ୍କ ନେତୃତ୍ୱରେ ନେତାଜୀଙ୍କୁ ଉପଯୁକ୍ତ ଭାବରେ ସମ୍ମାନିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ସେ କହିଥିଲେ, ଏପରି ସଂଗ୍ରହାଳୟ ଏବଂ ପ୍ରଦର୍ଶନୀଗୁଡ଼ିକ ଯୁବ ପିଢ଼ିକୁ ଭାରତର ସ୍ୱାଧୀନତା ସୁରକ୍ଷିତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମୀମାନେ ଦେଇଥିବା ମହାନ ବଳିଦାନ ଏବଂ କଷ୍ଟକୁ ହୃଦୟଙ୍ଗମ କରିବାରେ ସହାୟତା କରିବ। ନେତାଜୀଙ୍କ ଜନ୍ମସ୍ଥାନ କଟକ ସହର ବି ଏହି ବିକାଶ ଧାରାରେ ସାମିଲ ହୋଇଛି। କଟକର ଅନେକ ପୁରାତନ ଶିକ୍ଷାନୁଷ୍ଠାନକୁ ଆଜି ଐତିହ୍ୟ ବିଦ୍ୟାଳୟ ଭାବେ ମାନ୍ୟତା ମିଳିଛି। ନେତାଜୀ ପାଠ ପଢିଥିବା ସ୍କୁଲ ମଧ୍ୟ ଅନ୍ତର୍ଭୁକ୍ତ। କଟକର ଅନ୍ୟତମ ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ଆଜି ତାର ସମ୍ମାନ ଫେରି ପାଉଛି । କଟକର ପ୍ରସିଦ୍ଧ ବାଲିଯାତ୍ରା ଆଜି ଐତିହାସିକ ବାଲିଯାତ୍ରା ନାମରେ ମାନ୍ୟତା ପାଇଛି ଏବଂ ଏହାର ଅନୁଦାନ ରାଶି ବୃଦ୍ଧି କରାଯାଇଛି। ୨୨୦ କୋଟି ଟଙ୍କାରେ ମହାନଦୀ ରିଭରଫ୍ରଣ୍ଟ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କର ମନ୍ଦିରର ନବୀକରଣ କାର୍ଯ୍ୟ ଆଉ କିଛି ମାସ ମଧ୍ୟରେ ଶେଷ ହେବ। କଟକର ଶିଶୁ ଭବନ ମଧ୍ୟ ନୂଆରୂପ ନେବାକୁ ଯାଉଛି। କଟକର ସୁନା, ରୂପା ତାରକସି କାମକୁ ପ୍ରୋତ୍ସାହନ ଦେବାପାଇଁ ଏଇ ସହରକୁ ଫିଲିଗ୍ରି ହବ୍ ଭାବେ ରାଜ୍ୟ ସରକାର ଘୋଷଣା କରିଛନ୍ତି। କଟକ'ର ବିକାଶର ଧାରା ଜାରି ରହିବ ବୋଲି ଆଜିର ପବିତ୍ର ଦିବସରେ ମୁଁ କଟକ ବାସୀଙ୍କୁ ଆଶ୍ୱାସନା ଦେଉଛି । ଉପରାଷ୍ଟ୍ରପତି କଟକ ଜିଲ୍ଲା ସଂସ୍କୃତି ଭବନର ଲୋକାର୍ପଣ କରିଛନ୍ତି । ଏହା ବାଉନ ବଜାର ତେପନ ଗଳିର ଐତିହାସିକ ସହରର ସଂସ୍କୃତିକୁ ଜୀବନ୍ତ ରଖିବ । ନେତାଜୀଙ୍କ ଜନ୍ମ ଜୟନ୍ତୀରେ ପଣ କରିବା, ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଓ ୨୦୪୭ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ପାଇଁ ନେତାଜୀଙ୍କ ଜୀବନ ଦର୍ଶନକୁ ପାଥେୟ କରି କାମ କରିବା। ଏହା ହେବ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି। ପ୍ରିୟ ନେତାଜୀଙ୍କୁ ଆଜିର ଦିନରେ କୋଟି କୋଟି ପ୍ରଣାମ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଠିକ୍ ସେହିପରି ଜୟନ୍ତୀରେ ନେତାଜୀଙ୍କୁ ଶତାବ୍ଦୀର ମହାନାୟକ କହିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶତାବ୍ଦୀର ମହାନାୟକ ଭାବେ ଦେଶର ଦଶା ଓ ଦିଶା ବଦଳାଇଥିଲେ ନେତାଜୀ। ୧୩୦ ବର୍ଷ ତଳେ ଓଡ଼ିଆ ବଜାରରେ ନେତାଜୀଙ୍କ ଜନ୍ମ ଓଡ଼ିଶା ପାଇଁ ଗର୍ବ। ଓଉଝ ଭଳି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମଧ୍ୟ ଚାକିରି କରି ନ ଥିଲେ ନେତାଜୀ। ସ୍ୱାମୀ ବିବେକାନନ୍ଦ ଓ ଅରବିନ୍ଦଙ୍କ ଆଦର୍ଶରେ ପରିଚାଳିତ ଥିଲେ ନେତାଜୀ। ଜାପାନ ସହାୟତାରେ ସିଙ୍ଗାପୁରରେ ଆଜାଦ ହିନ୍ଦ ଫୌଜ ଗଠନ କରିଥିଲେ। ଆଣ୍ଡାମାନରେ ପ୍ରଥମ ଥର ପତାକା ଉତ୍ତୋଳନ କରିଥିଲେ ନେତାଜୀ। ଦେଶର ଇତିହାସ ବହିରେ ନେତାଜୀଙ୍କୁ ଉପଯୁକ୍ତ ସମ୍ମାନ ମିଳି ନାହିଁ ବୋଲି କହିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଠିକ୍ ସେହିପରି ମହାନ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ। ନେତାଜୀ ଜୟନ୍ତୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ମହାନ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶାର ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇଲେ ନବୀନ । ନେତାଜୀଙ୍କ ସ୍ୱାଧୀନତାର ମୂଲ୍ୟବୋଧ ଓ କ୍ରାନ୍ତିକାରୀ ସଂଗ୍ରାମ ପ୍ରତିଟି ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ। ଅଦମ୍ୟ ସାହସ ଓ ମାଟି ମା'ର ସେବାରେ ଉତ୍ସର୍ଗୀକୃତ ତ୍ୟାଗ ପାଇଁ ସେ ଚିରନମସ୍ୟ ବୋଲି ନବୀନ କହିଛନ୍ତି। ଠିକ୍ ସେହିପରି ପରାକ୍ରମ ଦିବସ ଅବସରରେ ବିଶେଷ କରି ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଅଭିଭାଷଣ ରଖିଛନ୍ତି। ସମସ୍ତ ଦେଶବାସୀଙ୍କୁ ପରାକ୍ରମ ଦିବସର ଶୁଭେଚ୍ଛା ଜଣାଇ ଭିଡ଼ିଓ ବାର୍ତ୍ତା ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଣ୍ଡାମାନ ନିକୋବରରେ ପରିକ୍ରମା ଦିବସ ସ୍ୱତନ୍ତ୍ର । ସ୍ୱାଧୀନ ଭାରତର ପ୍ରଥମ ସୂର୍ଯ୍ୟୋଦୟର ସାକ୍ଷୀ ଆଣ୍ଡାମାନ। ଗୁଲାମୀ ଯୁଗ ଶେଷ ହୋଉ ଏବେ ନିଜ ପରିଚୟରେ ବଞ୍ଚିଛି ଆଣ୍ଡାମାନ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ପରାକ୍ରମ ଦିବସ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, '' ଜାନୁଆରୀ ୨୩ ଏହି ଗୌରବଶୀଳ ତାରିଖ ସ୍ୱତନ୍ତ୍ର। ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ। ନେତାଜୀଙ୍କ ପରାକ୍ରମ, ସୌର୍ଯ୍ୟ ଆମକୁ ପ୍ରେରଣା ଦିଏ। ନେତାଜୀଙ୍କ ପ୍ରତି ଶ୍ରଦ୍ଧାଭାବରେ ପରିପୂର୍ଣ୍ଣ କରିଥାଏ। ବିଗତ ବର୍ଷରେ ପରାକ୍ରମ ଦିବସ ଦେଶର ରାଷ୍ଟ୍ରୀୟ ଭାବନା ଜାତୀୟ ଏକତାର ଅଭିନ୍ନ ପର୍ବ ହୋଇଛି। ଏହା ଏକ ସଂଯୋଗ ଜାନୁଆରୀ ୨୩ରେ ପରାକ୍ରମ ଦିବସ, ଜାନୁଆରୀ ୨୫ରେ ମତଦାତା ଦିବସ, ଜାନୁଆରୀ ୨୬ରେ ଗଣତନ୍ତ୍ର ଦିବସ, ୨୯ ଜାନୁଆରୀରେ ଭିଟି ରିଟ୍ରିଟ୍। ଗଣତନ୍ତ୍ରର ମହାପର୍ବ ପାଳନର ନୂଆ ପରମ୍ପରା ହୋଇଛି। ଏହା ଅବସରରେ ଦେଶବାସୀଙ୍କୁ ପରାକ୍ରମ ଦିବସରେ ଅନେକ ଅନେକ ଶୁଭେଚ୍ଛା । ୨୦୨୬ରେ ପରାକ୍ରମ ଦିବସରେ ମୁଖ୍ୟ ଆୟୋଜନ ଆଣ୍ଡାମାନ ନିକୋବରରେ ହେଉଛି । ସୌର୍ଯ୍ୟ, ପରାକ୍ରମ, ବଳିଦାନରେ ଓତଃପ୍ରୋତ ଆଣ୍ଡାମାନର ଇତିହାସ।

## ଅନୁକୂଳ ହେଲା ରଥକାଠ ...

ଶିମିଳି କାଠ, ଏପରି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥାଏ। ଗତବର୍ଷର ୪୭ ଖଣ୍ଡ କାଠ ବଳି ପଡ଼ିଥିଲା। ଏଣୁ ଚଳିତବର୍ଷ ରଥଯାତ୍ରା ପାଇଁ ୮୧୮ ଖଣ୍ଡ ରଥ କାଠ ମଗାଯାଇଥିଲା। ଏ ଭିତରେ ପ୍ରଥମ ପର୍ଯ୍ୟାୟରେ ୮୩ ଖଣ୍ଡ ଧଉରା ଓ ଅସନ କାଠ ନୟାଗଡ଼ ଦଶପଲ୍ଲା ରେଞ୍ଜରୁ ଆସି ସାରିଛି। ପର୍ଯ୍ୟାୟକ୍ରମେ ବାକି କାଠ ପହଞ୍ଚିବା ପରେ ପବିତ୍ର ରାମନବମୀରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ନୀତି ଅନୁଷ୍ଠିତ ହେବ।

## ସଂଖ୍ୟା ନଥାଇ ପ୍ରାର୍ଥୀ ଦେବାକୁ ...

ପଟ୍ଟନାୟକ ବୃତାନ୍ତ ନିଷ୍ପତ୍ତି ନେବେ। ରାଜ୍ୟସଭା ଅଙ୍କ କାହାକୁ ଜଣାନାହିଁ ବୋଲି ଅରୁଣ କଟାକ୍ଷ କରି କହିଛନ୍ତି୪ଟି ଆସନ ପାଇଁ ବିଜେପିର ୨ଟି ଓ ବିଜେଡିର ଗୋଟିଏ ଯିବା ନିଶ୍ଚିତ। କଂଗ୍ରେସ ପାଖେ ସଂଖ୍ୟା ନାହିଁ। ଚତୁର୍ଥ ଆସନ ପାଇଁ ଆଲୋଚନା ହେଉଛି । ଏହାର ଭାଗ୍ୟ କ'ଣ ହେବ କାହାକୁ ଜଣାନାହିଁ କ୍ଷ ମୁଁ ଅପିଲ କରିବି ଚତୁର୍ଥ ଆସନ ପାଇଁ ଓଡିଶାର ଜଣେ ପ୍ରତିଭାବାନ ବ୍ୟକ୍ତିଙ୍କୁ ଦିଲ୍ଲୀ ପଠାଇବା ପାଇଁ ଆଲୋଚନା କରାଯାଉ । ରାଜ୍ୟସଭା ନିର୍ବାଚନ ଲାଗି ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଏବେଠାରୁ ଅଙ୍କକଷା ଆରମ୍ଭ କରିଛନ୍ତି । ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜ୍ୟସଭା ଗଣିତର ଅସଲ କାର୍ଡ ଖୋଲିବେ ତିନି ପ୍ରମୁଖ ରାଜନୈତିକ ଦଳ ।

## ସିଡିଏ ଜମି ଜାଲିଆତି ...

ସହିତ ସିଡିଏ ପାଇଁ ଏକ ଅତ୍ୟାଧୁନିକ କୋଠା ନିର୍ମାଣ କରିବାକୁ ଏହି ଟେଣ୍ଡର ଆହ୍ୱାନ କରାଯାଇଥିଲା। ସଂପୃକ୍ତ ସଂସ୍ଥା ଏହି ଅଢ଼େଇ ଏକର ଜମି ନେବ। ସେଥିରୁ କିଛି ଅଂଶରେ ସିଡିଏ ପାଇଁ କୋଠା ନିର୍ମାଣ କରିବ। ବାକି ଜମିକୁ ସେ ନିଜ ନିୟନ୍ତ୍ରଣରେ ରଖି ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରିପାରିବ। କିନ୍ତୁ ଏହି ମୂଲ୍ୟବାନ ଜମିକୁ ୨/୩ କୋଟିରେ ତ ଟେକି ଦିଆଗଲା, ଏଥିପାଇଁ ଟେଣ୍ଡର ନିୟମକୁ ବି ଅଣଦେଖା କରି ଦିଆଗଲା ? ଏବେ ପ୍ରଶ୍ନ ଉଠୁଛି ଯେ ଅଢ଼େଇ ଏକର ଜମିର ବିକାଶ କରି ସେଥିରେ ୬୦ କୋଟିର ଏକ କୋଠା ନିର୍ମାଣ କରିବା ପାଇଁ ଯେଉଁ ଟେଣ୍ଡର ଆହ୍ୱାନ କରାଯାଇଛି ସେଥିରେ ସଂସ୍ଥାର ବୈଷୟିକ ଯୋଗ୍ୟତା, ଦକ୍ଷତା ଅଥବା ଅନୁଭବ ସଂପର୍କିତ ସର୍ତ୍ତ କାହିଁକି ରଖାଯାଇ ନାହିଁ ? ଯେଉଁ ସଂସ୍ଥାକୁ ଯୋଗ୍ୟ ବିବେଚିତ କରିବା ପାଇଁ ଏତେ ସବୁ ମସୁଧା ହୋଇଛି, ତାହାର ନିର୍ମାଣ କ୍ଷେତ୍ରରେ କୌଣସି ବିଶେଷ ଦକ୍ଷତା, ଅଭିଜ୍ଞତା ଅଥବା ଅନୁଭବ ରହିଛି କି ? ଏ ସଂପର୍କିତ ଯାଞ୍ଚ କେଉଁ ସଂସ୍ଥା ଦ୍ୱାରା କରାଯାଇଛି ? କେଉଁ ଭରସାରେ ଏହି ମୂଲ୍ୟବାନ ଜମିକୁ ସିଡିଏ କର୍ତ୍ତୃପକ୍ଷ ଏହି ସଂସ୍ଥା ହାତକୁ ଟେକି ଦେବାକୁ ସୁରକ୍ଷିତ ମନେ କରିଛନ୍ତି ? କାହିଁକି ଅଭିଜ୍ଞ ନିର୍ମାଣକାରୀ ସଂସ୍ଥାଙ୍କ ପ୍ରସ୍ତାବ ଓ ଅଭିଯୋଗକୁ ସିଡିଏ କର୍ତ୍ତୃପକ୍ଷ ଅଣଦେଖା କରି ଟେଣ୍ଡର ଫଇସଲା କରିଛନ୍ତି ? ଏଭଳି ଅନେକ ପ୍ରଶ୍ନ ଏବେ ସଂପୂର୍ଣ୍ଣ ପ୍ରକ୍ରିୟାକୁ ସନ୍ଦେହଜନକ କରିଛି। ଏ ସଂପର୍କରେ ଆଜି ପୁଣି ସିଡିଏ ସଚିବ ଡକ୍ଟର ଶ୍ୱେତ କୁମାର ଦାଶଙ୍କ ପ୍ରତିକ୍ରିୟା ନେବାର ପ୍ରୟାସ ହେବାରୁ ସେ ଏ ସଂପର୍କରେ ଆସନ୍ତା ସୋମବାର ବେଳକୁ କହିବେ ବୋଲି ଜଣାଇଥିଲେ। ଏହି ଘଟଣା ଅଧିକ ସନ୍ଦେହ ବଢ଼ାଇଛି। ଅନ୍ୟପଟେ ଏ ସଂପର୍କରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ମତାମତ ଲୋଡ଼ାଯିବାରୁ ?ସେ ଏ ସଂପର୍କରେ ଯାଞ୍ଚ କରି ଦେଖିବେ ବୋଲି କହିଥିଲେ। ନଗର ଉନ୍ନୟନ କର୍ତ୍ତୃପକ୍ଷ ମଧ୍ୟ ଏହି ଘଟଣାର ଯାଞ୍ଚ କରାଯିବା ସହିତ ତଥ୍ୟ ସଂଗ୍ରହ କରାଯାଉଛି ବୋଲି କହିଛନ୍ତି। ସାଧାରଣ ଲୋକଙ୍କ ପାଇଁ ସହରରେ ଜମି ଖଣ୍ଡେ ପାଇବା ସ୍ୱପ୍ନ ହୋଇ ଯାଉଥିବା ବେଳେ ଅଢ଼େଇ ଏକର ମୂଲ୍ୟବାନ ଜମିକୁ ଏଭଳି ଗୋଟିଏ ସଂସ୍ଥାକୁ ଟେକି ଦିଆଯିବାର ପ୍ରୟାସ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି କରିଛି।

# ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ

**ସୁବର୍ଣ୍ଣପୁର(ଏନ୍.ଏମ୍.):** ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଗତ କାଲି ଜିଲ୍ଲା ସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଛାତ୍ରଛାତ୍ରୀ ଏବଂ ତୃଣମୂଳ ସ୍ତରର ମହିଳାମାନଙ୍କୁ ଶିଶୁମାନଙ୍କ ସୁରକ୍ଷା, ବାଲ୍ୟବିବାହରୁ ମୁକ୍ତି



ଏବଂ ବିଧବା ବିବାହ ଉପରେ ଗୁରୁତ୍ୱ ଦେଇଥିଲେ। ସେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇ ନାରୀମାନଙ୍କର ଉପଲବ୍ଧି ବିଷୟରେ ସ୍ମରଣ କରାଇଥିଲେ ଏବଂ ସମସ୍ତ ଉପସ୍ଥିତ ବ୍ୟକ୍ତିଙ୍କୁ ନିଜ ସ୍ତରରେ ବିଧବା ବିବାହକୁ ପ୍ରୋତ୍ସାହନ ଦେବାପାଇଁ କହିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରେଣୁକା ସୁନା, ସୋନପୁର ଉପଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ଶିଶୁ କନ୍ୟା ଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଇଥିଲେ। ଉପଜିଲ୍ଲାପାଳ ଶ୍ରୀମତୀ ରଥ କହିଥିଲେ ଯେ ନାରୀମାନେ ଆଜିକା ଦିନରେ କିଛି ମଧ୍ୟ କରିପାରିବେ ଏବଂ ନିଜ ଇଚ୍ଛାଅନୁସାରେ ଲକ୍ଷ୍ୟ ପ୍ରାପ୍ତି ପାଇଁ ପ୍ରୟାସୀ ହେବା ଉଚିତ। ସେ ଶାରୀରିକ ଭାବେ ଶକ୍ତିଶାଳୀ ହେବା ସହିତ ମୋବାଇଲ ଫୋନ୍‌ରୁ ଦୂରେଇ ରହି ବହି ପଢ଼ିବାକୁ ପରାମର୍ଶ ଦେଇଥିଲେ। ପରିଶେଷରେ ଜାତୀୟ ଶିଶୁ କନ୍ୟା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଶିଶୁ ଯୌନ ଶୋଷଣ ଅପରାଧର ସୁରକ୍ଷା ଅଧିନିୟମ ସମ୍ପର୍କିତ ଅଭିମୁଖୀକରଣ କାର୍ଯ୍ୟକ୍ରମ

**ଯାଜପୁର(ଏନ୍.ଏମ୍.) :** ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲ୍ଲା ପୋଲିସ ପ୍ରଶାସନ ଓ ରୁଚିକା ସମାଜ ମଙ୍ଗଳ ସଂଗଠନ ମିଳିତ ସହ ଯୋଗରେ ଶିଶୁ ମାନଙ୍କୁ ଯୌନ ଶୋଷଣ ଅପରାଧରୁ ସୁରକ୍ଷା ସମ୍ପର୍କିତ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି।ଉକ୍ତ ଅଭିମୁଖୀକରଣ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରତାପ ରାୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ଶିଶୁ ମଙ୍ଗଳ କମିଟିର ଅଧକ୍ଷା ରେକ୍ସୋନା ଜେନା, କିଶୋର ନ୍ୟାୟ ବୋର୍ଡ ର ସଦସ୍ୟା ପ୍ରୀତିଲତା ସାମନ୍ତରାୟ ପ୍ରମୁଖ ଅତିଥି ରୂପେ ଯୋଗ




ଦେଇ ନିଜ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ରେ, ରୋଜାଲିନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ରୁଚିକା ସମାଜ ମଙ୍ଗଳ ସଂଗଠନ ର କର୍ମକର୍ତ୍ତା ଅତିଥି ମାନଙ୍କୁ ପୁଷ୍ପ ବୃକ୍ଷ ପ୍ରଦାନ କରି ସମ୍ମାନିତ କରିଥିଲେ। ବିଷୟ ବିଶାରଦ ରୂପେ ଅବସର ପ୍ରାପ୍ତ ଜିଲ୍ଲା ଜଜ ଶ୍ରୀ ଗୟାଧର ପଣ୍ଡା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଯୋଗ ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂହ ଯୋଗଦେଇ ଆଇନର ବିଭିନ୍ନ ଦିଗ ଓ ପିଲାମାନଙ୍କ ଥଇଥାନ ଉପରେ ଆଲୋକପାତ କରିଥିଲେ। ଆଲୋଚନା ରେ ଡକ୍ଟର ବେଣୁଧର ସେନାପତି, ରଚିକା ସମାଜ ମଙ୍ଗଳ ସଂଗଠନ ଅଧିକାରୀ ଓ ଶ୍ରୀମତୀ ରେକ୍ସୋନା ଜେନା ଶିଶୁ ମାନଙ୍କ ମାନସିକତା କୁ ସଠିକ୍ ଭାବେ ବୁଝି କାର୍ଯ୍ୟ କରିପାରିଲେ ଶିଶୁ ମାନଙ୍କୁ ନ୍ୟାୟ ଦେଇ ପାରିବା ବୋଲି ପରାମର୍ଶ ଦେଇଥିଲେ। ଏହି କାର୍ଯ କ୍ରମ ରେ ବିଭିନ୍ନ ବିଭାଗ ଯଥା ବ୍ଲକ ଶିକ୍ଷା ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ଯୋଜନା ର ମହିଳା ପରିଦର୍ଶିକା ପୋଲିସ, ମହିଳା ଓ ଶିଶୁ, ଚିଲଡ୍ରେନ ହେଲ୍ପ ଲାଇନ, ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନ, ଏକକ ରହଣି କେନ୍ଦ୍ର , ଆଇନ ବିଭାଗ , ଶିଶୁ ମଙ୍ଗଳ କମିଟି ସଦସ୍ୟ , କିଶୋର ନ୍ୟାୟ ପରିଷଦ ସଦସ୍ୟ ମାନେ ଯୋଗଦେଇଥିଲେ. । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଅଧିକାରୀ ତପନ କୁମାର ପାତ୍ର, କାଳୀ ପ୍ରସାଦ ସାହୁ ଓ ରୁଚିକା ସଂଗଠନ ର ମନୋରଞ୍ଜନ ସାହୁ, ସସ୍ମିତା ସାହୁ ଓ ତପନ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରୁଚିକା ସଂଗଠନର ସମ୍ପାଦକ ଉମାଶଙ୍କର ଷଡ଼ଙ୍ଗୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ନବଜାତ ଶିଶୁର ପରିଚୟ ଖୋଜୁଛି ପ୍ରଶାସନ

**ବାରିପଦା(ଏନ୍.ଏମ୍.):** କୁଆଁରୀ ମାତୃତ୍ୱକୁ ଲୁଚାଇବାକୁ ଯାଇ ନବଜାତ ସଦ୍ୟ ଶିଶୁକୁ ଜନ୍ମଦାତ୍ରୀ ମା' ଠାରୁ ଅଲଗା ରଖି ଚଞ୍ଚକତା ପୂର୍ବକ ପିତାମାତାର ପରିଚୟ ସୃଷ୍ଟି କରି ଶିଶୁସୁରକ୍ଷା ଆଇନର ଖୋଲାଖୋଲି ଉଲଙ୍ଘନ ଘଟଣାରେ ମୋରଡା ଅଞ୍ଚଳରେ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ମିଳିଥିବା ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅଞ୍ଚଳର ଜଣେ ଅବିବାହିତା ଯୁବତୀ ଅନୈତିକ ସମ୍ପର୍କରୁ ଗର୍ଭବତୀ ହୋଇଥିଲେ। କିଛିଦିନ ପୂର୍ବରୁ ସରକାରୀ ଡାକ୍ତରଖାନାରେ ଜନୈକା ଅବିବାହିତା ଯୁବତୀ କନ୍ୟାସନ୍ତାନ ପ୍ରସବ କରିବାପରେ ଘଟଣା ଲୋକଲୋଚନକୁ ଅସିଥିଲା। ପ୍ରାଥମିକ ତଦନ୍ତ ସମୟରେ ଅବିବାହିତା ଯୁବତୀ କନ୍ୟାସନ୍ତାନ ପ୍ରସବ କରିବାପରେ ଉକ୍ତ ଅଞ୍ଚଳର ଜଣେ ଯୁବକ ଅତ୍ୟନ୍ତ ଚତୁରତାର ସହ ସମ୍ପୃକ୍ତ ଶିଶୁର ଜନ୍ମକଲା ପିତାମାତାଙ୍କ ନାମ ବଦଳାଇ ଅନ୍ୟ ନାମରେ ପଞ୍ଜିକୃତ କରାଇଥିଲା। ଏଥିପାଇଁ ଡାକ୍ତରଖାନା କର୍ମଚାରୀ ତାଙ୍କୁ ସହଯୋଗ କରିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ଏପରିକି ପିଲା ପ୍ରସବ ପରେ ମାଆଠାରୁ ଛୁଆକୁ ଅଲଗା କରି ଗୋପନରେ ନିଜ ଘରେ ନେଇ ରଖିଥିଲା।ଏ ସମ୍ପର୍କରେ ସୁରାକ ମିଳିବାମାତ୍ରେ ମୋରଡା ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ,ଏଏନଏମ ଦିଦି ସମ୍ପୃକ୍ତ ଦମ୍ପତିଙ୍କ ଘରକୁ ଯାଇ ଘଟଣାର ତଦନ୍ତ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ତଦନ୍ତ ସମୟରେ ପିଲା ପ୍ରସବ ସମ୍ପର୍କିତ ଏବଂ ଗର୍ଭଧାରଣ ପରଠୁ ଚିକିତ୍ସା ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ଦେଖାଇ ପାରିନଥିଲେ। ଯାହାକୁ ନେଇ ସନ୍ଦେହ ଉପୁଜିଥିବାବେଳେ ଏନେଇ ଜିଲ୍ଲା ଶିଶୁସୁରକ୍ଷା ବିଭାଗକୁ ଅବଗତ କରାଇଛନ୍ତି। ଏଥିସହ ପ୍ରକୃତରେ ଶିଶୁ କାହାର ଏବଂ ଘଟଣାର ସତ୍ୟାସତ୍ୟ ଜାଣିବାକୁ ମୋରଡା ଥାନାକୁ ଲିଖିତ ଭାବରେ ଜଣାଇଥିବା ସୂଚନା ମିଳିଛି। ଅପର ପକ୍ଷରେ ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡ଼ିବା ସହ ଯେଉଁମାନଙ୍କର ଏଥିରେ ସମ୍ପୃକ୍ତି ଥିବ, ସେମାନେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ମହାତ୍ମାଗାନ୍ଧୀ ରାସ୍ତା କାର୍ଯ୍ୟରେ ଅନିୟମିତତା ଅଭିଯୋଗ
# ଜିଲ୍ଲାପାଳଙ୍କ ଦୃଷ୍ଟି କେବେ ପଡିବ ?

**ବାରିପଦା (ଏନ୍.ଏମ୍.):** ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ସାମାଖୁଣ୍ଟା ବାଲିଡ଼ିହା ଗ୍ରାମପଞ୍ଚାୟତ ଅଧିନସ୍ଥ ନୂଆଗାଁ ଗ୍ରାମରେ ଦୁଇଟି ରାସ୍ତାକାର୍ଯ୍ୟ ହେଉଛି। ଗୋଟିଏ ଗୌରମୋହନ ଘରଠାରୁ ଏସ ଏସ ଡି ଉଚ୍ଚ



ବିଦ୍ୟାଳୟ ଓ ଅନ୍ୟଟି ଏସ ଏସ ଡି ଉଚ୍ଚ ବିଦ୍ୟାଳୟ ଠାରୁ ଶୀତଳା ମନ୍ଦିର ପର୍ଯ୍ୟନ୍ତ। ପ୍ରତ୍ୟେକ କାର୍ଯ୍ୟର ଅଟକଳ ମୂଲ୍ୟ ୮ ଲକ୍ଷ ଟଙ୍କା ରହିଅଛି । କିନ୍ତୁ କାର୍ଯ୍ୟ ଦୁଇଟି ଗ୍ରେଡ ୧ ମେଟାଲ ଓ ମୋରମରେ କାର୍ଯ୍ୟ ହେବା ନିମନ୍ତେ ଫଳକରେ ଉଲ୍ଲେଖ ରହିଅଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟି ଠିକାଦାର ରାସ୍ତାରେ ମେଟାଲ ନପକାଇ କେବଳ ମୋରମ ପକାଇ ଦେଇଛନ୍ତି।ଏହାସହ ରାସ୍ତାରେ ରୋଲର ମଧ୍ୟ ଚଳାଉ ନାହାନ୍ତି। ଯାହାକୁ ନେଇ ସ୍ଥାନୀୟ ବାସୀନ୍ଦା ମହେଶ୍ୱର ମହାନ୍ତ, ପ୍ରତାପଚନ୍ଦ୍ର ମହାନ୍ତ ଓ ହେମନ୍ତ ମହାନ୍ତ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ କନିଷ୍ଠ ଯନ୍ତ୍ରୀ ସ୍ମିତା ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ରାସ୍ତା କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇନାହିଁ। ପ୍ରଥମ ପର୍ଯ୍ୟାୟରେ କେବଳ ମୋରମ ପଡିଛି । ଏହା ଉପରେ ମେଟାଲ ପଡିବ ଓ ପୁଣି ତା ଉପରେ ମୋରମ ପଡି ରୋଲିଂ କରାଯିବ। ବ୍ଲକରେ ବର୍ତ୍ତମାନ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ଅନେକ ରାସ୍ତାକର୍ଯ୍ୟ ଚାଲୁ ରହିଛି। ଅଧିକାଂଶ କାର୍ଯ୍ୟରେ ଠିକାଦାର ବିନା ମେଟାଲରେ କେବଳ ମୋରମ ପକାଇ ରାସ୍ତାକାର୍ଯ୍ୟ ଶେଷ କରିଦେଉଛନ୍ତି। ଯାହାଫଳରେ ଦୁଇତିନିମାସ ମଧ୍ୟରେ ରାସ୍ତାର ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇପଡୁଛି। ଏଥିପ୍ରତି ମୟୁରଭଞ୍ଜ ଜିଲ୍ଲାପାଳଙ୍କ ଦୃଷ୍ଟି ପଡୁ ବୋଲି ଗ୍ରାମବାସୀ କହିଛନ୍ତି।

# ଜାତୀୟ ଶିଶୁ କନ୍ୟା ସପ୍ତାହ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ସମାବେଶ

**ନବରଙ୍ଗପୁର(ଏନ୍.ଏମ୍.):** ଜାତୀୟ ଶିଶୁ କନ୍ୟା ସପ୍ତାହ ପାଳନ ଅବସରରେ ଜିଲ୍ଲାପ୍ରଶାସନ ନବରଙ୍ଗପୁର ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ମିଳିତ ସହଯୋଗରେ ଆଜି ନବରଙ୍ଗପୁର ମିଶନ ଶକ୍ତି ସଭା ଗୃହ ଠାରେ ଜିଲ୍ଲା ସ୍ତରୀୟ ଶିଶୁ କନ୍ୟା ଦିବସ ପାଳନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏହି ଦିବସର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରି ସମାଜରେ ଝିଅ ମାନେ ସମ୍ମୁଖୀନ ହେଉଥିବା ନାନାଦି ସମସ୍ୟା ଓ ଅସମାନତା ବିଷୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ୨୦୦୮ ମସିହାରୁ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ଶିଶୁ କନ୍ୟା ଦିବସ ଆରମ୍ଭ କରାଯାଇଥିଲା ବୋଲି କହିଥିଲେ। ଗତ ୧୮ ରୁ ୨୪ଯାଏଁ , ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ




ବାଳିକାମାନଙ୍କ ମାନଙ୍କ ସୁରକ୍ଷା ଏବଂ ସେମାନଙ୍କର ପାଇଁ ଏକ ସୁସ୍ଥ ଏବଂ ନିରାପଦ ପରିବେଶ ସୃଷ୍ଟି ବିଷୟରେ ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ଅତିରିକ୍ତ ଜିଲ୍ଲାପାଳ ନିଜ ବକ୍ତବ୍ୟରେ ଝିଅ ମାନଙ୍କ ପ୍ରଗତି ପାଇଁ ହେଉଥିବା ସମସ୍ତ ପ୍ରଚେଷ୍ଟାର ସଫଳ ରୂପାୟନ ସେତେବେଳେ ହେଇପାରିବ, ଯେତେବେଳେ ଆମେ ମାନସିକ ସ୍ତରରେ ଝିଅମାନଙ୍କୁ ସେମାନଙ୍କର ଅଧିକାର ଦେବା ପାଇଁ ପ୍ରସ୍ତୁତ ହେବା । ଆଜିର ସମାଜ ପାଇଁ ପ୍ରଥମେ କ୍ୟାରିଅର ପରେ ବିଭାଘର ର କଥା ଉଭୟ ଅଭିଭାବକ ଓ ପିଲାମାନେ ବୁଝିବା ନିତାନ୍ତ ଦରକାର ବୋଲି କହିଥିଲେ । ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ ନାରୀ ମାନଙ୍କର ଶିକ୍ଷା ଓ ବାଲ୍ୟ ବିବାହକୁ ରୋକିବା , ଘରୋଇ ହିଂସା କୁ ରୋକିବାରେ ପାଇଁ ବ୍ୟାପକ ଜନ ସଚେତନତା ଓ ଆଇନ ଗତ ପଦକ୍ଷେପ ନେବାପାଇଁ ଉପସ୍ଥିତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ୟୁନିସେଫ ଜିଲ୍ଲା ସଂଯୋଜକ ଫକିର ଚରଣ ରାଉତଙ୍କ ସଂଯୋଜନାରେ ହୋଇଥିବା ଏହି ସମାବେଶରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ପୋଲିସ ଉପ ଅଧୀକ୍ଷକ ସରୋଜ ପୁନମ କିସ୍ପୋଟା , ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ, ଲିଙ୍ଗ ସମ୍ବେଦନଶୀଳତା ବିଶେଷଜ୍ଞ ମମତା ପରିଛା ,ନବରଙ୍ଗପୁର ମହା ବିଦ୍ୟାଳୟ ଅଧ୍ୟାପିକା ସଂଗୀତା ତ୍ରିପାଠୀ ,ସମାଜ ସେବୀ ମନୋରମା ମାଝି, ଶିଶୁ ମଙ୍ଗଳ କମିଟିର ଅଧକ୍ଷ୍ୟ ଅଜନ୍ତା ପ୍ରିୟଦର୍ଶିନୀ, ସିଡିପିଓ ସସ୍ମିତା ମହାନ୍ତି, ବିରଜାରଜା ମୋହିନୀ ପାଙ୍ଗି, ବିନୀତା ଜେଠି, ଅନୁଷ୍ଠାନ ଯତ୍ନ ଅଧିକାରୀ କୁନିମଣୀ ସ୍ୱାଇଁ, କାଉନସେଲର ଶର୍ମିଷ୍ଠା ଦେଓ, ୱାନଷ୍ଟପ ସେଣ୍ଟର ପକ୍ଷରୁ ରଞ୍ଜିତା ସାହୁ, ଆଇନଜୀବୀ କିଶୋରୀ ପଟ୍ଟନାୟକ, ମହିଳା ସଶକ୍ତି କରଣ ହବ ର ସଂଯୋଜିକା ସରିତା ରାଣୀ ପାଣି, ଆର୍ଥିକ ସାକ୍ଷରତା ବିଶେଷଜ୍ଞ ସସ୍ମିତା ପାତ୍ର, ଲିଙ୍ଗ ସମ୍ବେଦନଶୀଳତା ବିଶେଷଜ୍ଞ ପ୍ରୀତି କୁମାରୀ ବାଘ ପ୍ରମୁଖ୍ୟ ବକ୍ତା ମାନେ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ୬ ଜଣ କିଶୋରୀ ମାନଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ଅତିରିକ୍ତ ଜିଲ୍ଲାପାଳ ସମ୍ମାନିତ କରିଥିଲେ।

# ଇଏସଆଇସି ମେଡିକାଲ କଲେଜ ସ୍ଥାନାନ୍ତରକୁ ନେଇ ସିଟୁର ବିରୋଧ

**ରାଉରକେଲା(ଏନ୍.ଏମ୍.):** ଇଏସଆଇସି ମେଡିକାଲ କଲେଜ ଓ ହସ୍ପିଟାଲ୍‌କୁ ଭୁବନେଶ୍ୱର ଉଠାଇ ନେବାକୁ ଯୋଜନା ଚାଲିଥିବା ଅଭିଯୋଗ କରିଛି ସିଟୁ ସଂଗଠନ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଆଇଟିୟୁର ରାଷ୍ଟ୍ରୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତି କହିଛନ୍ତି ଯେ, ଗୋଟିଏ ପଟେ ରାଉରକେଲାରେ ଇଏସଆଇସି ସୁପର୍ ସ୍ପେଶିଆଲିଟି ହସ୍ପିଟାଲ୍ ଏବଂ ମେଡିକାଲ କଲେଜ୍ ପ୍ରତିଷ୍ଠା ଦାବି ହେଉଥିବା ବେଳେ ଏବେ ଏହାକୁ ଭୁବନେଶ୍ୱରକୁ ନେଇଯିବା ଚକ୍ରାନ୍ତକୁ ବିରୋଧ କରାଯାଉଛି । ରାଉରକେଲାରେ ଏହି ହସ୍ପିଟାଲ୍




ଏବଂ କଲେଜ୍ ପ୍ରତିଷ୍ଠା ହେଲେ ସମ୍ବଲପୁର , ଝାରସୁଗୁଡ଼ା, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାର ଶ୍ରମିକ କର୍ମଚାରୀ ମାନେ ଉପକୃତ ହେବେ। ସୁନ୍ଦରଗଡ଼ ଏକ ଖଣି ଖାଦାନ ଶ୍ରମିକ ବହୁଳ ଜିଲ୍ଲା ଏବଂ ଏହି ୪ଟି ଜିଲ୍ଲାରେ ଲକ୍ଷ ଲକ୍ଷ ଶ୍ରମିକ କର୍ମଚାରୀ, ଖଣି ଖାଦାନ, କଳ କାରଖାନାରେ କାମ କରନ୍ତି। ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଉରକେଲାରେ ଇଏସଆଇସି ହସ୍ପିଟାଲ୍‌ର ଆବଶ୍ୟକତା ରହିଛି। ଏଠାରୁ ମେଡିକାଲ ଓ ହସ୍ପିଟାଲ୍ ଭୁବନେଶ୍ୱରକୁ ଉଠାଇ ନେବା ନିଷ୍ପତ୍ତିକୁ ବିରୋଧ କରାଯିବ। ଏହା ସଙ୍ଗେ ଏଠାରେ ସୁପର୍ ସ୍ପେଶିଆଲିଟି ଇଏସଆଇସି ହସ୍ପିଟାଲ୍ ଏବଂ ମେଡିକାଲ୍ କଲେଜ ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିବ ବୋଲି 'ସିଟୁ' ପକ୍ଷରୁ କୁହାଯାଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରମୋଦ ସାମଲ, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ରାଜ କିଶୋର ପ୍ରଧାନ, ହୃଦୟାନନ୍ଦ ଯାଦବ, ଯଯାତି କେଶରୀ ସାହୁ, ଅଜୟ ଶର୍ମା, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଅଜିତ୍ ଦାସ, ସୁଧାଂଶୁ ଜେନା, ସରୋଜ ବାର୍ଲା ପ୍ରମୁଖ ନେତୃତ୍ୱଙ୍କ ସହିତ ବହୁ ଇଏସଆଇ ବୀମାଭୁକ୍ତ ଶ୍ରମିକ ନେତା ଉପସ୍ଥିତ ଥିଲେ।




# ଟି-୨୦ ବିଶ୍ୱକପ ଖେଳିବନି ବାଂଲାଦେଶ, ସ୍କଟଲାଣ୍ଡ ହେବ ସାମିଲ !



**ମୁମ୍ବାଇ (ଏଜେନ୍ସି) :** ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ୨୦୨୬ ଟି-୨୦ ବିଶ୍ୱକପ ରୁ ବାଦ ପଡ଼ିଛି ବାଂଲାଦେଶ। ଭାରତରେ ନିଜର ମ୍ୟାଚ୍ ? ନ ଖେଳିବା ଜିଦରେ ବାଂଲାଦେଶ ଅଟଳ ରହିଥିବାରୁ ଆଇସିସି ପକ୍ଷରୁ ଦଳକୁ ବିଶ୍ୱକପରୁ ବାଦ ଦିଆଯାଇଛି। ଏ ସମ୍ପର୍କରେ ଆଇସିସି ଆସନ୍ତାକାଲି ବିଧିବଦ୍ଧ ଭାବେ ଘୋଷଣା କରିବ। ବାଂଲାଦେଶ ବିଶ୍ୱକପରୁ ବିଦା ହୋଇଥିବାରୁ ଏବେ ସ୍କଟଲ୍ୟାଣ୍ଡକୁ ଆଇସିସି ଟୁର୍ଣ୍ଣାମେଣ୍ଟରେ ସାମିଲ କରିବ। ବାଂଲାଦେଶ ସ୍ଥାନ ନେବ ସ୍କଟଲ୍ୟାଣ୍ଡ। ବାଂଲାଦେଶ ଯେଉଁ ସବୁ ସ୍ଥାନରେ ମ୍ୟାଚ୍ ଖେଳିବାର ଥିଲା, ସେଠାରେ ସ୍କଟଲ୍ୟାଣ୍ଡ ମ୍ୟାଚ୍ ଖେଳିବ। ସୁରକ୍ଷାର ଆଳ ଦେଖାଇ ଭାରତ ବାହାରକୁ ନିଜର ଗ୍ରୁପ ମ୍ୟାଚଗୁଡ଼ିକ ସ୍ଥାନାନ୍ତର କରିବାକୁ ଆଇସିସିକୁ ଅନୁରୋଧ କରିଥିଲା। ପ୍ରଥମେ ଆଇସିସି ବାଂଲାଦେଶ କ୍ରିକେଟ ବୋର୍ଡ ବା ବିସିବିକୁ ଭାରତରେ ମ୍ୟାଚ୍ ଖେଳିବା ପାଇଁ ବୁଝାଇଥିଲା। ତଥାପି ବିସିବି ନିଜ ଅନ୍ତରୀଣ ସରକାରଙ୍କ ରାଜନୀତିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଭାରତରେ ମ୍ୟାଚ୍ ନ ଖେଳିବା ଜିଦରେ ଅଟଳ ରହିଥିଲା। ଏସବୁ ଭିତରେ ବୁଧବାର(ଜାନୁଆରୀ ୨୧) ଆଇସିସିର ବଡ଼ ବୈଠକ ବସିଥିଲା। ଏହି ବୈଠକରେ ବାଂଲାଦେଶର ମ୍ୟାଚ୍ ସ୍ଥାନାନ୍ତର ଅନୁରୋଧକୁ ଆଇସିସି ଭୋଟିଂ ଦ୍ୱାରା ଖାରଜ କରିଥିଲା। ମ୍ୟାଚ୍ ସ୍ଥାନାନ୍ତର ସପକ୍ଷରେ ବିସିବି ଓ ପାକିସ୍ତାନ କ୍ରିକେଟ ବୋର୍ଡ ଭୋଟିଂ କରିଥିଲେ। ବାକି ୧୪ ରାଷ୍ଟ୍ର ବାଂଲାଦେଶ ବିଶ୍ୱକପ ମ୍ୟାଚ୍ ଭାରତରେ ଖେଳିବା ଉଚିତ ବୋଲି କହିଥିଲେ। ଏହାପରେ ଆଇସିସି ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ବାଂଲାଦେଶକୁ ୨୪ ଘଣ୍ଟାର ସମୟ ଦେଇଥିଲା। ଏହାକୁ ନେଇ ଆଜି ବିସିବି ଅଧିକାରୀ, ଜାତୀୟ ଟିମର କ୍ରିକେଟର ଓ ଅନ୍ତରୀଣ ସରକାର ପରାମର୍ଶଦାତା ଆସିଫ ନଜରୁଲ ବୈଠକ କରିଥିଲେ। ବୈଠକରେ ବାଂଲାଦେଶ ନିଜ ପୁରୁଣା ଜିଦରେ ଅଟଳ ରହିଥିବା କହିଛି। ଭାରତରେ ବାଂଲାଦେଶ ଟି-୨୦ ବିଶ୍ୱକପ ଖେଳିବ ନାହିଁ ଓ ଆଇସିସିର ମ୍ୟାଚ୍ ସ୍ଥାନାନ୍ତର ନିଷ୍ପତ୍ତିକୁ ବିସିବି ଅପେକ୍ଷା କରିଥିବା ବୈଠକ ପରେ ନଜରୁଲ ସୂଚନା ଦେଇଛନ୍ତି। ଭରତରେ ବାଂଲାଦେଶ ଖେଳିବାକ ରାଜି ନଥିବାରୁ ଆଇସିସି ଏହି ଦେଶର ଦଳକୁ ବିଶ୍ୱକପରୁ ବାଦ ଦେବ ବୋଲି ଜଣାପଡ଼ିଛି। ବାଂଲାଦେଶ କ୍ରୀଡ଼ା ପରାମର୍ଶଦାତା ଆସିଫ ନଜରୁଲ କହିଛନ୍ତି ଯେ "ଆଇସିସି ବାଂଲାଦେଶ ସହ ନିରପେକ୍ଷ ଭାବେ ବ୍ୟବହାର କରିନାହିଁ। ଆମକୁ ଆଇସିସି ନ୍ୟାୟ ଦେଇନି। ଆମେ କୌଣସି ବି ପରିସ୍ଥିତିରେ ମୁଣ୍ଡ ନୁଆଁଇବୁ ନାହିଁ। ବାଂଲାଦେଶ ବିଶ୍ୱକପ ନ ଖେଳିଲେ, ଏହାର ଅର୍ଥ କ'ଣ ସେକଥା ସମସ୍ତେ ବୁଝନ୍ତୁ। କୌଣସି ବି ପରିସ୍ଥିତିରେ ଆମେ ଆମ ଦେଶର ଖେଳାଳିଙ୍କ ସୁରକ୍ଷାରେ ବୁଝାମଣା କରିପାରିବୁ ନାହିଁ। ବାଂଲାଦେଶ ଟି-୨୦ ବିଶ୍ୱକପକୁ ବୟକଟ କରିବ। ଆମ ଖେଳାଳିମାନେ ପରିଶ୍ରମ କରି ବିଶ୍ୱକପ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ହେଲେ ସେମାନଙ୍କ ସୁରକ୍ଷାକୁ ଆଇସିସି ଗୁରୁତ୍ୱ ଦେଉନାହିଁ।" ବାଂଲାଦେଶ କ୍ରିକେଟ ବୋର୍ଡ ଉପ ସଭାପତି ଅନିମୁଲ ଇସଲାମ ବୁଲବୁଲ କହିଛନ୍ତି ଯେ ସେମାନେ ଆଇସିସିର ନିଜ ନିଷ୍ପତ୍ତି ପୁନର୍ବିଚାରକୁ ଅପେକ୍ଷା କରିଛନ୍ତ। କିନ୍ତୁ ଆଇସିସି ନିଜ ନିଷ୍ପତ୍ତି ବଦଳାଇବା ସମ୍ଭାବନା କ୍ଷୀଣ। ସେ କହିଛନ୍ତି, "ଆମେ ଆଇସିସିକୁ ଜାନୁଆରୀ ୪ରେ ଯୋଗାଯୋଗ କରିଥିଲୁ ଓ ବିକଳ୍ପ ଭେନ୍ୟୁ ସମ୍ପର୍କରେ ଜଣାଇଥିଲୁ। ଆମେ ସୁରକ୍ଷା ସମ୍ପର୍କିତ ଚିନ୍ତା କଥା ଜଣାଇବା ସହ ୧୯୯୬ ଓ ୨୦୦୩ରେ କ'ଣ ଘଟିଥିଲା, ସେକଥା କହିଥିଲୁ। ଶ୍ରୀଲଙ୍କା ହାଇବ୍ରିଡ ମଡେଲର ଅଂଶବିଶେଷ। ଆମେ ସେଠାରେ ଖେଳିବାକୁ ନିଜର ଇଚ୍ଛା ପ୍ରକାଶ କରିଥିଲୁ। ଆମେ ଆଇସିସିର ବିଭିନ୍ନ ଫୋରମରେ କେମିତି ନିଜକୁ ଉପସ୍ଥାପନ କରୁଛୁ, ସେକଥା ଦେଖୁଛୁ। ଆମ ଭଳି ଗୋଟିଏ ଦେଶ ଯଦି ବାହାରି ଯାଉଛି, ତା'ହେଲେ ସେମାନେ ଗୋଟିଏ ବଡ଼ କ୍ରିକେଟକୁ ଭଲ ପାଉଥିବା ଦେଶକୁ ହରାଇବେ। ଏଭଳି ଗୋଟିଏ ଦେଶର ଅନୁପସ୍ଥିତି ନିଶ୍ଚିତ ଭାବେ ଆୟୋଜକଙ୍କ ବିଫଳତା। ଆମେ ଆଶା ଛାଡ଼ିବୁ ନାହିଁ। ଆମେ ଉଦ୍ୟମ ଜାରି ରଖିବୁ। ଆମେ ବିଶ୍ୱକପ ଖେଳିବାକୁ ଚାହୁଁଛୁ। କିନ୍ତୁ ଆମେ ବିଶ୍ୱକପ ଭାରତରେ ଖେଳିବୁ ନାହିଁ। ଆମେ ଲଢ଼େଇ କରିବୁ। ଆଇସିସି ବୋର୍ଡ ବୈଠକରେ ନକିତ କରିବା ଭଳି ନିଷ୍ପତ୍ତି ନିଆଯାଇଥିଲା। ମୁସ୍ତାଫିଜୁର ରହମାନଙ୍କ ପ୍ରସଙ୍ଗରେ ଏହା ସୀମିତ ନଥିଲେ। ସେମାନେ(ଭାରତ) ସେହି ପ୍ରସଙ୍ଗରେ ଏକାକୀ ସବୁ ନିଷ୍ପତ୍ତି ନେଇଥିଲେ।" ଟି-୨୦ ବିଶ୍ୱକପ ଆସନ୍ତା ଫେବୃଆରୀ ୭ରୁ ଆରମ୍ଭ ହେବ। ମାର୍ଚ୍ଚ ୮ ଯାଏ ଚାଲିବାକୁ ଥିବା ବିଶ୍ୱକପର ଆୟୋଜନ ଭାରତ ଓ ଶ୍ରୀଲଙ୍କା କରୁଛନ୍ତି। ନଭେମ୍ବର ମାସରେ ଆଇସିସି ଜାରି କରିଥିବା ମ୍ୟାଚ୍ ? ସୂଚୀ ଅନୁସାରେ ବାଂଲାଦେଶ ତା'ର ଗ୍ରୁପ ପର୍ଯ୍ୟାୟ ମ୍ୟାଚଗୁଡ଼ିକ କୋଲକାତା ଓ ମୁମ୍ବାଇରେ ଖେଳିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଭାରତ ସହ ରାଜନୀତିକ ବିବାଦ କାରଣରୁ ବାଂଲାଦେଶ କ୍ରିକେଟ ବୋର୍ଡ ନିଜ ସରକାରଙ୍କ କଥାରେ ପରିଚାଳିତ ହୋଇ ଭାରତକୁ ଟିମ ପଠାଇବ ନାହିଁ ବୋଲି କହିଥିଲା। ଏଥିସହ ଭାରତ ବାହାରକୁ ନିଜର ମ୍ୟାଚ୍‌କୁ ସ୍ଥାନାନ୍ତର କରିବାକୁ କହିଥିଲା। ହେଲେ ଆଇସିସି ଆଜି ବିଧିବଦ୍ଧ ଭାବେ ବାଂଲାଦେଶର ସବୁ ଅନୁରୋଧକୁ ଅଗ୍ରାହ୍ୟ କରି ଦେଇଛି। ବାଂଲାଦେଶ ବିଶ୍ୱକପ ନ ଖେଳିଲେ ଗ୍ରୁପ ସିରେ ନୂଆଦଳ ଭାବେ ସ୍କଟଲ୍ୟାଣ୍ଡକୁ ସାମିଲ କରାଯିବ। ଏହି ଗ୍ରୁପରେ ପୂର୍ବରୁ ୱେଷ୍ଟଇଣ୍ଡିଜ, ଇଟାଲୀ, ଇଂଲଣ୍ଡ ଓ ନେପାଳ ରହିଛନ୍ତି।

## ରେକର୍ଡ଼ର ନୂଆ ଫର୍ଦ୍ଦ ଯୋଡ଼ିଲେ ପିଭି ସିନ୍ଧୁ

# ୫୦୦ ମ୍ୟାଚ୍ ଜିତିବାରେ ପ୍ରଥମ ଭାରତୀୟ

**ନୂଆଦିଲ୍ଲୀ (ଏଜେନ୍ସି) :** ଡବଲ୍ ଅଲିମ୍ପିକ୍ ପଦକ ବିଜୟିନୀ ଭାରତର ପିଭି ସିନ୍ଧୁଙ୍କ ସଫଳ କ୍ୟାରିୟରରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି । ସେ ପ୍ରଥମ ଭାରତୀୟ ଭାବେ ମହିଳା ସିଙ୍ଗଲ୍ସରେ ୫୦୦ ମ୍ୟାଚ୍ ଜିତିବାରେ ରେକର୍ଡ଼ ସ୍ଥାପନ କରିଛନ୍ତି । ଜାକର୍ତ୍ତାରେ ଚାଲିଥିବା ଇଣ୍ଡୋନେସିଆ ମାଷ୍ଟର୍ସ ବ୍ୟାଡ଼ମିଣ୍ଟନରେ ଆଜି ସେ ଡେନମାର୍କର




ଲିନ ହୋଜମାର୍କ ଜାର୍ସଫିଲ୍‌ଡଙ୍କୁ ହରାଇ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି । ବିଶ୍ୱର ଷଷ୍ଠ ମହିଳା ଖେଳାଳି ଭାବେ ସେ ୫୦୦ ମ୍ୟାଚ୍ ବିଜୟ କ୍ଲବରେ ସାମିଲ ହୋଇଛନ୍ତି । ମହିଳା ବର୍ଗ ପ୍ରି-କ୍ୱାର୍ଟରରେ ସିନ୍ଧୁ ୨୧-୧୯, ୨୧-୧୮ ଗେମ୍ରେ ଜାର୍ସଫିଲ୍‌ଡଙ୍କୁ ହରାଇ କ୍ୱାର୍ଟରରେ ସ୍ଥାନ ପକ୍କା କରିଥିଲେ । ସେ କ୍ୱାର୍ଟରରେ ଟପ୍ ସିଡ୍ ଚୀନର ଚେନ୍ ୟୁଫେଇଙ୍କୁ ଭେଟିବେ । ପୁରୁଷ ବର୍ଗରେ ଲକ୍ଷ୍ୟ ସେନ୍ କ୍ୱାର୍ଟର ପ୍ରବେଶ କରିଛନ୍ତି। ସେ ୨୧-୧୦, ୨୧-୧୧ରେ ହଂକଂର ଜାସନ ଗୁନାୱନଙ୍କୁ ହରାଇଥିଲେ । ଅନ୍ୟ ପଟରେ କେ. ଶ୍ରୀକାନ୍ତ ଓ ଅନମୋଲ ଖର୍ବଙ୍କ ଅଭିଯାନ ଶେଷ ହୋଇଛି ।

## ସର୍ବଭାରତୀୟ ଅନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହକି ଆରମ୍ଭ

# କିଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିଜୟୀ

ରାଉରକେଲା(ଏଜେନ୍ସି) : ଗୁରୁବାର ଠାରୁ ସର୍ବଭାରତୀୟ ଅନ୍ତଃବିଶ୍ୱବିଦ୍ୟାଳୟ ପୁରୁଷ ହକି ପ୍ରତିଯୋଗିତା ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିନରେ ମୋଟ ୮ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୫-୨ ଗୋଲ୍‌ରେ ଏମ୍‌ଏସ୍ ବିଶ୍ୱବିଦ୍ୟାଳୟ (ତାମିଲନାଡୁ)କୁ ପରାସ୍ତ କରିଥିବା ବେଳେ ପଞ୍ଜାବ ବିଶ୍ୱବିଦ୍ୟାଳୟ ୯-୪ ଗୋଲ୍‌ରେ ସାବିତ୍ରୀବାଈ ଫୁଲେ ପୁନେ ବିଶ୍ୱବିଦ୍ୟାଳୟକୁ, ଏଲ୍‌ଏନ୍‌ଆଇପିଇ (ଗ୍ୱାଲିୟର) ୩-୧ ଗୋଲ୍‌ରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟକୁ,




ଜୈନ ବିଶ୍ୱବିଦ୍ୟାଳୟ ୩-୨ ଗୋଲ୍‌ରେ ବୀର ବାହାଦୁର ସିଂହ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟକୁ, ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠ ୬-୧ ଗୋଲ୍‌ରେ ଗୁରୁକୁଳ କାଙ୍ଗ୍ରି ବିଶ୍ୱବିଦ୍ୟାଳୟକୁ, କିଟ୍ ବିଶ୍ୱବିଦ୍ୟାଳୟ ୧-୦ ଗୋଲ୍‌ରେ ବେଙ୍ଗାଲୁରୁ ସିଟି ୟୁନିଭର୍ସିଟିକୁ ଏବଂ ଲଭ୍‌ଲି ପ୍ରଫେସ୍‌ନାଲ ୟୁନିଭର୍ସିଟି ୮-୨ ଗୋଲ୍‌ରେ ରବୀନ୍ଦ୍ର ନାଥ ଟେଗୋର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ତେବେ ଏସ୍.ଆର୍.ଏମ୍.ବିଶ୍ୱବିଦ୍ୟାଳୟ ଓ ବର୍କାତୁଲ୍ଲା ବିଶ୍ୱବିଦ୍ୟାଳୟ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ରହିଥିଲା।

## ହରଭଜନ ସିଂଙ୍କ ଭବିଷ୍ୟବାଣୀ

# ଟି-୨୦ରେ ହଇଚଇ ସୃଷ୍ଟି କରିବେ ଅଭିଷେକ



**ନୂଆଦିଲ୍ଲୀ (ଏଜେନ୍ସି) :** ପୂର୍ବତନ ଭାରତୀୟ ସ୍ପିନର ହରଭଜନ ସିଂ ଜଣ ଖେଳାଳିଙ୍କୁ ନେଇ ଭବିଷ୍ୟବାଣୀ କରିଛନ୍ତି। ସେ ଟି-୨୦ କ୍ରିକେଟରେ ୧୦୦୦ ଛକା ମାରିପାରନ୍ତି। ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ପ୍ରଥମ ଟି-୨୦ ମ୍ୟାଚ୍‌ରେ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ଦେଖିବା ପରେ ଭଜ୍ଜି ଏହି ଭବିଷ୍ୟବାଣୀ କରିଥିଲେ ଏବଂ ଦାବି କରିଥିଲେ ଯେ ଯଦି ଅଭିଷେକ କୋହଲି ଏବଂ ରୋହିତଙ୍କ ପରି ଅଧିକ ଟି-୨୦ ମ୍ୟାଚ୍ ଖେଳିପାରନ୍ତି, ତେବେ ତାଙ୍କ ନାମରେ ୧୦୦୦ ଛକା ହେବ। ପ୍ରକାଶଥାଉକି, ପ୍ରଥମ ଟି-୨୦ ମ୍ୟାଚ୍‌ରେ ଅଭିଷେକ ଶର୍ମା ୮୪ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ ଯେଉଁଥିରେ ଏହି ବ୍ୟାଟ୍ସମ୍ୟାନ୍ ୮ଟି ଛକା ମାରିଥିଲେ। ହରଭଜନ କହିଛନ୍ତି, ଅଭିଷେକ ଶର୍ମା ସହଜରେ ଶତକ ହାସଲ କରିପାରିଥାନ୍ତେ, କିନ୍ତୁ ସେ କଲେ ନାହିଁ। ସେ କହିଥିଲେ ଯେ ସେ ଆଉଟ୍ ହେଲେ ମଧ୍ୟ ସମାନ ବିସ୍ଫୋରକ ଢଙ୍ଗରେ ବ୍ୟାଟିଂ ଜାରି ରଖିବେ। ମାନସିକତାରେ ଏହା ହିଁ ପାର୍ଥକ୍ୟ। ଏହା ଏକ ବଡ଼ କଥା ଯେ ସେ ନିଜ ବିଷୟରେ ଚିନ୍ତା କରିନଥିଲେ ଏବଂ ଦଳ ବିଷୟରେ ଚିନ୍ତା କରିଥିଲେ। ସେ ଏବେ ଯେଉଁଭଳି ବ୍ୟାଟିଂ କରୁଛନ୍ତି, ପ୍ରତ୍ୟେକ ଥର ସେ ୫୦ ରନ୍ କଲେ, ଟିମ୍ ଇଣ୍ଡିଆ ଜିତିଥାଏ। ସେ ଜଣେ ସୁପରଷ୍ଟାର, ଏବଂ ବୋଲରମାନଙ୍କ ପାଖରେ ତାଙ୍କ ପାଇଁ କୌଣସି ଜବାବ ନାହିଁ ।




NTV NISHKARSHA

ନିଷ୍କର୍ଷ NISHKARSHA

ପ୍ରତିଦିନ ଆପଣଙ୍କୁ ତାଜା ଖବର ଦେବା ପାଇଁ
ନିଷ୍କର୍ଷ ମିଡିଆ ଅଙ୍ଗୀକାରବଦ୍ଧ
ତେଣୁ ଆପଣ ନିଷ୍କର୍ଷ ସାପ୍ତାହିକଖବରକାଗଜ, ନିଷ୍କର୍ଷ ପୋର୍ଟାଲ,
ୟୁଟ୍ୟୁବ ଚାନେଲ ସହ ୨୪ଘଣ୍ଟିଆ ଚାନେଲ ଏନଟିଭି ଦେଖନ୍ତୁ
ସର୍ଚ୍ଚ କରନ୍ତୁ
nishkarsha.com

# ଭାରତୀୟ ଅଲିମ୍ପିକ୍ସ ପଦକ ବିଜୟିନୀ ସାଇନା ନେହୱାଲଙ୍କ ଅବସର

**ନୂଆଦିଲ୍ଲୀ (ଏଜେନ୍ସି) :** ଭାରତର ଷ୍ଟାର ସଟଲର୍ ଏବଂ ଅଲିମ୍ପିକ ପଦକ ବିଜେତା ସାଇନା ନେହୱାଲ ତାଙ୍କର ଅବସର ଘୋଷଣା କରିଛନ୍ତି । ଆଘାତ ଯୋଗୁ ଗତ ଦୁଇ ବର୍ଷ ଧରି ଖେଳି ନ ପାରିବା ପରେ ସେ ତାଙ୍କର ଅବସର ଘୋଷଣା କରିଥିଲେ। ସାଇନା ଶେଷ ଥର ପାଇଁ ୨୦୨୩ରେ ଖେଳିଥିଲେ, କିନ୍ତୁ ସେବେଠାରୁ ସେ ତାଙ୍କର ଅବସର ଘୋଷଣା କରି ନଥିଲେ । ଏବେ, ଏକ ପଡକାଷ୍ଟ ସମୟରେ, ସେ ସ୍ପଷ୍ଟ କରିଛନ୍ତି ଯେ ସେ ଆଉ ଖେଳିବେ ନାହିଁ । ଏହି ସମୟରେ, ସାଇନା ତାଙ୍କ ନିଷ୍ପତ୍ତି ପଛର କାରଣ ମଧ୍ୟ ବ୍ୟାଖ୍ୟା କରିଛନ୍ତି । ଗତ ଦୁଇ ବର୍ଷ ଧରି ଆହ୍ୱନରୁ ବାହାରେ ଥିବା ସାଇନା ନେହୱାଲ ବ୍ୟାଡମିଣ୍ଟନରୁ ଅବସର ନେଇଛନ୍ତି। ତାଙ୍କର ଶେଷ



ମ୍ୟାଚ ୨୦୨୩ ସିଙ୍ଗାପୁର ଓପନ ରେ ଥିଲା। ସେବେଠାରୁ ସେ ଆହ୍ୱନରେ ନାହାଁନ୍ତି, କିନ୍ତୁ ସେ ତାଙ୍କର ଅବସର ଘୋଷଣା କରି ନଥିଲେ। ତଥାପି, ଏକ ପଡକାଷ୍ଟ ସମୟରେ, ସେ ପ୍ରକାଶ କରିଛନ୍ତି ଯେ ସେ ଆଉ ବ୍ୟାଡମିଣ୍ଟନ ଖେଳିବେ ନାହିଁ ଏବଂ ତାଙ୍କ କ୍ୟାରିୟରର ଅନ୍ତ ଘଟାଇଛନ୍ତି। ଏକ ପଡକାଷ୍ଟରେ, ସାଇନା କହିଛନ୍ତି, 'ମୁଁ ଦୁଇ ବର୍ଷ ପୂର୍ବରୁ ଖେଳିବା ବନ୍ଦ କରିଦେଇଥିଲି। ମୁଁ ଅନୁଭବ କରିଥିଲି ଯେ ମୁଁ ନିଜ ଇଚ୍ଛାରେ ଏହି ଖେଳରେ ପ୍ରବେଶ କରିଥିଲି ଏବଂ ଏହାକୁ ନିଜ ଇଚ୍ଛାରେ ଛାଡି ଦେଇଥିଲି, ତେଣୁ ଏହା ଘୋଷଣା କରିବାର କୌଣସି ଆବଶ୍ୟକତା ନଥିଲା । ଯେତେବେଳେ ଆପଣ ଖେଳିପାରିବେ ନାହିଁ, ସବୁକିଛି ଶେଷ ହୋଇଗଲା।' ପୂର୍ବତନ ବିଶ୍ୱ ନମ୍ବର ୱାନ ସାଇନା ନେହୱାଲ ମଧ୍ୟ ତାଙ୍କ ଅବସର ପଛରେ କାରଣ ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ ଯେ ତାଙ୍କ ଆଣ୍ଠୁ ବହୁତ ଖରାପ ହୋଇଯାଇଥିଲା । କାର୍ଟିଲେଜ ସମ୍ପୂର୍ଣ୍ଣ ଭାବରେ ଜୀର୍ଣ୍ଣ ହୋଇଯାଇଥିଲା ଏବଂ ତାଙ୍କୁ ଆର୍ଥ୍ରାଇଟିସ ହୋଇଥିଲା, ଯାହା ଫଳରେ ଉଚ୍ଚ-ତୀବ୍ରତା ବା ହାଇ-ଇଣ୍ଟେନସିଟି ତାଲିମ ଜାରି ରଖିବା ଅସମ୍ଭବ ହୋଇଯାଇଥିଲା । ସାଇନା ଭାବନ୍ତି ଯେ ତାଙ୍କ ଅବସର ବିଷୟରେ ଏକ ବଡ଼ ଘୋଷଣା କରିବାର ଆବଶ୍ୟକତା ନାହିଁ । ସେ କୁହନ୍ତି, 'ଧୀରେ ଧୀରେ, ଲୋକମାନେ ବୁଝିବେ ଯେ ସାଇନା ଆଉ ଖେଳୁଛନ୍ତି ନା ନାହିଁ ।' ୩୫ ବର୍ଷୀୟ ସାଇନା ନେହୱାଲ କହିଥିଲେ ଯେ ତାଙ୍କ ଆଣ୍ଠୁ ଆଉ ତାଲିମ ସହ୍ୟ କରିପାରୁନାହିଁ । ପୂର୍ବ ପରି ଚାପରେ ଖେଳିବା କିମ୍ବା ତାଲିମ ନେବା କଷ୍ଟକର ହୋଇଯାଇଥିଲା । 'ମୁଁ ଅନୁଭବ କଲି ଯେ ମୋର ସମୟ ସରିଯାଇଛି । ପୂର୍ବରୁ, ମୁଁ ବିଶ୍ୱର ଶ୍ରେଷ୍ଠ ହେବା ପାଇଁ ୮-୯ ଘଣ୍ଟା ତାଲିମ ନେଉଥିଲି, କିନ୍ତୁ ବର୍ତ୍ତମାନ କେବଳ ଗୋଟିଏ କିମ୍ବା ଦୁଇ ଘଣ୍ଟା ପରେ ମୋର ଆଣ୍ଠୁ ହାର ମାନିବାକୁ ଲାଗିଲା ।ଅତ୍ୟଧିକ ତାଲିମ ପରେ, ଆଣ୍ଠୁ ଫୁଲିଯାଏ ଏବଂ ତା'ପରେ କଠିନ ପରିଶ୍ରମ କରିବା ଅସମ୍ଭବ ହୋଇଯାଏ । ତେଣୁ ମୁଁ ଭାବିଲି, ଏତିକି ଯଥେଷ୍ଟ, ଆଉ ନୁହେଁ ।'

# ଏବିଆଇଟି ଆଇଟିଆଇରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**କଟକ(ଏନ୍.ଏମ୍.) :** ଏବିଆଇଟି ଆଇଟିଆଇ ବିଭାଗ ପକ୍ଷରୁ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବୟାଳିଶୀମୌଜାସ୍ଥିତ ଖେଳ ପଡିଆରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଫିଟର ପାଠ୍ୟକ୍ରମର ଦ୍ୱିତୀୟ ବର୍ଷର ଛାତ୍ରମାନେ ଚମ୍ପିଆନ୍ ହୋଇଥିବା ବେଳେ ଇଲେକ୍ଟ୍ରିସିଆନ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷ ଛାତ୍ରମାନେ ରନର୍ସ ଅପ୍ ହୋଇଛନ୍ତି । ଏବିଆଇଟି ଆଇଟିଆଇର ଅଧ୍ୟକ୍ଷ ଶଶୀକାନ୍ତ ଲେଙ୍କାଙ୍କ ସଭାପତିତ୍ୱରେ ଏହି ଟୁର୍ଣ୍ଣାମେଂଟ୍‌ର ହୋଇଥିବାବେଳେ ଏହାର ଉଦଯାପନୀ ଉତ୍ସବରେ କ୍ୟାପିଟାଲ୍ ଆଇନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଅମରେଶ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ମାଧ୍ୟମରେ ମଣିଷ ଅନ୍ୟଜଣକ ହୃଦୟ ଜିତି ପାରିବ। ନିଜ ସ୍ୱାସ୍ଥ୍ୟର ବିକାଶ ସହିତ ସମାଜର ବିକାଶରେ ମଧ୍ୟ କ୍ରୀଡ଼ାର ଉପାଦେୟତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏବଂ ସମ୍ମାନିତ ଅତିଥିଭାବେ ଏବିଆଇଟି ପରିଚାଳନା ସମିତି ସଭ୍ୟ ବିଜୟ କେତନ ମହାପାତ୍ର ଯୋଗ ଦେଇ ଚମ୍ପିଆନ୍ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ୍‌ରେ ବିବେକ୍ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଓମ୍ ପ୍ରକାଶ ବେହେରା ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ଅତିଥିଙ୍କ ନିକଟରୁ ପୁରସ୍କାର ଗ୍ରହଣ କରିଥିଲେ। ଏବିଆଇଟି ଆଇଟିଆଇର କର୍ମକର୍ତ୍ତାମାନେ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନେ ଖେଳୁଆଡ଼ ମନବୃତ୍ତି ନେଇ ସମାଜରେ ନିଜର ତଥା ଦେଶର ଉନ୍ନତି କ୍ଷେତ୍ରରେ ନିଜକୁ ବିନିଯୋଗ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ